R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୯
ତିଥି : ପ୍ରତିପଦ
୨୪ ଏପ୍ରିଲ ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXVI, No. 199
24 April 2024, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

୨୬ରୁ ହିଟ୍‌ୱେଭ୍ ଚେତାବନୀ

ଭୁବନେଶ୍ୱର, ୨୩।୪ (ସବ୍ୟୁ) : ରାଜ୍ୟରେ ତାତି କମିବାର ନାଁ ଧରୁନି । ଆଭ୍ୟନ୍ତରରେ ପାରଦ କିଛିମାତ୍ରାରେ କମିଥିଲେ ମଧ୍ୟ ଉପକୂଳ ଜଳୁଛି । ୧୯୮୯ ଏପ୍ରିଲ୍ ୮ରେ ପାରାଦୀପରେ

୧୧ ଜିଲ୍ଲା ଲାଗି ଅଧିକ ବିପଦ
ତାପମାତ୍ରା ୪୬° ଛୁଇଁପାରେ
୩୫ ବର୍ଷର ରେକର୍ଡ ଭାଙ୍ଗିଲା ପାରାଦୀପ

୩୮.୨° ରେକର୍ଡ ହୋଇଥିଲା । ମଙ୍ଗଳବାର ୩୫ ବର୍ଷ ରେକର୍ଡ଼ ଭାଙ୍ଗିଛି ପାରାଦୀପ । ଏଠାରେ ଆଜି ସର୍ବୋଚ୍ଚ ତାପମାତ୍ରା ୩୮.୮° ଛୁଇଁଛି । ଆଗାମୀ ୫ ଦିନ ମଧ୍ୟରେ ତାପମାତ୍ରା ୪ରୁ ୬° ବୃଦ୍ଧି ପାଇବ । କେତେକ ଜାଗାରେ ସ୍ଥିତି ଭୟଙ୍କର ହୋଇପାରେ । (୯ ପୃଷ୍ଠାରେ)

ଫଟୋ : ଅତୁଲ୍ୟ

ସୁପ୍ରିମ୍‌କୋର୍ଟରୁ ମୋକିମ୍‌ଙ୍କୁ ଜାମିନ୍

କଟକ, ୨୩।୪ (ସବ୍ୟୁ) : ବାରବାଟୀ କଟକର କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ଆଜି ସୁପ୍ରିମକୋର୍ଟରୁ ଲାଗିଛି ବଡ ଝଟକା । ଓଡିଶା ଗ୍ରାମ୍ୟ ଓ ଗୃହ ନିର୍ମାଣ ଉନ୍ନୟନ ନିଗମ ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ଯେଉଁ ଦଣ୍ଡାଦେଶ ପ୍ରଦାନ କରିଥିଲେ ତାହା ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନାକରିଦେଇଛନ୍ତି ।ଫଳରେ ଆଗାମୀ ନିର୍ବାଚନରେ ସେ ଲଢ଼ିବାକୁ ଯେଉଁ ଆଶା ରଖିଥିଲେ ତା ବାଟ ବନ୍ଦ ହୋଇଯାଇଛି ।ତେବେ ତାଙ୍କୁ ଯେଉଁ ଜେଲ୍ ଦଣ୍ଡାଦେଶ ମିଳିଥିଲା ତାହା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଜାରି କରିଛନ୍ତି । ମୂଳ ମାମଲାର ବିଚାର ଶେଷ ନ ହେବା ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହୁଥିବାରୁ ତାଙ୍କୁ ଗିରଫ କରାଯାଇପାରିବନି ଏଥିରୁ ସ୍ପଷ୍ଟ ହୋଇଛି । ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଓଆରଏଚଡିସି ଦୁର୍ନୀତି ମାମଲାର ବିଚାର କରି ଗତ ୨୦୨୨ ସେପ୍ଟେମ୍ବର ୨୯ ତାରିଖରେ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ମୋକିମଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ । ଏହି ମାମଲାରେ

ଦୋଷୀ ସାବ୍ୟସ୍ତ ଉପରେ ମିଳିଲାନି ରହିତାଦେଶ

ଆଉ କେତେଜଣ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।ତେବେ ଭିଜିଲାନ୍ସ ଅଦାଲତଙ୍କ ରାୟକୁ ବିରୋଧ କରି ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ବେଳେ ତାଙ୍କ ପିଟିସନ ଖାରଜ ହୋଇଯାଇଥିଲା । ଏହାକୁ ବିରେଧ କରି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଏଥିରେ ୩ ଟି ମିସ୍‌କେସ ରୁଜୁ କରିଥିଲେ । ଚଳିତ ନିର୍ବାଚନରେ (୯ ପୃଷ୍ଠାରେ)

ମୋଦିଙ୍କ ମଙ୍ଗଳସୂତ୍ର ମନ୍ତବ୍ୟ

ବର୍ଷିଲେ ଫାରୁଖ ଅବଦୁଲ୍ଲା

ନୂଆଦିଲ୍ଲୀ, ୨୩।୪ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜସ୍ଥାନର ଏକ ସଭାରେ ମଙ୍ଗଳସୂତ୍ର ନେଇ ଦେଇଥିବା ବୟାନ ଉପରେ ଏବେ ରାଜନୈତିକ ବିବାଦ ବଢ଼ିବାରେ ଲାଗିଛି । ନ୍ୟାସନାଲ କନ୍‌ଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲା ଏହି ମନ୍ତବ୍ୟକୁ ସମାଲୋଚନା କରିବା ସହ ମୋଦିଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ଇସ୍‌ଲାମ୍ ଓ ଆଲ୍ଲା ଆମକୁ ଶିକ୍ଷା ଦେଇଛନ୍ତି ଯେ ସମସ୍ତଙ୍କ ସହ ଏକାଠି ଚାଲିବା ।

ପ୍ରଧାନମନ୍ତ୍ରୀ ରାଜସ୍ଥାନର ଏକ ସଭାରେ ରବିବାର କହିଥିଲେ ଯେ ଯଦି କଂଗ୍ରେସ କ୍ଷମତାକୁ ଆସେ ତେବେ ଆପଣମାନଙ୍କ ସମ୍ପତ୍ତିକୁ ମୁସ୍‌ଲିମ୍ ସମ୍ପ୍ରଦାୟ ମଧ୍ୟରେ ବାଣ୍ଟିଦେବ । ଏହି ପ୍ରସଙ୍ଗରେ ସେ ପୂର୍ବ ପ୍ରଧାନମନ୍ତ୍ରୀ ମନ୍‌ମୋହନ ସିଂଙ୍କ ମନ୍ତବ୍ୟକୁ ଅବତାରଣା କରିଥିଲେ । ମୋଦି କହିଥିଲେ ଯେ ଆପଣଙ୍କ କଷ୍ଟ ଉପାର୍ଜିତ ଧନ ଏପରିକି ମଙ୍ଗଳସୂତ୍ରକୁ ମଧ୍ୟ ଅନୁପ୍ରବେଶକାରୀ ଏବଂ ଯାହାର ଅଧିକ ସନ୍ତାନ ତାଙ୍କୁ ବାଣ୍ଟିଦେବେ । ଏହା ଉପରେ ପ୍ରତିକ୍ରିୟା ରଖି ଶ୍ରୀ ଅବଦୁଲ୍ଲା କହିଛନ୍ତି ଆମ ଧର୍ମ କେବେବି ଆମକୁ ଏଭଳି ଶିକ୍ଷା ଦେଇନାହିଁ । ଅନ୍ୟ ଧର୍ମ ଉପରେ ଦୃଷ୍ଟି ପକାଇବାକୁ ମଧ୍ୟ କହିନାହିଁ । ଜମି ଓ ଟଙ୍କାକୁ ସରକାରୀ କର୍ମଚାରୀ କିଭଳି ବାଣ୍ଟିବେ ବୋଲି ସେ ପ୍ରଶ୍ନ କରିଛନ୍ତି । ଅପରପକ୍ଷରେ (୯ ପୃଷ୍ଠାରେ)

ଜଳୁଛି ଜଙ୍ଗଲ : ୩୬୦ ସ୍ଥାନରେ ନିଆଁ

କେନ୍ଦୁଝର, ୨୩।୪ (ସ୍ୱପ୍ର) : କେନ୍ଦୁଝର ଜିଲ୍ଲାରେ ବ୍ୟାପକ ଅଞ୍ଚଳରେ ଜଳୁଛି ଜଙ୍ଗଲ। ଜିଲ୍ଲାର ୩ଟି ରେଞ୍ଜର ୩୬୦ଟି ସ୍ଥାନରେ ନିଆଁ ଲାଗିଥିବା କହିଛନ୍ତି ଡ଼ିଏଫ ଓ ଧନରାଜ ଏଚଡି। ଏସବୁ ମନୁଷ୍ୟକୃତ ବୋଲି ସେ କହିଛନ୍ତି। ପୋଡୁଚାଷ, ମହୁଲ ଫୁଲ ଗୋଟାଇବାକୁ ଯାଉଥିବା। ଲୋକମାନେ ନିଆଁ ଲଗାଉଛନ୍ତି । ଜିଲ୍ଲାର ଚମ୍ପୁଆରେ ୮୦ ଟି, କେନ୍ଦୁଝର ସଦରରେ ୫୫ ଟି ଓ ବଂଶପାଳ ରେଞ୍ଜରେ ୭୦ଟି ପଏଣ୍ଟରେ ନିଆଁ ଲାଗିଛ। ସେଥିମଧ୍ୟରୁ ସିଧମଠ, କାକୁଡିଆମ୍ବା, କାଞ୍ଜିପାଣି, ଚମକପୁର, ଠାକୁରାଣୀ ଓ କଳାପାଟ ଅଞ୍ଚଳରେ ଏହି ନିଆଁ ଲାଗିଛି।

ଡିଏଫ୍‌ଓଙ୍କ କହିବା ଅନୁସାରେ ଜଙ୍ଗଲରେ ୨୮୦ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ଜଙ୍ଗଲ ବାହାରେ ୮୦ଟି ସ୍ଥାନରେ ନିଆଁ ଲାଗିଛି। ପୋଡୁଚାଷ, ମହୁଲ ଫୁଲ ଗୋଟାଇବାକୁ ଯାଉଥିବା। ଲୋକମାନେ ନିଆଁ ଲଗାଉଛନ୍ତି। ଏହାଛଡ଼ା ଶିକାର ପାଇଁ ତଥା ଜାଳେଣି କାଠ ସଂଗ୍ରହ କରୁଥିବା ଲୋକେ ମଧ୍ୟ ଜଙ୍ଗଲରେ ନିଆଁ ଲଗାଉଥିବା କହିଛନ୍ତି । ଗତ ୭ ଦିନ ମଧ୍ୟରେ ତାତି ବଢ଼ିଥିବା ଯୋଗୁ ଅଧିକ ମାତ୍ରାରେ ନିଆଁ ବ୍ୟାପୁଥିବା ସେ କହିଛନ୍ତି।ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଗାଁ ଲୋକଙ୍କୁ ସଚେତନତା କରାଯାଉଛି ଏଥିପାଇଁ ୬୮୫ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ନିୟୋଜିତ କରାଯାଇଛି ଏହାଛଡ଼ା ନିଆଁ ଲିଭା କାର୍ଯ୍ୟରେ ୧୪୪ଟି ନିଆଁ ଲିଭା ମେସିନ, ୧୦୪ କର୍ମଚାରୀ ଓ ୧୦ଟି ରକ୍ଷକ ଗାଡ଼ି ନିୟୋଜିତ ହୋଇଛନ୍ତି। ଏଥିସହ ୧୨୩୫ କିମି ନିଆଁ ନଡେଇଁବା ରାସ୍ତା ତିଆରି କରାଯାଇଛି। ନିଆଁ ଲାଗିଥିବା ଖବର ପାଇବାର ୧ ଘଣ୍ଟା ମଧ୍ୟରେ ବନ ବିଭାଗ ପକ୍ଷରୁ ନିଆଁ ଲିଭାଯାଉଥିବା ଡିଏଫ୍‌ଓ କହିଛନ୍ତି ।

ବିଜେପିର ୪୦ ଜଣିଆ ଷ୍ଟାର ପ୍ରଚାରକ

ଭୁବନେଶ୍ୱର, ୨୩।୪ (ସବ୍ୟୁ) : ଆଗାମୀ ନିର୍ବାଚନରେ ଓଡ଼ିଶା ପାଇଁ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଛି ବିଜେପି । ଏହି ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ମଧ୍ୟରେ ଉଭୟ କେନ୍ଦ୍ରୀୟ ନେତୃତ୍ୱ ଓ ରାଜ୍ୟର କିଛି ନେତାଙ୍କ ସମେତ ସିନେଷ୍ଟାର ମାନଙ୍କୁ ମଧ୍ୟ ସ୍ଥାନ ଦିଆଯାଇଛି । ଓଡ଼ିଶା ପାଇଁ ଜାରୀ ହୋଇଥିବା ଷ୍ଟାର ପ୍ରଚାରକ ତାଲିକାରେ ପ୍ରଥମ ସ୍ଥାନରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେହିଭଳି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ନିତିନ ଗଡକରୀ, ଯୋଗୀ ଆଦିତ୍ୟନାଥ, ମୋହନ ଯାଦବ, ସ୍ମୃତି ଇରାନି, ଭୂପେନ୍ଦର ଯାଦବ, ଅଶ୍ୱିନୀ ବୈଷ୍ଣବ, ଜ୍ୟୋର୍ତିଆଦିତ୍ୟ ସିନ୍ଧିଆ, ଆସାମ, ଛତିଶଗଡ ମୁଖ୍ୟମନ୍ତ୍ରୀ ପ୍ରମୁଖଙ୍କ ସହିତ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସୁନିଲ ବଂଶଲ, କେନ୍ଦ୍ରମନ୍ତ୍ରୀ (୯ ପୃଷ୍ଠାରେ)

ଅମର ବିଜେଡିର ବରିଷ୍ଠ ଉପସଭାପତି

ଭୁବନେଶ୍ୱର, ୨୩।୪ (ସବ୍ୟୁ) : ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ ଦେଇଛି । ଏଥର ନିର୍ବାଚନରେ ବଡଚଣାରୁ ତାଙ୍କୁ ପ୍ରାର୍ଥୀ କରାଯାଇନଥିଲା । ସେଠାରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ କରାଯାଇଥିଲା । ଏହାକୁ ନେଇ ଅମରଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।

ଆଜି ଶଙ୍ଖ ଭବନରେ ବିଜେଡିର ବଡଚଣା ନେତାମାନଙ୍କର ଏକ ବୈଠକ ହୋଇଥିଲା । ବୈଠକ ପରେ ଶ୍ରୀ ଶତପଥୀ ସ୍ପଷ୍ଟ କରି କହିଥିଲେ ଯେ ସେ ଏଥର ନିର୍ବାଚନ ଲଢ଼ିବେ ନାହିଁ ଓ ଦଳରେ ରହି କାର୍ଯ୍ୟ କରିବେ । ଏହାପରେ ତାଙ୍କୁ ବିଜେଡିର ବରିଷ୍ଠ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି । ସେହିଭଳି ପୂର୍ବତନ ବିଧାୟକ ସରୋଜ ସାମଲଙ୍କୁ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଅପରପକ୍ଷରେ ଭୁବନେଶ୍ୱର ଲୋକସଭା ଆସନ ପାଇଁ ଆଶାୟୀ ଥିବା ଶ୍ରୀମୟୀ ମିଶ୍ରଙ୍କୁ ଏଥର ଦଳ ଟିକେଟ ଦେଇନଥିଲା । ଏବେ ତାଙ୍କୁ ବିଜୁ ମହିଳା ଜନତା ଦଳରେ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରାଯାଇଛି । ଏତଦ୍‌ଭିନ୍ନ ପ୍ରଶାନ୍ତ ସେଠୀଙ୍କୁ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି । ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି । ସେହିଳଭି ଭୂପିନ୍ଦର ସିଂଙ୍କୁ କଳାହାଣ୍ଡି ଜିଲ୍ଲା ପ୍ରଚାର କମିଟି ଅଧକ୍ଷ ଦାୟିତ୍ୱ ଦିଆଯାଇଥିବାବେଳେ ରାଜେଶ ଦାସଙ୍କୁ କେନ୍ଦ୍ରାପଡା ଜିଲ୍ଲା ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ମିଳିଛି ।

ସୁରତର କଂଗ୍ରେସ ପ୍ରାର୍ଥୀ ମିଶିବେ ବିଜେପିରେ!

ନୂଆଦିଲ୍ଲୀ, ୨୩।୪ : ଲୋକସଭା ନିର୍ବାଚନର ଭୋଟ୍ ଗଣତି ପୂର୍ବରୁ ସୁରତ ଲୋକସଭା ଆସନ ବିଜେପି ଜିତିଗଲା । ଏଠାରେ ଥିବା କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନରେ ପ୍ରସ୍ତାବକ ଥିବା କିଛି ବ୍ୟକ୍ତି ତାଙ୍କ ଦସ୍ତଖତ ଜାଲ୍ ବୋଲି ଅଭିଯୋଗ କଲେ । ହେଲେ କଂଗ୍ରେସ ପ୍ରାର୍ଥୀ ତାହାକୁ ଖଣ୍ଡନ କଲେନାହିଁ । ଅନ୍ୟ ଦଳର ପ୍ରାର୍ଥୀମାନେ ହଠାତ୍ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିନେଇଗଲେ । ବିରୋଧୀ ଏହାକୁ ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ ବୋଲି ଅଭିଯୋଗ କରିଛନ୍ତି । ତେବେ ଏବେ ସୂଚନା ଆସୁଛି ଯେ ସୁରତ ଲୋକସଭା ଆସନରୁ ଯେଉଁ କଂଗ୍ରେସ ନେତା ନିର୍ବାଚନ ଲଢ଼ିଥିଲେ ସେ ଏବେ ବିଜେପିରେ ଯୋଗଦେବେ । ବିଜେପିର ମୁକେଶ ଦଲାଲଙ୍କୁ ଏଠି ନିର୍ବାଚିତ ଘୋଷଣା କରାଯାଇଛି । ବିରୋଧୀଙ୍କ ପକ୍ଷରୁ ଏହାକୁ ପ୍ରତାରଣା ଓ ଗଣତନ୍ତ୍ରର ହତ୍ୟା କୁହାଯାଉଛି । ନାମାଙ୍କନକୁ ବାତିଲ (୯ ପୃଷ୍ଠାରେ)

ବିଜେଡିର ଏଥର 'ଯୋଡି ଶଙ୍ଖ' ନାରା

ଭୁବନେଶ୍ୱର, ୨୩।୪ (ସବ୍ୟୁ) : ୨୦୨୪ ସାଧାରଣ ନିର୍ବାଚନ ଲାଗି ବିଜେଡି ତାର ରଣନୀତି ନୂଆ ଧରଣରେ କରୁଛି । ସୋସିଆଲ ମିଡିଆରେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଏଥର 'ଡବଲ ଶଙ୍ଖ' ବାର୍ତ୍ତା । ରାଜ୍ୟ ରାଜନୀତିରେ ଆନ୍ଦୋଳିତ ପରିସ୍ଥିତି ସୃଷ୍ଟି କରିଛି । ୨୦୦୪ରୁ ଲୋକସଭା ସହ ଓଡ଼ିଶା ବିଧାନସଭା ନିର୍ବାଚନ ହେଉଥିଲେ ହେଁ କେବେ ବି ବିଜେଡି ଯୋଡି ଶଙ୍ଖର ନାରା ଦେଇନଥିଲା । ଏଥର ଯୋଡି ଶଙ୍ଖ ନାରା ଏକ ନୂଆ ସମୀକରଣ ସୃଷ୍ଟି କରୁଛି । ଯାହା ମଧ୍ୟ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟ ବଦଳୁଥିବାର ସଙ୍କେତ ଦେଉଛି ।

କେବଳ ବିଧାନସଭା ଆସନ ନୁହେଁ ବିଜେଡି ଲୋକସଭା ଆସନକୁ ଗୁରୁତ୍ୱ ଦେଉଛି ବୋଲି ଏବେ ଏହି ବାର୍ତ୍ତା ଯାଉଛି । ଜାତୀୟ ରାଜନୀତି

ସ୍ତରରେ ପାଣିପାଗକୁ ସଠିକ୍ ଭାବେ ଆକଳନ କରିବାରେ ନବୀନ ପଟ୍ଟନାୟକ ହେଉଛନ୍ତି ଅନ୍ୟତମ ଧୁରିଣ ନେତା । ୨୦୦୪ରେ ବର୍ଷକ ପୂର୍ବରୁ ବିଧାନସଭାକୁ ଭାଙ୍ଗି ନବୀନ ଲୋକସଭା ସହ ନିର୍ବାଚନକୁ ଯାଇଥିଲେ । ଯାହା ତାଙ୍କ ରାଜନୈତିକ ୨୪ ବର୍ଷ କ୍ୟାରିୟରର ଏକ ଟର୍ଣ୍ଣିଂ ପଏଣ୍ଟ ବୋଲି ବିରୋଧୀ ସ୍ୱୀକାର କରନ୍ତି । ନବୀନଙ୍କ ୨୦୦୪ ଗୋଟି ଚାଳନା ତାଙ୍କୁ ଓଡ଼ିଶା ରାଜନୀତିରେ ବେଶ୍ ଅପରାଜେୟ କରିବାରେ ସକ୍ଷମ ହୋଇଛି ବୋଲି ତାଙ୍କ ବିରୋଧୀମାନେ ମଧ୍ୟ ପ୍ରକାଶ୍ୟରେ ମାନିଥାନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ଓଡ଼ିଶାରେ ଭୋଟରଙ୍କ ମୁଡ୍ ବଦଳିଲା । ବିଧାନସଭା ଆସନଗୁଡିକରେ ବିଜେଡି ଅଧିକ ଭୋଟ୍ ପାଇଥିଲେ ହେଁ ସେହି ବିଧାନସଭାଗୁଡିକ ସହିତ ସଲଗ୍ନ ଲୋକସଭା ଆସନଗୁଡିକରେ

ବଦଳୁଛି କି ଜାତୀୟ ରାଜନୀତିର ଦୃଶ୍ୟପଟ୍ଟ

ବିଜେଡି ପ୍ରାର୍ଥୀ ପରାଜିତ ହୋଇଥିଲେ । ବିଜେପି ୮ ଲୋକସଭା ଆସନ ନେବାପାଇଁ ସକ୍ଷମ ହୋଇଥିଲା । ଉଦାହରଣ ସ୍ୱରୂପ ଭୁବନେଶ୍ୱର ଲୋକସଭା ଆସନ ଅନ୍ତର୍ଗତ ସମସ୍ତ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀମାନେ ବିଧାୟକ ଭାବେ ଜିତିଥିଲେ ହେଁ ଏଠି ଲୋକସଭା ସଦସ୍ୟ ଭାବେ ବିଜେପିର ନବାଗତ ଅପରାଜିତା ଷଡଙ୍ଗୀ ବିଜୟୀ ହୋଇଥିଲେ । (୯ ପୃଷ୍ଠାରେ)

ପ୍ରଚାରରେ ଛାଇଗଲାଣି 'ଏଆଇ'

ନୂଆଦିଲ୍ଲୀ, ୨୩।୪ : ସାଧାରଣ ନିର୍ବାଚନ ଲାଗି ପ୍ରଚାରର ତରିକା ଏଥର ଭିନ୍ନ ଭିନ୍ନ ଦେଖିବାକୁ ମିଳୁଛି । ମଡେଲ, ମୃତ ନେତା, ଜେଲ୍‌ରୁ ପ୍ରଚାର ସହ ଏଆଇର ପ୍ରଭାବ ଦେଖିବାକୁ ମିଳିଲାଣି । ସୋସିଆଲ ମିଡିଆରେ ବିଭିନ୍ନ ଘଟଣାରେ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)କୁ ଏବେ ଦେଖିବାକୁ ମିଳୁଛି । ବ୍ୟକ୍ତିଗତ ପ୍ରଚାର ସହ ଦଳଗୁଡିକ ଏଆଇ ଦ୍ୱାରା ଡିଜିଟାଲ ଅବତାରରେ ଆବିର୍ଭାବ ହେଉଛନ୍ତି । ବିଭିନ୍ନ ଭାଷାରେ ମଧ୍ୟ ସେମାନଙ୍କ ପ୍ରଚାର ଦେଖିବାକୁ ମିଳୁଛି ।

ନେତାମାନଙ୍କର ଡିଜିଟାଲ ଅବତାର ଏବେ ସୋସିଆଲ ମିଡିଆରେ ଛାଇ ଯାଇଛି । ଅନେକ ସମୟରେ ଏହା ଆଶ୍ଚର୍ଯ୍ୟ ଚକିତ ମଧ୍ୟ ଲୋକଙ୍କୁ କରୁଛି । ଚଳିତ ବର୍ଷ ଆରମ୍ଭରୁ ବିଜେପି,

ମଡେଲ୍, ଚଳଚ୍ଚିତ୍ର ଅଭିନେତା, ମୃତ ନେତା ଓ ଜେଲ୍‌ରୁ ପ୍ରଚାର

କଂଗ୍ରେସ ଓ ଅନ୍ୟ ଦଳଗୁଡିକ ବିଭିନ୍ନ ବିଷୟବସ୍ତୁକୁ ଏଆଇ ଦ୍ୱାରା ସୋସିଆଲ ମିଡିଆରେ ଛାଡୁଛନ୍ତି । ରାଜନୈତିକ ଦଳଗୁଡିକ ଏଆଇକୁ ବ୍ୟବହାର କରି ବ୍ୟକ୍ତିଗତ ଆଙ୍କର ଓ ମଡେଲମାନଙ୍କ ଦ୍ୱାରା ସେମାନଙ୍କ ନିର୍ବାଚନ ପ୍ରତିଶ୍ରୁତି ଓ ଇସ୍ତାହାରକୁ ଦେଖାଉଛନ୍ତି । ରାଜନୈତିକ ଦଳର ଏହି ଡିଜିଟାଲ ଅବତାର ଏବେ ଭାଇରାଲ ହେବାରେ ଲାଗିଛି । ଟହିପିର ଏଆଇ ଆଙ୍କର ଭୈବଭୀ ଏବେ ନିୟମିତ ଭାବରେ ୟୁଟ୍ୟୁବ୍ ଚ୍ୟାନେଲରେ ନିର୍ବାଚନ ଅପ୍‌ଡେଟ୍ ଦେବାରେ ଲାଗିଛି । ସେହିଭଳି ଟିଡିପିର ଆଉଏକ ଏଆଇ ମଡେଲ ତାଙ୍କ ଇସ୍ତାହାର କଥା କହୁଛି । ସିପିଏମ୍ ମଧ୍ୟ ପଶ୍ଚିମବଙ୍ଗରେ ମତଦାତାଙ୍କ ପାଇଁ (୯ ପୃଷ୍ଠାରେ)

ছুটির সকাল

ঘুমোতে ভুলে যাওয়া

৭ঠাকুমা রুটি বলত টুকরো টুকরো করে ছেঁড়া বাটা বলে। ছোটো থাকতে ও রুটি খেতে চাইত না। ঠাকুমা তাই দুধের সঙ্গে রুটি ভিজিয়ে খাওয়াত। ঠাকুমা রুটি ভিজিয়ে মাঝে মাঝে চিনি দিত। তাতে রুটি খেতে ভালো লাগত। ঠাকুমা বলত, ঘুমোতে যাওয়ার আগে রুটি খেলে ভালো ঘুম হয়। ঠাকুমার কথা শুনে ও রুটি খেত। ঘুমোতে যাওয়ার আগে রুটি খেলে ভালো ঘুম হয় কি না, তা ও কখনো ভাবেনি। ঠাকুমা বলত বলে ও রুটি খেত। ঠাকুমা মারা যাওয়ার পর ও রুটি খাওয়া ছেড়ে দিয়েছিল। ওর মা ওকে রুটি খাওয়াতে চেষ্টা করেছিল। কিন্তু ও রুটি খায়নি। ওর মা ওকে বলত, ঠাকুমা বলত বলে ও রুটি খেত। ঠাকুমা নেই, তাই ও রুটি খাবে না। ওর মা ওকে বলত, রুটি খেলে ঘুম ভালো হয়।



ବିଜେଡିର ଶକ୍ତି ପ୍ରଦର୍ଶନ
୬ହଜାରରୁ ଊର୍ଦ୍ଧ୍ୱ କର୍ମୀ ବାଇକ୍ ରାଲିରେ ସାମିଲ

ଡେଲାଙ୍ଗ,(ସବ୍ୟୁ) : ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳର ପ୍ରଚାର ଜମିବାରେ ଲାଗିଛି । ସୋମବାର ବିଜେଡି ଦଳୀୟ କର୍ମୀଙ୍କୁ ନେଇ ପିପିଲି ବ୍ଲକ ସହିତ ଡେଲାଙ୍ଗ ବ୍ଲକରେ ବରିଷ୍ଠ କର୍ମୀ ଓ ନେତୃମଣ୍ଡଳୀଙ୍କୁ ନିଜର ଶକ୍ତି ପ୍ରଦର୍ଶନ କରିଛି । ଏହି ଅବସରରେ ବିଜେଡି ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାର ଆୟୋଜନ ଜକରାଯିବା ସହିତ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ କରାଯାଇଥିଲା । ଗତ କିଛି ଦିନ ତଳେ ଦଳଛାଡି ବିଜେପିରେ ସାମିଲ ହୋଇଥିବା ନାରୀନେତ୍ରୀ ସଂନ୍ଧ୍ୟାରାଣୀ ମହାପାତ୍ର ଓ ତାଙ୍କ ସହଯୋଗୀମାମାନେ ଆଜି ପୁନର୍ବାର ବିଜେଡିରେ ସାମିଲ ହୋଇଛନ୍ତି । ଏହି ଅବସରରେ ବିଧାୟକ ରୁଦ୍ରପ୍ରତାପ ମହାରଥି ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜେଡିରେ ସାମିଲ କରିଛନ୍ତି। ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତର ମଉନିମଠ ବଜାର ଠାରୁ ଶୋଭାଯାତ୍ରାଟି ବାହାରି ପୋଷଲ, ସାଦପଡା, ପିଢପାଟଣା, ହୁମର, ରେଞ୍ଚ ଛକ, ଡେଲାଙ୍ଗ ବଜାର, ବେରବୋଇ, ରାମଚନ୍ଦ୍ରପୁର, ଡେଲାଙ୍ଗ ହାଟ ବଜାର, ଜଗଦଳପୁର, କୁଆପଦା ଛକ, ଗଡବେଗୁନିଆ ପଡା ପ୍ରଭୃତି ଛକ ବଜାର ଦେଇ ହରିରାଜପୁର ସ୍ଥିତ ପଶ୍ଚିମାସ୍ତୁ ସୋମନାଥ ଦେବଙ୍କ ମନ୍ଦିର ସନ୍ନିକଟରେ ପହଞ୍ଚିଥିଲା । ସେହିପରି ବିଭିନ୍ନ ଛକ ଓ ବଜାର ଘାଟରେ ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । । ମହିଳାମାନେ ଫୁଲମାଳ, ଦୁବ, ବରକୋଳିପତ୍ର, ଅରୁଆଚାଉଳ ପକାଇ ବନ୍ଦାପନା କରିଥିଲେ ।ଏହି ବିଶାଳ ଶୋଭାଯାତ୍ରରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷା ଦୁର୍ବାଶା ନିଶଙ୍କ, ଜିଲ୍ଲା ପରିଷଦ ପ୍ରଶନ୍ନ ସାହୁ, ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ,ରଜନୀ ଶାଶମଲ୍ଲ, ମାର୍କଣ୍ଡ ମଙ୍ଗରାଜ, ସମିତିସଭ୍ୟା ସତ୍ୟଭମା ଜେନା, ଲଲାଟ କେଶରୀ ସାମନ୍ତରାୟ, ଛାତ୍ର ବିଜେଡି ସଭାପତି ସୁଦିପ୍ତ ନାୟକ, ଆମ୍ବାର ଅଧକ୍ଷା ମୀନତୀ ସେନାପତି, ଯୁବନେତା ଦେବାଶିଷ୍ ଦଳାଇ, ବରିଷ୍ଠ କର୍ମୀ ଟୁଟୁ ଜେନା,କାଳନ୍ଦିଚରଣ ଜେନା, ରନ୍ଜାକର ଜେନା, ପୂର୍ବତନ ଜିଲ୍ଲାପରିଷଦ ମଳୟ ମହାନ୍ତି, ମହିଳା ନେତ୍ରୀ ସ୍ୱାର୍ଣ୍ଣଲତା ଜେନା, କବିତା ଜେନା ପ୍ରମୁଖଙ୍କ ସମେତ୬ ହଜାରୁ ଊର୍ଦ୍ଧ୍ୱ ଦଳୀୟକର୍ମୀ ଏହି ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ରେଲୱେ ଟ୍ରାକ୍‌ରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ଶବ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର, (ସବ୍ୟୁ) : ଟାଙ୍ଗୀ ଥାନା ଅନ୍ତର୍ଗତ କପିଳାସ ରୋଡ଼ ରେଲୱେ ଲାଇନ୍‌ର ୫ନଂ. ଟ୍ରାକ୍‌ରେ ଏକ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ରେଲୱେ ପୁଲିସ୍ ଦ୍ୱାରା ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଗତକାଲି ଭୋର ସମୟରେ ଜଣେ ଯୁବକଙ୍କ ମୃତଦେହ ଏହି ଟ୍ରାକ୍‌ରେ ପଡ଼ିଥିବାର ଲୋକେ ଦେଖି ରେଲୱେ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି । ମୃତ ଯୁବକଙ୍କ ନାମ ରବି କୁମାର (୧୮) ହୋଇଥିବା ବେଳେ ସେ ବିହାର ରାଜ୍ୟର ମୁଶାରୀତୋଳା ଭୋଗାଦେହାତ୍ ଗ୍ରାମର ରାଜେଶ ରିଶିଙ୍କ ପୁଅ ବୋଲି ଶବନିଜରୁମିଳିଥିବା ଆଧାରକାର୍ଡ଼ରୁ ଜଣାପଡ଼ିଛି । ଯୁବକଜଣକ ଟ୍ରେନ୍ରେ କାମ କରୁଥିବା ବେଳେ ଟ୍ରେନ୍ ଯୋଗେ ନିଜ ଘର ବିହାରକୁ ଫେରୁଥିବା ସମୟରେ ଟ୍ରେନ୍‌ରୁ ଖସି ପଡ଼ିବାରୁ ଏଭଳି ମୃତ୍ୟୁ ହୋଇଛି ବୋଲିବିଭାଗୀୟ ଅଧିକାରୀ ସୂତ୍ରେ ପ୍ରଦାନ କରିଛନ୍ତି ।

ଯୋଡି ଶଙ୍ଖ ଭିଡିଓ ଧର୍ମେନ୍ଦ୍ରଙ୍କ ନିଦ ହଜାଇ ଦେଲାଣି : ବିଜେଡି

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟମନ୍ତ୍ରୀ ନିର୍ବାଚନ ମୈଦାନକୁ ଓହ୍ଲାଇ ନାହାନ୍ତି, ହେଲେ କିଛି ଲୋକଙ୍କ ବଦହଜମୀ ଆରମ୍ଭ ହୋଇଗଲାଣି । ଯୋଡି ଶଙ୍ଖ ଭିଡିଓ ଦେଖି ରାତିର ନିଦ ହଜିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଯୋଡି ଶଙ୍ଖର ଭିଡିଓ ଏତେ ଲୋକପ୍ରିୟ ହୋଇଛି ଯେ, ଇନଷ୍ଟାଗ୍ରାମରେ ସବୁ ରେକର୍ଡ କାଟିଦେଲା । ୨୪ ଘଣ୍ଟାରୁ କମ୍ ସମୟରେ ୪ ନିୟୁତ ଲୋକ ଏହି ଭିଡିଓ ଦେଖିସାରିଲେଣି । ମୁଖ୍ୟମନ୍ତ୍ରୀଙ୍କ ଏହି ଲୋକପ୍ରିୟତା ହିଁ ବିରୋଧୀ ଦଳର ନେତା ଖାସ୍ କରି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇର୍ଷାନ୍ୱିତ କରିଦେଇଛି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ।

ମଙ୍ଗଳବାର ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଇର୍ଷା ଏବଂ କ୍ରୋଧରେ ନିଜର ହିତାହିତ ଜ୍ଞାନ ହରାଇ ମୁଖ୍ୟମନ୍ତ୍ରୀ ପିନ୍ଧିଥିବା ସମ୍ବଲପୁରୀ ଲୁଙ୍ଗିକୁ ସମାଲୋଚନା କରିଛନ୍ତି । ଏଭଳି କରି ସେ ଓଡିଶାର ପରମ୍ପରା ଓ ସଂସ୍କୃତିକୁ ଅପମାନିତ କରିଛନ୍ତି । ରାଜ୍ୟରେ ବୁଣାକାର ମାନଙ୍କର ଏକ ସଶକ୍ତ ଅର୍ଥନୀତି ରହିଛି । ସେମାନଙ୍କର ଉତ୍ପାଦ ବେଶ୍ ଲୋକପ୍ରିୟ ଯାହାର ବେଶ୍ ଚାହିଦା ମଧ୍ୟ ରହିଛି। ଏହି ସଶକ୍ତ ଅର୍ଥନୀତି ଉପରେ ଆଘାତ୍ ଦେବାକୁ ଶ୍ରୀ ପ୍ରଧାନ ଉଦ୍ୟମ କରିଛନ୍ତି । ସାରା ଓଡିଶାରେ ଖାସ୍ କରି ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଲୋକ ଆଜି ବି ଲୁଙ୍ଗି ପିନ୍ଧନ୍ତି । ସମ୍ବଲପୁରବାସୀଙ୍କ ପରମ୍ପରାକୁ ଅପମାନିତ କରିଥିବାରୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ବିଜେଡି ମୁଖପାତ୍ର ଡକ୍ଟର ପାତ୍ର ଓ ଶ୍ରୀ ମହାପାତ୍ର କହିଛନ୍ତି ।

୨୪ ଘଣ୍ଟାରେ ୪ ନିୟୁତ ଲୋକ ଦେଖିଲେଣି ଭିଡିଓ
ସମ୍ବଲପୁରୀ ବସ୍ତ୍ର ଓ ବୁଣାକାରଙ୍କୁ କଲେ ଅପମାନିତ

ଲୁଙ୍ଗିକୁ ସମାଲୋଚନା କରିଛନ୍ତି । ସେହି ଲୁଙ୍ଗିକୁ ଓଡିଶାର ବୁଣାକାରମାନେ ତିଆରି କରନ୍ତି ।

ମୁଖ୍ୟମନ୍ତ୍ରୀ ଯେଉଁ ଲୁଙ୍ଗି ପିନ୍ଧିଥିଲେ ତାହା ହେଉଛି ସମ୍ବଲପୁରୀ ଲୁଙ୍ଗି । ଯାହା ପଛରେ ଅନେକ ବୁଣାକାରଙ୍କ ପରିଶ୍ରମ ଥିଲା। ଶ୍ରୀ ପ୍ରଧାନ ଓଡିଶା ବାହାରେ ବହୁ ବର୍ଷ ଧରି ରହିଛନ୍ତି । ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶରେ ଅନେକ ସମୟ ତାଙ୍କର କଟିଛି। ସେଥିପାଇଁ ଓଡିଶାର ପରମ୍ପରା, ସଂସ୍କୃତି ଏବଂ ଅର୍ଥନୀତିକୁ ବୁଣାକାର ଭାଇ ଭଉଣୀଙ୍କ ଅବଦାନକୁ ସେ ଭୁଲି ଯାଇଛନ୍ତି । ଶ୍ରୀ ପ୍ରଧାନ

ବିଜେଡ଼ିରେ ଯୋଗଦେଲେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଆଦିବାସୀ ସଂଘର ନେତା

ଭୁବନେଶ୍ୱର (ସବ୍ୟୁ): କଳାହାଣ୍ଡି ଜିଲ୍ଲା ଆଦିବାସୀ ସଂଘ ସଭାପତି ଦ୍ରୋଣାଚାର୍ଯ୍ୟ ମାଝୀ ଓ ଜିଲ୍ଲାର ବିଭିନ୍ନ ଆଦିବାସୀ ସଂଘର ନେତା ଓ କର୍ମକର୍ତ୍ତା ମଙ୍ଗଳବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ କଳାହାଣ୍ଡି ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ନେତା ଓ କର୍ମକର୍ତ୍ତାଙ୍କୁ ଡକ୍ଟର ପାତ୍ରଓ ଶ୍ରୀ ବଳବନ୍ତରାୟ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଭିନ୍ନ ଆଦିବାସୀ ସଂଘର କର୍ମକର୍ତ୍ତାଙ୍କ ଯୋଗଦାନ ଫଳରେ କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ବଳବନ୍ତରାୟ କହିଥିଲେ। ଏହି ମିଶ୍ରଣ ପର୍ବରେ ପୂର୍ବତନ ବ୍ଲକଅଧ୍ୟକ୍ଷ ପଦ୍ମସିଂହ ମାଝୀ, କନ୍ଧ ସମାଜର ପୂର୍ବତନ ସଭାପତି ଦୁର୍ଯ୍ୟୋଧନ ମାଝୀ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଭୋଇ, ମିର୍ଧା ସମାଜ ସଭାପତି ସ୍ୱୟମ୍ଭିର୍ଧା, ଗଣ୍ଡ ମହାସଭାସଭାପତି ପଦ୍ମନ ପାତ୍ର, ଲୋଚନ ଧାବୁଆ, ଶହଦେବ ଧାବୁଆ, ସମ୍ବଦ ବରିହା ଓ ସ୍ଥାନୀୟ ବରିହାଙ୍କ ସମେତ ବହୁ କର୍ମକର୍ତ୍ତା ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

କୃଷ୍ଣ ମଲ୍ଲିକଙ୍କ ଉପରୁ ଉଠିଲା ନିଲମ୍ବନ, ମିଶିଲେ ବିଜେଡିରେ

କଟକ (ସବ୍ୟୁ) ନବେ ଦଶକର ଛାତ୍ରନେତା ଓ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରତିଷ୍ଠିତ ଆଇନଜୀବି କୃଷ୍ଣ ମଲ୍ଲିକ ଙ୍କ ଉପରେ ରହିଥିବା ନିଲମ୍ବନକୁ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟାହାର କରି ନେଇଛନ୍ତି । ନିଲମ୍ବନ ପ୍ରତ୍ୟାହାର ପରେ ସେ ବିଜେପି ଦଳ ପରିତ୍ୟାଗ କରି ବିଜେଡି ରେ ଯୋଗ ଦେଇଛନ୍ତି । ରାଜ୍ୟ ଆଇନଜୀବୀ ସାମ୍ମୁଖ୍ୟ ର ଆୟୋଜିତ କାର୍ଯ୍ୟକ୍ରମର କଟକ ଲୋକସଭା ନିର୍ବାଚନ ପ୍ରାର୍ଥୀ, ସନ୍ତୁପ୍ତ ମିଶ୍ର, ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା, ସାଂସଦ ଦେବାଶିଷ ସାମନ୍ତରାୟ ଙ୍କ ଉପସ୍ଥିତି ରେ ସେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ । ଏକଦା ଶ୍ରୀ ମଲ୍ଲିକ ୧୯୯୧ ମସିହାରେ ମଧୁସୂଦନ ଲ କଲେଜ୍ ର ସମ୍ପାଦକ,୧୯୯୨ ରେ ଛାତ୍ର ସଂସଦ ସଭାପତି ଭାବରେ ନିର୍ବାଚନ ହୋଇଥିଲେ । ଛାତ୍ର ନେତା ସୃଷ୍ଟି କରିବାରେ ମାହିର ଶ୍ରୀ ମଲ୍ଲିକ ପରବର୍ତ୍ତୀ ଅବସ୍ଥାରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଜର ଦାୟିତ୍ୱ ତୁଲାଇଥିଲେ । ବଜେଡି ର କଟକ ଜିଲ୍ଲା ଉପସଭାପତି ଦାୟିତ୍ୱରେ ଥିବା ବେଳେ ତାଙ୍କୁ ୨୦୧୯ ରେ ନିଲମ୍ବିତ କରାଯାଇଥିଲା । ନିଲମ୍ବିତରେ ଥାଇ ସେ ବିଜେପି ରେ ଯୋଗ ଦେଇଥିଲେ । ନିଲମ୍ବନ ପ୍ରତ୍ୟାହାର ପରେ ସେ ଉଇଣ୍ଡସାର ପ୍ୟାଲାସ ଠାରେ ଆୟୋଜିତ ରାଜ୍ୟ ଆଇନଜିବୀ ସାମୁଖ୍ୟ ସମ୍ମୀଳନୀରେ ବିଜେଡି ଦଳରେ ସାମିଲ୍ ହେଇଛନ୍ତି । ତାଙ୍କର ଏହି ମିଶ୍ରଣ ଦଳର ସଂଗଠନକୁ ବ୍ୟାପକ କରିବ ବୋଲି ବହୁ ଯୁବ, ଛାତ୍ର, ଆଇନଜୀବୀମାନେ କହିଛନ୍ତି ।

ଅନିଶ୍ଚିତ ସ୍ଥିତିରେ ଆମେରିକା ଅର୍ଥନୀତି

ଭୁବନେଶ୍ୱରୁ (ସବ୍ୟୁ) : ବଜାର ଆକାଂକ୍ଷା ବିପରୀତରେ ଆମେରିକା ଅର୍ଥନୀତିର ପ୍ରଦର୍ଶନ ଉପରେ ନିଜର ମତାମତ ବ୍ୟକ୍ତ କରି ବନ୍ଧନ ଏଏମ୍‌ସିର ଫିକ୍ସଡ ଇନ୍‌କମ୍ ବିଭାଗର ଅର୍ଥନୈତିଜ୍ଞ ଶ୍ରୀଜିତ୍ ବାଲାସୁବ୍ରହ୍ମଣ୍ୟନ କହିଛିଁ ଯେ, ଆମେରିକାର ଅର୍ଥନୈତିକ ତଥ୍ୟ ଆକଳନଗୁଡିକୁ ଭୁଲ ପ୍ରମାଣିତ କରିବା ଜାରି ରଖିଛି ଏବଂ ଆର୍ଥିକ ବଜାର ଏହାର ସୁଧ ହାର ହ୍ରାସ ଆକାଂକ୍ଷାକୁ ମଧ୍ୟ ହ୍ରାସ କରିଛି। ଜିଡିପି, ପିଏମ୍‌ଆଇ, ଟ୍ୟୁରେବୁଲ ଗୁଡ୍‌ସ ଅର୍ଡର, ଅଣକୃଷି କ୍ଷେତ୍ରର ନିଯୁକ୍ତି ସଂଖ୍ୟା ଓ ମୁଦ୍ରାସ୍ଫୀତି ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି। ଜିଡିପି ୨୦୨୩ର ୩ୟ ତ୍ରୈମାସରେ ୪.୮% କ୍ୟୁ/କ୍ୟୁ ଏସ୍‌ଏଏଆର୍ ରହିଥିବା ବେଳେ ୪ର୍ଥ ତ୍ରୈମାସରେ ଆକଳନକୁ ପଛରେ ପକାଇ ୩.୪% ରହିଛି। ଡ୍ୟୁରାବୁଲ ଗୁଡ୍‌ସ ଅର୍ଡର ମହାମାରୀ ପୂର୍ବର ଟ୍ରେଣ୍ଡ ସ୍ତରରୁ ଉପରେ ରହିଛି। ମୁଦ୍ରାସ୍ଫୀତି ଓ ନିଯୁକ୍ତି ତଥ୍ୟ ମଜଭୁତ ସ୍ଥିତିରେ ରହିଛି। ଅଣ-କୃଷି କ୍ଷେତ୍ରର ନିଯୁକ୍ତି ମାର୍ଚ୍ଚରେ (୩୦୩,୦୦୦) ବଜାରର ଆକାଂକ୍ଷା ତୁଳନାରେ ଅଧିକ ରହିଥିଲା, ଯଦିଓ ଜାନୁଆରୀରୁ ଘଂଟା ପିଛା ଆୟ ମଧ୍ୟମ ରହିଛି ଓ ଶ୍ରମଶକ୍ତି ଅଂଶଗ୍ରହଣ ବୃଦ୍ଧି ପାଇଛି। ବେକାରୀ ବୀମା ଦାବିଗୁଡିକ ମଧ୍ୟ ଗତ ୬ ମାସରେ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି କ୍ଷେତ୍ରରେ ନନ୍-ହାଉସିଂ-କୋର୍-ସର୍ଭିସେସ ଇନ୍‌ଫ୍ଲାଶନ ବୃଦ୍ଧି ପାଇବା ଜାରି ରହିଥିବା ବେଳେ ମୂଳ ସାମଗ୍ରୀ ମୁଦ୍ରାସ୍ଫୀତି ଆଗକୁ ବଢୁଛି ଓ ଭୂରାଜନୀତି ଦ୍ୱାରା ପ୍ରଭାବି ହେବାର ସମ୍ଭାବନା ରହିଛି। ବଜାରର ଭତା ବର୍ତମାନ କମ୍ ବେଗରେ ବୃଦ୍ଧି ପାଉଛି କିମ୍ବା ସ୍ଥିର ରହିଛି। ମୋଟାମୋଟି ଭାବେ ବର୍ତମାନ ପର୍ଯ୍ୟ' କୌଣସି ସାର୍ଥକ ସନ୍ତୁଳନ ନାହିଁ।'

ବିଜେଡ଼ିରେ ସାମିଲ ହେଲେ ବିଜେପି କାଉନସିଲର

ବାଲେଶ୍ୱର,(ସବ୍ୟୁ) :ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ,ନିର୍ମଳ ଭାବମୂର୍ତ୍ତି, ନୀତିଆଦର୍ଶ ଏବଂ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସଙ୍କ ଜନସେବା କାର୍ଯ୍ୟରେ ଅନୁପ୍ରାଣୀତ ହୋଇ ଗତ ପୌରନିର୍ବାଚନରେ ୯ନମ୍ବର ୱାର୍ଡରେ ବିଜୟୀ ହୋଇଥିବା ବିଜେପିର କାଉନ୍‌ସିଲର ଦିନେଶ ପଟ୍ଟନାୟକ ଏବଂ ୧୩ନମ୍ବର ୱାର୍ଡର ସ୍ୱାଧୀନ ପ୍ରାର୍ଥୀ ଲକ୍ଷ୍ମୀଧର ବେହେରା ବିଜୁଜନତା ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ଆଜିମାବାଦସ୍ଥିତ ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଯୁବନେତା ଦିନେଶ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଆଜିର ମିଶ୍ରଣ କାର୍ଯ୍ୟକ୍ରମରେ ପୌରପାଳିକା ଉପାଧକ୍ଷ କୈଳାଶ ଚନ୍ଦ୍ର ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ରାଜ୍ୟ ଯୁବବିଜେଡ଼ି ସାଧାରଣ ସମ୍ପାଦକ ଧିରେନ ନାୟକ, କାଉନସିଲର ସେକ୍ ଆୟୁବ, ବିଜେଡ଼ି ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

୪୦,୪୧ ନଂ ୱାର୍ଡ଼ ବିଜେପି କର୍ମୀ ଙ୍କ ଡବଲ ଇଞ୍ଜିନ ସରକାର ପାଇଁ ନେଲେ ଶପଥ

କଟକ,(ସବ୍ୟୁ)ଯୋଦ୍ଧା ସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଚୌଦ୍ୱାର କଟକ ବିଧାନସଭା ବିଜେପି ପ୍ରାର୍ଥୀ ନୟନ କିଶୋର ମହାନ୍ତି ଯୋଗ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କରିବା ପାଇଁ ଆହ୍ୱାନ ଦେଇଥିଲେ । ବର୍ତ୍ତମାନର ସ୍ଥାଣୁ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ବ୍ୟବସ୍ଥା ରେ ସବୁଦିଗରୁ ବିଫଳ ଓ ଚୌଦ୍ୱାର କଟକ ସବୁକ୍ଷେତ୍ରରେ ଅବହେଳିତ ବୋଲି ମନ୍ତବ୍ୟ ରଖିଥିଲେ । ବିଶ୍ୱରଥି ସ୍ୱାଇଁ, ଦୀପକ୍ ଦାସ, ଭାଗିରଥି ଦଳାଇ, ଜୟଦେବ ପୃଷ୍ଟି, ବୈଦେଶ୍ୱର ପଣ୍ଡା, ଜ୍ୟୋତି ରଞ୍ଜନ ରାୟ, ଶୁଭେନ୍ଦୁ ମହାନ୍ତି, ମୁନିନ୍ଦ୍ର ଭୋଳ, ଶ୍ରୀନିବାସ ରାଓ, ଦିଲ୍ଲୀପ କୁମାର ବେହେରା, ଅମ୍ବିକା ସାମଲ, ନିକୁଞ୍ଜ ବିହାରୀ କାନୁନଗୋ, ଅନୀଲ ଦଳାଇ, ଗଙ୍ଗେଶ୍ୱର୍ ଦାସ, ରଞ୍ଜନ ସେଠୀ, ହିମାଂଶୁ ଶେଖର ବେହେରା, ଅଭିମନ୍ୟୁ ଦାସ, ରାଜେନ୍ଦ୍ର ବେହେରା, ତ୍ରିଲୋକ୍ୟ ବେହେରା, ନରହରି ବେହେରା, ରବୀନ୍ଦ୍ର ଦାସ, ମନୋରଞ୍ଜନ ସାମଲ, ସଂଗୀତା ଶର୍ମା, ସ୍ୱର୍ଣ୍ଣାଲତା ବେହେରା, ଇତିଶ୍ରୀ ବେହେରା, ବାସନ୍ତୀ ସାହୁ, ନିଲାମ ସାହା ଙ୍କ ସହିତ ୪୦ ଓ ୪୧ ୱାର୍ଡ ର ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ଶପଥ ନେଇଥିଲେ

ରାଜକନିକାରେ ବୈଜୟନ୍ତ, କୃଷ୍ଣ ଚନ୍ଦ୍ରଙ୍କ ରୋଡ଼ ସୋ

ରାଜକନିକା (ସବ୍ୟୁ): ଆଗାମୀ ନିର୍ବାଚନ କୁ ଆଖି ଆଗରେ ରଖି ଆଳି ନିର୍ବାଚନ ମଣ୍ଡଳୀ ରାଜକନିକାରେ ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ା ଲୋକସଭା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଜେପି ଜିଲ୍ଲା ଉପସଭାପତି ତଥା ଆଳି ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା ରୋଡ଼ ସୋ ମାଧ୍ୟମ ରେ ନିଜର ପରାକ୍ରମ ଦେଖାଇଛନ୍ତି ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କୁ ସାଙ୍ଗରେ ଧରି ତାଙ୍କ ନେଉଳଗଡିଆ ସ୍ଥିତ ବାସଭବନରୁ ବାହାରି କଣ୍ଟପଡ଼ା ବଜାର ଦେଇ କଟକ -ଚାନ୍ଦବାଲି ରାସ୍ତାରେ ଆସି ପୂର୍ବ କନିକାର ଆଠଟି ପଞ୍ଚାୟତ ର ବିଭିନ୍ନ ଗ୍ରାମରେ ରୋଡ଼ ସୋ କରିଛନ୍ତି ଏହି ରୋଡ଼ ସୋ ରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମଟର ସାଇକେଲ ସାମିଲ ଥିବାବେଳେ ବିଜେପି ର ବରିଷ୍ଠ ନେତା ବ୍ରଜସୁନ୍ଦର ଭୂୟାଁ, ପ୍ରତାପ ରଞ୍ଜନ ରାଉତ, ଅଜୟ କୁମାର ସାମଲ, ବ୍ଲକ ର ସମସ୍ତ ମଣ୍ଡଳ ସଭାପତି ଙ୍କ ସମେତ ପାଞ୍ଚହଜାରରୁ

ଝାରସୁଗୁଡ଼ା ଲାଇକେରା ଓ କିମିରାରେ ଜନସମାବେଶ ଏବଂ କର୍ମୀ ସମ୍ମିଳନୀ

ମହାନଦୀ କୂଳ ଜିଲ୍ଲାରେ ମରୁଡି ହେବା କ'ଣ ରୂପାନ୍ତରଣ ? : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବୁ୍ୟ): ମହାନଦୀ କୂଳରେ ଥିବା ଜିଲ୍ଲା ଗୁଡିକରେ ମରୁଡି ହେଉଛି । ଏହା କଣ ୨୪ବର୍ଷ ଶାସନର ରୂପାନ୍ତରିକରଣ ବୋଲି ଆୟୋଜିତ ବିଜେପିର ମିଶ୍ରଣ ପର୍ବ, ଜନସମାବେଶ ଓ କର୍ମୀ ସମ୍ମିଳନୀରେ ଯୋଗଦେଇ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଅପାର ସମ୍ଭାବନାର ଅଞ୍ଚଳ ଝାରସୁଗୁଡା ଜିଲ୍ଲାର କୋଇଲାରୁ ଭାରତବର୍ଷର ଅନେକ ଅଞ୍ଚଳରେ ବିଜୁଳି ଜଳେ । ଝାରସୁଗୁଡାର ଶିଳ୍ପ, ଲୁହା, ଆଲୁମିନିୟମରେ ଦେଶର ଅର୍ଥନୀତି ମଜଭୁତ ହେଉଛି । କିନ୍ତୁ ୨୪ ବର୍ଷ ଶାସନରେ ରହିବା ପରେ ବି ଝାରସୁଗୁଡ଼ାରେ ମୌଳିକ ବିକାଶ କରିପାରିନି । ଏଠାରେ ମହାନଦୀ ଓ ଇବ୍ ନଦୀ ପ୍ରବାହିତ ହୋଇଥିଲେ ସୁଦ୍ଧା ସ୍ଥାନୀୟ ଅଞ୍ଚଳର ମା' ଓ ଭଉଣୀମାନେ ବିଶୁଦ୍ଧ ପାନୀୟ ଜଳ ପାଇପାରୁନାହାନ୍ତି । ରାଜ୍ୟରେ ଘରେ ଘରେ ପାଣି ଯୋଗାଇବା ପାଇଁ ମୋଦୀ ସରକାର ୧୦ ହଜାର କୋଟି ରାଜ୍ୟକୁ ଦେଇଛନ୍ତି । ଏଥିରୁ ସରକାର ମାତ୍ର ୮୦୦ କୋଟି ଖର୍ଚ୍ଚ କରିଛନ୍ତି । ମହାନଦୀ ଅବବାହିକାରେ ଥିବା ଜିଲ୍ଲା ଗୁଡ଼ିକରେ ବି ଜଳସେଚନର ସୁବିଧା ହୋଇପାରିଲା ନାହିଁ ।

ସ୍କୁଲରେ ଶିକ୍ଷକ ଓ ମେଡିକାଲରେ ଡାକ୍ତର ନାହାନ୍ତି । ଯୁବକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଶିଶୁ ଓ ମହିଳାଙ୍କ କୁପୋଷଣ ଓ ରକ୍ତହୀନତା ଚିନ୍ତାଜନକ ଅବସ୍ଥାରେ ଅଛି । ସ୍ପଷ୍ଟ ଦିବାଲୋକରେ ଜଣେ ମନ୍ତ୍ରୀଙ୍କୁ ଜଣେ ସରକାରୀ ପୋଲିସ କର୍ମଚାରୀ

ଗୁଳି କରି ହତ୍ୟା କରୁଛି, ଏହାଠୁ ବଳି ବିଡ଼ମ୍ବନା ଆଉ କ'ଣ ଥାଇପାରେ । ଏହାକୁ ଭ୍ରଷ୍ଟ ଶାସନ କୁହାଯିବ ନାହିଁ ତ କଣ କୁହାଯିବ ? ଏହା କଣ ୨୪ ବର୍ଷ ଶାସନର ରୂପାନ୍ତରଣ କି ? ଓଡ଼ିଶାର ଏହି ଦୁରାବସ୍ଥାର ପରିବର୍ତ୍ତନ ପାଇଁ ଦୀର୍ଘ ୨୪ ବର୍ଷ ଭ୍ରଷ୍ଟ ଶାସନ ବିରୋଧରେ ଏକାଠି ହେବା । ବୀର ସୁରେନ୍ଦ୍ର ସାଏଙ୍କ ଦାୟଦ ଭାବେ ଓ କରୁଣାକର ସିଂହଙ୍କ ଆଦର୍ଶରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ଲଢେଇ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି ।

ଲାଇକେରାବାସୀ ଆମ ପରିବାରକୁ ସର୍ବଦା ଆଶୀର୍ବାଦ ଦେଇ ଆସିଥିବାରୁ ମୁଁ ଋଣୀ । ଏ ଅଞ୍ଚଳର ଚାଷୀ, ଗରିବ, ଆଦିବାସୀ, ବଞ୍ଚିତ, ଦଳିତ ଲୋକମାନଙ୍କର ପ୍ରତିନିଧିର ସ୍ୱର ହୋଇଛନ୍ତି ପ୍ରଦୀପ ପୁରୋହିତ । ଗୋଟିଏ ଭୋଟ ଏମଏଲଏଙ୍କୁ ଓ ଆଉ ଗୋଟିଏ ଭୋଟ ଏମପିଙ୍କୁ ଦୁଇଟି ଭୋଟ ପଦ୍ମଫୁଲରେ ଦେବାକୁ ନିବେଦନ କରିଛନ୍ତି ଶ୍ରୀ ପ୍ରଧାନ । ଲୋକସଭାକୁ ୨୧ରୁ ୨୧ ଏମ୍ପି ପଠାଇବା । ଅବକୀ ବାର ୪୦୦ ପାର ନାରାକୁ ସଫଳ କରିବା ବୋଲି ସେ କହିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡି ନେତ୍ରୀ ତଥା ସରପଞ୍ଚ ସୁକାନ୍ତି ଜୟପୁରିଆଙ୍କ ସମେତ ଅନେକ ସମେତ ଅନେକ ସମର୍ଥକ ଦଳରେ ଯୋଗଦେଇଥିଲେ । ଝାରସୁଗୁଡ଼ା ଜିଲ୍ଲା ଲଖନପୁର ମହାନଦୀରେ ଡଙ୍ଗା ବୁଡି ଘଟଣାରେ ଅନେକ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ଚିଖିଲି ଓ ଶରଧା ଅଞ୍ଚଳର ସ୍ଥାନୀୟ ମତ୍ସ୍ୟଜୀବୀ ଓ ଲୋକମାନଙ୍କୁ ବାଘଡିହି ଠାରେ ସମ୍ବର୍ଦ୍ଧିତ କରିଥିଲେ କେନ୍ଦ୍ରମନ୍ତ୍ରୀ । ଲାଇକେରା ଠାରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ କରୁଣାକର ସିଂହ ନାଏକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଚୈତ୍ର ପୂର୍ଣ୍ଣିମାର ପବିତ୍ର ଅବସରରେ ଲାଇକେରା ସ୍ଥିତ ମା' ଅନ୍ଧାରୀ ଓ ମା'ସମଲେଇଙ୍କ ମନ୍ଦିରରେ ଦର୍ଶନ କରିଥିଲେ । ଏହାବ୍ୟତିତ ରେଙ୍ଗାଲି ସୋଲପାଲିସ୍ଥିତ ମହିମା ଆଶ୍ରମରେ ବାବା ବୀରେନ୍ଦ୍ର ଦାସଙ୍କ ଆଶୀର୍ବାଦ ନେଇଥିଲେ ।

ସୋଆ ପକ୍ଷରୁ କମିଶନରେଟ୍ ପୋଲିସ୍ ଓ ଟ୍ରାଫିକ୍ ପୋଲିସ୍‌କୁ ଓଆର୍‌ଏସ୍ ଓ ଜଳ ବଣ୍ଟନ

ଭୁବନେଶ୍ୱର (ସବୁ୍ୟ): ସାରା ରାଜ୍ୟର ଅସହ୍ୟ ଖରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ରାଜଧାନୀରେ ଆଇନ୍ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଟ୍ରାଫିକ୍ ବ୍ୟବସ୍ଥାରେ ନିୟୋଜିତ ଥିବା କମିଶନରେଟ ପୋଲିସ୍‌ର ଅଧିକାରୀ ଓ କର୍ମଚାରୀମାନଙ୍କୁ ଟିକେ ଆଶ୍ୱସ୍ତି ଦେବା ନିମନ୍ତେ ସହାୟତାର ହାତ ବଢ଼ାଇଛି ଶିକ୍ଷା ଓ ଅନୁସନ୍ଧାନ (ସୋଆ)। ପୋଲିସ୍ ଓ ଟ୍ରାଫିକ ପୋଷ୍ଟରେ କାର୍ଯ୍ୟରତ କର୍ମଚାରୀମାନେ ପ୍ରାୟ ୮ ଘଂଟା ଧରି ପ୍ରଚଣ୍ଡ ଖରା ସମୟରେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ସହାୟତାର ହାତ ବଢ଼ାଇବା ନିମନ୍ତେ ସୋଆର ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ଶାଖା ଏଭଳି ମହତ୍ କାର୍ଯ୍ୟ ହାତକୁ ନେଇଥିବା କହିଛନ୍ତି ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ। ପ୍ରଥମ ପର୍ଯ୍ୟାୟରେ ମଙ୍ଗଳବାର କମିଶନରେଟ ପୋଲିସ୍ ଓ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ କାର୍ଯ୍ୟରତ ପୋଲିସ୍ କର୍ମଚାରୀମାନଙ୍କୁ ୫୦୦୦ ଓଆର୍‌ଏସ୍ ପ୍ୟାକେଟ୍ ଓ ୨୦୦୦ ପାଣି ବୋତଲ ପ୍ରଦାନ କରାଯାଇଥିବା ପ୍ରଫେସର ମଲ୍ଲିକ୍ କହିଛନ୍ତି । ପରବର୍ତ୍ତୀ

ପର୍ଯ୍ୟାୟରେ ରାଜଧାନୀର ସବୁ ଟ୍ରାଫିକ୍ ପୋଷ୍ଟରେ ପାଣି ଓ ଓଆର୍‌ଏସ୍ ବଂଟନ କରାଯିବ ବୋଲି ସେ କହିଛନ୍ତି ।

କମିଶନରେଟ ପୋଲିସ କାର୍ଯ୍ୟାଳୟରେ ପୋଲିସ୍ କମିଶନର ଶ୍ରୀ ସୀବ ପଣ୍ଡା ଓ ଡିସିପି ଶ୍ରୀ ପ୍ରତୀକ ସିଂଙ୍କ ଉପସ୍ଥିତିରେ ପ୍ରଫେସର ମଲ୍ଲିକ ଏବଂ ସୋଆର ଏନ୍‌ସିସି କ୍ୟାଡେଟମାନେ ଏହି ପାଣି ବୋତଲ ଓ ଓଆରଏସ୍ ପ୍ୟାକେଟ ପ୍ରଦାନ କରିଛନ୍ତି । ପୋଲିସ୍ କମିଶନର ଶ୍ରୀ ପଣ୍ଡା ସୋଆର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଟ୍ରାଫିକ ଡିସିପି ପି.କେ. ରାଉତ ଏବଂ ସୋଆର ଆସୋସିଏଟ୍ ଏନ୍‌ସିସି ଅଫିସର (ଏଏନ୍‌ଓ) ଡକ୍ଟର ସତୀଶ କୁମାର ସାମଲ ଉପସ୍ଥିତ ଥିଲେ।

କୋଟିଏ ଟଙ୍କାର ବ୍ରାଉନସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବୁ୍ୟ) : କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗର ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ପଶ୍ଚିମବଙ୍ଗର ରକିବୁଲ୍ ଶେଖ୍ (୪୩) ଓ ତାଳଚେରର ବିଜୟ ବୀରବର୍ମା (୨୬) । ମୁର୍ଶିଦାବାଦରୁ ବ୍ରାଉନସୁଗର ଆଣି ସେମାନେ ଓଡ଼ିଶାରେ କାରବାର କରନ୍ତି । ଗିରଫ ସମୟରେ ତାଙ୍କ ନିକଟରୁ ଏସ୍‌ଟିଏଫ୍ ୧ କେଜି ୧୨୦ ଗ୍ରାମ୍ ବ୍ରାଉନସୁଗର ଜବତ କରିଥିବା କହିଛି । ମୁର୍ଶିଦାବାଦ ଲାଲଗୋଲା ଅଞ୍ଚଳ ବ୍ରାଉନସୁଗର ହବ୍ । ଏମାନେ କେବଳ ମୁର୍ଶିଦାବାଦ ନୁହେଁ, ନଇଡା, ପଶ୍ଚିମବଙ୍ଗର ମେଦିନାପୁର ଦେଇ ବାଲେଶ୍ୱରର ଜଳେଶ୍ୱରକୁ ବ୍ରାଉନସୁଗର ଆଣିବା ପରେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପଠାଇବା ବ୍ୟବସ୍ଥା କରାଯାଇଥାଏ । ୨୦୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୭୬ କେଜି ବ୍ରାଉନସୁଗର ଜବତ କଲାଣି ଏସ୍‌ଟିଏଫ୍ । ଗିରଫ ଦୁଇଜଣଙ୍କୁ ତାଳଚେର ସ୍ପେଶାଲ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । କାରବାରରେ ଏମାନଙ୍କ ସହ ଅନ୍ୟ କେଉଁମାନେ ଅଛନ୍ତି ତା' ଜାଣିବା ପାଇଁ ଏସ୍‌ଟିଏଫ୍ ତଦନ୍ତ ଜାରି ରଖିଛି । ମୁଖ୍ୟତଃ ଏମାନେ ବ୍ରାଉନସୁଗର ଟ୍ରେନ୍ ଯୋଗେ ଓଡ଼ିଶାକୁ ଆଣନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂଆପଡା ପକ୍ଷରୁ ଜଳସେବା

କଟକ, (ସ୍ୱପ୍ର) : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ଥାନୀୟ ନୂଆପଡା ବାଲିସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ୪୨ ମୌଜା ପୋଲ

ନିକଟରେ ଏକ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଜଳସେବା କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ଅମିତାଭ ରାଉତରାୟ, ସଦସ୍ୟ ଡା. ରାକେଶ କୁମାର ଜେନା ଉଦ୍‌ଘାଟନ କରିଥିଲେ । ଏହି ଜଳସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଜଳ ବଣ୍ଟନ କରିଥିଲେ । ଏହି ଜଳସେବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପଥଚାରୀମାନେ ଦହି ମିଶ୍ରିତ ଅଭଡା ପାଣି ପାନ କରି ତୃଷ୍ଣା ମେଣ୍ଟାଇବା ସହ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଶଶୀଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍କାଉଟ ଗାଇଡ୍ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍କାଉଟ ମାଷ୍ଟର ପବିତ୍ର କୁମାର ବେହେରା, ଗାଇଡ କ୍ୟାପେଟେନ୍ ଶକୁନ୍ତଳା ମହାନ୍ତି, ପର୍ଯ୍ୟାୟ ପ୍ରମୁଖ ରବିନ୍ଦ୍ର କୁମାର ନାୟକ, ଜୟନ୍ତୀ ମୁଦୁଲି, ଶିଶୁ ବାଟିକା ପ୍ରମୁଖ ସୁପ୍ରିୟା ମହାପାତ୍ରଙ୍କ ସମେତ ଗୁରୁଜୀ, ଗୁରୁମା, ସେବକ, ସେବୀକା ଭାଇ ଭଉଣୀମାନେ ଯୋଗଦେଇ ସହାୟତା କରିଥିଲେ । ଏହି ଜଳସେବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପଥଚାରୀମାନେ ଦହି ମିଶ୍ରିତ ଅଭଡା ପାଣି ପାନ କରି ତୃଷ୍ଣା ମେଣ୍ଟାଇବା ସହ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ।

ବିଓବିର ପ୍ରଥମ ଅଞ୍ଚଳ ପ୍ରବନ୍ଧକ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ସମ୍ବଲପୁର ଗସ୍ତ

ଭୁବନେଶ୍ୱର (ସବୁ୍ୟ): ନୂତନ ଭାବେ ଆରମ୍ଭ ହୋଇଥିବା ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ପ୍ରଥମ ଆଞ୍ଚଳିକ ପ୍ରବନ୍ଧକ ସ୍ୱପ୍ନା ବନ୍ଦୋପାଧ୍ୟାୟ ଦୁଇଦିନିଆ ସମ୍ବଲପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ଶ୍ରୀମତୀ ବନ୍ଦୋପାଧ୍ୟାୟ ଶାଖାଗୁଡିକର ସମୀକ୍ଷା କରିବା ସହ ସମ୍ବଲପୁର ଓ ଝାରସୁଗୁଡା ଠାରେ ଆୟୋଜିତ ଗ୍ରାହକ ସମ୍ମିଳନୀରେ ଯୋଗ ଦେଇଥିଲେ। ବ୍ୟାଙ୍କର ଉପସ୍ଥିତିକୁ ଜାହିର କରିବା ଓ ଗ୍ରାହକଙ୍କୁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେବା ଉପରେ ସେ ବିଶେଷ ଧ୍ୟାନ ଦେଇଥିଲେ। ସେ ମଧ୍ୟ ଗ୍ରାହକମାନଙ୍କ ସହ ଭାବାନୁପ୍ରଦାନ କରିବା ସହ ଶାଖାର ପରବର୍ତ୍ତୀ ଉନ୍ନତିକରଣ ପାଇଁ ସେମାନଙ୍କ ମତାମତ ନେଇଥିଲେ। ତାଙ୍କ ଗସ୍ତ ଅବସରରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ସୁରେନ୍ଦ୍ର ଗୋଣ୍ଡ, ଉପ-କ୍ଷେତ୍ରୀୟ ମୁଖ୍ୟ କେଦାରନାଥ ବେହେରା, ମିଡ୍ କର୍ପୋରେଟ୍ ଶାଖା ମୁଖ୍ୟ ମୁକ୍ତେଶ୍ୱର ନାଥ, ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ଏସ୍‌ଏମ୍‌ଇ ଏବଂ କ୍ରେଡିଟ୍ ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ଶତ ପ୍ରତିଶତ ଭୋଟଦାନ କରି ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା,(ସବୁ୍ୟ) : କୁହାଯାଏ ବୁଲେଟ୍‌ଠାରୁ ବାଲଟ୍ ଅଧିକ ଶକ୍ତିଶାଳୀ। ତେଣୁ, ଭାରତୀୟ ଗଣତନ୍ତ୍ରର ଏକ ସୁସ୍ଥ ଓ ସମୃଦ୍ଧ ପରମ୍ପରା ଗଠନ ସହ ନିର୍ବାଚନର ଏହି ମହାପର୍ବରେ ସାମିଲ ହୋଇ ଶତ ପ୍ରତିଶତ ଭୋଟଦାନ କରିବାକୁ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କୁ ଆହ୍ୱାନ ଜଣାଇଛି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ। ଆଜି ମହାକାଳପଡ଼ା ଗସ୍ତ କରି କହିଛି ନଦୀର ଜଳ ପରି ଭୋଟଦାନ ସଚେତନାର ବାର୍ତ୍ତା ବହିଯାଉ ପ୍ରାଣକୁ ପ୍ରାଣକୁ। ବତୀଘର ପରି ଭୋଟଦାନ ଜାଗରଣର ପ୍ରଦୀପ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଟି ହୃଦୟରେ ଜଳି ଉଠୁ ଓ ଅଜ୍ଞତାର ଅନ୍ଧକାରକୁ ଦୂରୀଭୂତ କରି ଭୋଟ୍ଟାନ ଅଧିକାରକୁ ସୁନିଶ୍ଚିତ କରୁ ଆମ ଜିଲ୍ଲାବାସୀ। ସ୍ୱିପ୍ (ସିଷ୍ଟମେଟିକ୍ ଭୋଟର୍‌ସ ଇଡୁକେସନ ଆଣ୍ଡ ଇଲେକ୍ଟୋରାଲ୍ ପାର୍ଟିସିପେସନ୍) କାର୍ଯ୍ୟକ୍ରମରେ ବତୀଘର, ରାମନଗର ଆଦି ଅଂଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଥିଲା। ଦୈନନ୍ଦିନ ଖର୍ଚ୍ଚ ପାଇଁ ଏହି ଅଂଚଳର ଅଧିକାଂଶ ଲୋକ ସାଧାରଣତଃ ପାରାଦ୍ୱୀପକୁ ରୋଜଗାର ଉଦ୍ଦେଶ୍ୟରେ ଯାଇଥାନ୍ତି । ମାତ୍ର ଜୁନ୍ ୧ ତାରିଖରେ କାର୍ଯ୍ୟରୁ ବିରତ ରହି ଭୋଟଦାନ ଅଧିକାରକୁ ସୁନିଶ୍ଚିତ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ଆହ୍ୱାନ ରଖିଥିଲେ। ବୁଥ୍ ସ୍ତରରେ ଲୋକଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତଥା ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଉପଜିଲ୍ଲାପାଳ ତଥା ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର୍ ଅଶୋକ କୁମାର ଦାସ, ସ୍ଥାନୀୟ ତହସିଲଦାର ମାନସ ରନ ତ୍ରିପାଠୀ, ବିଡିଓ ସାଗର କୁମାର ନନ୍ଦ, ବ୍ଲକ୍ ଓ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଖୋର୍ଦ୍ଧା ଜିଲ୍ଲାରେ ଉପେକ୍ଷିତ ୬ ରୁ ୧୪ ବର୍ଷ ଶିଶୁ ଚିହ୍ନଟିକରଣ ପାଇଁ ବୈଠକ

ଖୋର୍ଦ୍ଧା (ସବୁ୍ୟ): ଆଜି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଖୋର୍ଦ୍ଧା ତରଫରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଯଥା: ଜିଲ୍ଲା ଶ୍ରମ

ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଏମ-ଡିଆଇସି, ପୋଲିସ ବିଭାଗର ବରିଷ୍ଠ ଅଧିକାରୀ, ସାଧାରଣ ବଂଟନ ଅଧିକାରୀ ଓ ଡେପୁଟି କମିଶନର, ଭୁବନେଶ୍ୱର ମହାନଗର ନିଗମ ଇତ୍ୟାଦିଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଭୁବନେଶ୍ୱର ମହାନଗର ନିଗମରୁ ଚିହ୍ନଟ ହୋଇଥିବା ସମାଜ ତଥା ପରିବାର ଦ୍ୱାରା ଉପେକ୍ଷିତ ଶିଶୁମାନଙ୍କ ନିମନ୍ତେ ପରିଚାଳିତ ହେଉଥିବା ୪ଟି ଆବାସିକ ବିଦ୍ୟାଳୟ ଗୁଡିକରେ ନାମ ଲେଖାଇବା ନିମନ୍ତେ ସହରାଂଚଳରେ ଥିବା ଉପେକ୍ଷିତ ୬ରୁ ୧୪ ବର୍ଷର ଶିଶୁଙ୍କୁ ସଠିକ ଭାବରେ ଚିହ୍ନଟୀକରଣ କରିବା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏହି ବିଦ୍ୟାଳୟଗୁଡିକରେ ୨୦୦ ଛାତ୍ରଛାତ୍ରୀ ରହି ଶିକ୍ଷାଗ୍ରହଣ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଅଦ୍ୟାବଧି ୫୯ଟି ସ୍ଥାନ ଖାଲିଥିବା ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର ହୋଇଥିଲା । ତେଣୁ ଏହି ୫୯ ଟି ଅନ୍ତେବାସୀଙ୍କ ସ୍ଥାନ ପୂରଣ କରିବା ନିମନ୍ତେ ସେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ମିତ୍ମା ମିଶ୍ର ପରିଚାଳନା କରିଥିଲେ ।

କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ପ୍ରଚଣ୍ଡ ଗୌଦ୍ରତାପରେ ନିର୍ବାଚନ ପରିଚାଳନାର ଆହ୍ୱାନ

ଭୁବନେଶ୍ୱର(ସବୁ୍ୟ): ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ପ୍ରଚଣ୍ଡ ଗୌଦ୍ରତାପରେ ନିର୍ବାଚନ ପରିଚାଳନାର ଆହ୍ୱାନ ଓ ସାମାଜିକ ଗଣମାଧ୍ୟମ ବିଷୟରେ ବିଶେଷ ଆଲୋଚନା ହୋଇଥିଲା ।

ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ପର୍ଯ୍ୟବେକ୍ଷକଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ଧଳ ଓଡ଼ିଶାରେ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ । ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ରାଜ୍ୟ ପୋଲିସ ନୋଡ଼ାଲ ଅଧିକାରୀ ତଥା ଅତିରିକ୍ତ ଡିଜି ସଞ୍ଜୟ କୁମାର, ଅତିର

ଷ୍ଟାର ପ୍ରଚାରକ ତାଲିକାରେ ବିଜେପିରୁ ବିଶ୍ୱେଶ୍ୱର ଟୁଡୁ ଓ ବିଜେଡିରୁ ସରୋଜିନୀ ହେମ୍ବ୍ରମ

ବାରିପଦା, (ସବ୍ୟୁ) : ଚଳିତ ସାଧାରଣ ନିର୍ବାଚନ ପାଇଁ ଉଭୟ ବିଜେଡି ଓ ବିଜେପି ପକ୍ଷରୁ ମୟୂରଭଞ୍ଜ ଲୋକସଭା ସହ ୯ଟି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ହୋଇସାରିଛି । ମାତ୍ର ଏହି ପ୍ରାର୍ଥୀ ତାଲିକାରେ ଚକିତ୍ କରିଛି ଜିଲ୍ଲାର ଦୁଇ ହେବିୱେଟ୍ ନେତା ବିଜେପିର କେନ୍ଦ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁ ଓ ବିଜେଡିର ଆଦିବାସୀ ମହିଳା ଲଢୁଆ ନାରୀନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଓ ପୂବର୍ତନ ସାଂସଦ ସରୋଜିନୀ ହେମ୍ବ୍ରମ ଟିକେଟ୍ ରୁ ବଞ୍ଚିତ ହେବା ଘଟଣା । କିନ୍ତୁ ଉଭୟ ବିଜେଡି ଓ ବିଜେପି ପକ୍ଷରୁ ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି । ବିଜେପିର ଷ୍ଟାର ପ୍ରଚାରକ ତାଲିକାରେ ବିଶ୍ୱେଶ୍ୱର ଟୁଡୁ ଓ ବିଜେଡିର ଷ୍ଟାର ପ୍ରଚାରକ ତାଲିକାରେ ସରୋଜିନୀ ହେମ୍ବ୍ରମ ସ୍ଥାନ ପାଇଛନ୍ତି । ଏହି ଷ୍ଟାର ପ୍ରଚାରକ ତାଲିକାରେ ଏହି ଦୁଇ ନେତା ସ୍ଥାନ ପାଇବା ଫଳରେ ନିଜ ନିଜ ଦଳରେ ସେମାନଙ୍କର ଦବୁବା ଥିବା ତଥା ବିଜେପି ଓ ବିଜେଡି ଏହି ଦୁଇନେତାଙ୍କୁ ଗୁରୁତ୍ୱ ଦେଉଛି ବୋଲି ଚିତ୍ର ବାରି ହେଉଛି । ଏଥିସହ ଷ୍ଟାର ତାଲିକାରେ ନାମ ଘୋଷଣା ପରେ ଟିକେଟ୍ରୁ ବଞ୍ଚିତ ହୋଇଥିବା ଏହି ନେତା ମାନଙ୍କର ସମର୍ଥକ ମାନଙ୍କୁ କିଛି ପରିମାଣରେ ଆଶ୍ୱସ୍ତି ଦେଇଛି । ଆଗକୁ ସାଧାରଣ ନିର୍ବାଚନ ପରେ ଏହି ଉଭୟ ନେତାଙ୍କୁ ନିଜ ନିଜ ଦଳ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବ ବୋଲି ରାଜନୈତିକ ସମୀକ୍ଷକ ମାନେ ବିଚାର କରୁଛନ୍ତି ।

ଭାଲୁ ପାହାଡ଼ରୁ ବେଆଇନ ପଥର ଉଠାଣ, ୨୫ ହଜାର ଜରିମାନା

ବୁଗୁଡା, (ସବ୍ୟୁ): ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ମାଣିତରା ଗାଁ ନିକଟସ୍ଥ ଭାଲୁ ପାହାଡ଼ରୁ ମାଫିଆଙ୍କ ଦ୍ୱାରା ବେଆଇନ ପଥର ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ ପରେ ଆଜି ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏକ ପଥର ବୋଝେଇ ଟ୍ରାକ୍ଟରକୁ ଜବି ଜୋରିମାନା ଆଦାୟ କରାଯାଇଥିବା ଜଣାଯାଇଛି । ପ୍ରକାଶ ଯେ , ଆଜି ସକାଳ ପ୍ରାୟ ସାଢ଼େ ଛଅଟା ବେଳେ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମାଣିତରା ରାସ୍ତାରେ ନଯାଇ ନାଗିରି ରାସ୍ତାରେ ଯାଇ ଭାଲୁ ପାହାଡ଼ରେ ପହଞ୍ଚିବା ବେଳକୁ ଏକ ପଥର ବୋଝେଇ ଟ୍ରାକ୍ଟର(ନଂ-ଓଡି ୩୨ ବି ୩୦୯୨) ସେଠାରୁ ବାହାରି ଯାଉଥିଲା । ବନ ବିଭାଗ ଟିମ୍ ପକ୍ଷରୁ ଗୋଡାଇ ଟ୍ରାକ୍ଟରଟିକୁ କାବୁ କରିଥିଲେ । ଟ୍ରାକ୍ଟର ମାଲିକ ଜଗନ୍ନାଥ ପ୍ରସାଦ ଥାନା ଅନ୍ତର୍ଗତ କାଦପଡା ଗ୍ରାମର ଶିବ ନାରାୟଣ ପ୍ରଧାନ ହୋଇଥିଲା ବେଳେ ତାଙ୍କଠାରୁ ଓଏମ୍ଏମସି ଆକ୍ଟ ଅନୁସାରେ ୨୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଜଣାଯାଇଛି । ବୁଗୁଡା ଅଞ୍ଚଳର ପଥର ମାଫିଆ ଗୋଷ୍ଠୀ ବେଆଇନ ପଥର ବ୍ଲାଷ୍ଟିଂ ସହ ଚୋରା ଚାଲାଣରେ ଲିପ୍ତ ରହିଥିବା ବେଳେ ଲଗାତର ଧରପଗଡ ପୂର୍ବକ ସେମାନଙ୍କ ଉପରେ ଅଙ୍କୁଶ ଲଗାଇଲେ ସେହି ପାହାଡ଼ରେ ବାସ କରୁଥିବା ହଜାର ହଜାର ମୟୁରଙ୍କ ସମେତ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ସୁରକ୍ଷା ମିଳିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଛତ୍ରପୁର ମହାବିଦ୍ୟାଳୟରେ ନାକ୍ ସମ୍ବନ୍ଧୀୟ କର୍ମଶାଳା

ଛତ୍ରପୁର, (ସବ୍ୟୁ): ଛତ୍ରପୁର ମହାବିଦ୍ୟାଳୟରେ ଆଇକ୍ୟୁଏସି ଆନୁକୂଲ୍ୟରେ ନାକ୍ ସମ୍ବନ୍ଧୀୟ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ଅଧିକାରୀ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦାନ କରି ନାକ୍ ଗ୍ରେଡ଼ର ଆବଶ୍ୟକତା ଓ ଏହା ପ୍ରତ୍ୟେକ ମହାବିଦ୍ୟାଳୟ କାହିଁକି ଲାଭ କରିବା ଉଚିତ, ଏହି ସମ୍ବନ୍ଧରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ବୁଝାଇ କହିଥିଲେ । ଏହି କର୍ମଶାଳାରେ ଶଶୀଭୂଷଣ ରଥ ମହାବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ଡଃ ଭରତଶ୍ରବ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦାନ କରି ନାକ୍ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିବା ସହ ଅଧ୍ୟାପକ ଅଧ୍ୟାପିକାମାନଙ୍କ ମନରେ ଏହି ସମ୍ବନ୍ଧୀୟ ଥିବା ବିଭିନ୍ନ ସନ୍ଦେହମୋଚନ କରିଥିଲେ । ପଦାର୍ଥବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ପ୍ରଦ୍ୟୁମ୍ନ ମଢେଇ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡଃ ପିଙ୍କି ରାଣୀ ଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଆଇକ୍ୟୁଏସି ସଂଯୋଜକ ଡଃ ଲକ୍ଷ୍ମୀ ନାରାୟଣ ସାହୁ ମହାବିଦ୍ୟାଳୟର ଆଗାମୀ ନାକ୍ ସମ୍ବନ୍ଧୀୟ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ପରିଶେଷରେ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନର ସହକାରୀ ଅଧ୍ୟାପିକା ରାଜବାଳା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ସମସ୍ତ କର୍ମଚାରୀ ଯୋଗଦାନ କରି ନାକ୍ ସମ୍ବନ୍ଧରେ ପ୍ରେରିତ ଓ ଉତ୍ସାହିତ ହୋଇଥିଲେ ।

ବାଇକ ରାଲିରେ ଆସି ନାମାଙ୍କନପତ୍ର ଦାଖଲ କଲେ ଗୁରୁନାଥ

ଛତ୍ରପୁର, (ସବ୍ୟୁ): ମଙ୍ଗଳବାର ବାଇକ ଶୋଭାଯାତ୍ରା ରେ ଆସି ନିଜ ନାମାଙ୍କନ ପତ୍ର ଦାଖଲ କଲେ ସିପିଆଇ ପାର୍ଟିର ଛତ୍ରପୁର ବିଧାନସଭା ପ୍ରାର୍ଥୀ ଗୁରୁନାଥ ପ୍ରଧାନ । ଲାଲ ଗଡ଼ ଭାବେ ପରିଚିତ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଫେରାଇ ଆଣିବା ପାଇଁ ସିପିଆଇ ପକ୍ଷରୁ ଗୁରୁନାଥ ପ୍ରଧାନ ଙ୍କୁ ବିଧାୟକ ପ୍ରାର୍ଥୀ କରାଯାଇଥିବା ଯୋଗୁ ଦଳୀୟ ନେତା ଓ କର୍ମୀଙ୍କ ମହଲ ରେ ଦେଖାଦେଇଛି ଉତ୍ସାହ । ସ୍ଥାନୀୟ ଅପର ବସଷ୍ଟାଣ୍ଡ ଠାରୁ ଗୁରୁନାଥଙ୍କ ସହ ଶହଶହ ଦଳୀୟ ନେତା ଓ କର୍ମୀ ମାନେ ବାଇକ ଶୋଭାଯାତ୍ରାରେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। ସେଠାରେ ଛତ୍ରପୁର ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଫିସର ଦେବଦତ୍ତ ମହାନ୍ତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଏହି ଶୋଭାଯାତ୍ରା ସିପିଆଇ ଜାତୀୟ ନେତା ରାମ କୃଷ୍ଣ ପଣ୍ଡା ଓ ଆଶିଷ କାନୁନ ଗୋ, ରାଜ୍ୟ ନେତା ଜୟନ୍ତ ଦାସ ଓ ପ୍ରଶାନ୍ତ କୁମାର ପାଟଯୋଶୀ, ଗଞ୍ଜାମ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲ୍ଲା ସହ -ସମ୍ପାଦକ ନୀଳକଣ୍ଠ ଦାଶ, ଅଖିଳ ଭାରତ ଯୁବସଂଘ ର ରାଜ୍ୟ ସହ -ସମ୍ପାଦକ କାମଦେବ ନାହାକ, ଚମାଖଣ୍ଡି ଜୋନାଲ ସମ୍ପାଦକ ସିଏଚ ଜନାର୍ଦନ ରେଢ଼ୀ, ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଢ଼ୀ, ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର , ମାଗୁଣି ବିଷୋୟୀ, ମଥୁରା ସୁବୁଦ୍ଧି, ଏନ. ମୁନାପାତ୍ର, ଏନ. ଗିରିଜା ପ୍ରସାଦ ରେଢ଼ୀ, କୈଳାଶ ପଲାଇ, ଏସ. କ୍ରିଷ୍ଣା ରେଢ଼ୀ, କେଶବ ନାହାକ, ରାଜେନ୍ଦ୍ର ନାହାକ, ଦୁର୍ଯ୍ୟୋଧନ ପରିଡା ଙ୍କ ସମେତ ହଜାରୁ ଉର୍ଦ୍ଧ୍ୱ ସିପିଆଇ ନେତା ଓ କର୍ମୀ ମାନେ ସାମିଲ ଥିଲେ ।

'ପ୍ରଜ୍ଞାପୀଠ'ରେ ବାଞ୍ଛାନିଧି ଜୟନ୍ତୀ ପାଳିତ

ଭଦ୍ରକ,(ସବ୍ୟୁ):ଭଦ୍ରକ କଲେଜ ପରିସର ସଂଲଗ୍ନ 'ପ୍ରଜ୍ଞାପୀଠ' ଠାରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ୧୨୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବର୍ଷୀୟାନ ସ୍ୱାଧିନତା ସଂଗ୍ରାମୀ ତଥା ତତକାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପରେ ଭାରତର ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂହ ପାଟିଲଙ୍କ ଦ୍ୱାରା ସମର୍ଦ୍ଧିତ ବ୍ରଜ କିଶୋର ରାଉତ ଯୋଗ ଦେଇ ଉତ୍ତମ ରାଷ୍ଟ୍ର ଗଠନରେ ଯୁବ ପିଢ଼ୀଙ୍କର ସହଯୋଗ ଅନସ୍ୱିକାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ବକ୍ତା ଓ ଅତିଥି ଭାବେ ଭଦ୍ରକ ସାହିତ୍ୟ ପରିଷଦର ଅଧକ୍ଷା ପ୍ର.ଡ. ରାଧାରାଣୀ ମହାପାତ୍ର ଓ ପ୍ରଗତିଶୀଳ ସାହିତ୍ୟ ପରିଷଦ ଭଦ୍ରକର ଅଧକ୍ଷ ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ ଯୋଗଦେଇ ଦେଶପ୍ରୀତି ଓ ଜାତିପ୍ରୀତି ପ୍ରତ୍ୟେକ ନାଗରିକମାନଙ୍କର ପରମଧେୟ ହେବା ଉଚିତ। ଏହା ଦେଶକୁ ଓ ଜାତିକୁ ଉଚିତ୍ ମାର୍ଗରେ ପରିଚାଳିତ କରାଇବ ବୋଲି ନିଜ ନିଜର ବକ୍ତବ୍ୟରେ କହିଥିଲେ। ସଭାରେ ଅଧକ୍ଷତା କରିଥିଲେ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ତଥା ଆମେ ଅନୁଷ୍ଠାନର ଅଧକ୍ଷ ନାଟ୍ୟ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି। ବକ୍ତବ୍ୟ ରଖିଥିବା ଅନ୍ୟ ବିଶିଷ୍ଟ ବୁଦ୍ଧିଜୀବୀମାନେ ହେଲେ ଗଙ୍ଗାଧର ମଲ୍ଲିକ, ଆଡଭୋକେଟ ଅଗଣୀ ଚରଣ ଜେନା, ଅଧ୍ୟାପିକା ମଧୁସ୍ମିତା ନାୟକ, ପ୍ରାଧ୍ୟାପିକା ଭାନୁମତି ମାଟିଆ, ପ୍ରାଧ୍ୟାପିକା ଉଷାରାଣୀ ଜେନା, ପ୍ରାଧ୍ୟାପକ ରାଜକିଶୋର ବାରିକ, ଗଦାଧର ସାହୁ, ସନ୍ତୋଷ କୁମାର କର, ଦିଲ୍ଲୀପ ନାୟକ, ତ୍ରିଲୋଚନ ପଣ୍ଡା, ଇଂ ଶଶାଙ୍କ ଶେଖର ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, ରଜତ କୁମାର ସାହୁ, ମାଧବୀ ଲତା ନାୟକ,ଆଲୋକ କୁମାର ନାୟକ, ତନୁଶ୍ରୀ ନାୟକ, ସ୍ୱାଗତିକା ସାହୁ, ଆଦ୍ୟାଶା, ଆରାଧା ଏବଂ ଅସ୍ମିତା ନାୟକ। ଏହି ଅବସରରେ ବ୍ରଜ କିଶୋର ରାଉତ ସମ୍ବର୍ଦ୍ଧିତ ହୋଇଥିଲେ ଓ ପ୍ରଫେସର ଅଟଳ ବିହାରୀ ନାୟକଙ୍କର ୩ ଖଣ୍ଡ ପୁସ୍ତକ ଲୋକାର୍ପିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଆମେ ଅନୁଷ୍ଠାନର ସମ୍ପାଦକ ପ୍ର.ଅଟଳ ବିହାରୀ ନାୟକ।

ବିଶ୍ୱ ପୁସ୍ତକ ଦିବସ ପାଳିତ

ଭଣ୍ଡାରିପୋଖରୀ,(ସବ୍ୟୁ):ଏହି ବ୍ଲକ ଅନ୍ତର୍ଗତ ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ବିଶ୍ୱ ପୁସ୍ତକ ଦିବସ ସଭାପତି ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱ ରେ ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରବୀନ୍ଦ୍ର ନନ୍ଦ, ମୁଖ୍ୟ ବକ୍ତାଭାବେ କବି ସନ୍ତୋଷ ସାହୁ, ସମ୍ମାନିତ ବକ୍ତାଭାବେ କବି ଜଗନ୍ନାଥ ନାୟକ ଯୋଗ ଦେଇ ପୁସ୍ତକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ କାଳଜୟୀ ପୁସ୍ତକର ମହନୀୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଦେବେନ୍ଦ୍ର ନାୟକ, ଘନଶ୍ୟାମ ସ୍ୱାଇଁ,ରବି ନାରାୟଣ ସ୍ୱାଇଁ, ସୁବ୍ରତ ଦାସ, ଜୟଦେବ ସେନାପତି ପ୍ରମୁଖ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

ବଲାଙ୍ଗୀର : ଭୋଜିଖାଇ ୫୦ ଅସୁସ୍ଥ

ବଲାଙ୍ଗୀର, (ସବ୍ୟୁ) : ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ଅଧୀନ ଉପରଝର ଗ୍ରାମରେ ଭୋଜିଖାଇ ୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡିଛନ୍ତି । ଅସୁସ୍ଥଙ୍କ ମଧ୍ୟରୁ ୭ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ ଅସୁସ୍ଥମାନଙ୍କ ଚିକିତ୍ସା ପାଇଁ ଉପରଝର ଗାଁରେ ଏକ ଡାକ୍ତରୀ ଦଳ ପହଞ୍ଚିଛନ୍ତି । ତଥ୍ୟ ନେବାରୁ ଜଣାପଡିଛି ଯେ, ଭୋଜି ଖାଇବା ପରେ ସେମାନଙ୍କୁ ଝାଡାବାନ୍ତି ହୋଇଥିଲା । ପରେ କିଛି ଗୁରୁତର ହୋଇଥିବା ବେଳେ ଅନେକ ଗାଁରେ ରହି ଚିକିତ୍ସିତ ହେଉଛନ୍ତି । ଝାଡାବାନ୍ତିର ସଠିକ୍ କାରଣ ଜଣାପଡି ନଥିବା ଡାକ୍ତରୀ ଦଳ ସୂଚନା ଦେଇଛନ୍ତି ।

ଫ୍ଲାଟ ମାଲିକ ସଂଘ ସଦସ୍ୟଙ୍କ ନିମନ୍ତେ ଭୋଟର ସଚେତନତା ସଭା

ବାଲେଶ୍ୱର, (ସବ୍ୟୁ) : ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗାନ୍ଧିସ୍ମୃତି ଭବନଠାରେ ଫ୍ଲାଟ ମାଲିକ ସଂଘର ସଦସ୍ୟମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗ ଦେଇଥିବା ୨୫ରୁ ଉର୍ଦ୍ଧ୍ୱ ପ୍ରତିନିଧିମାନଙ୍କୁ ଦାୟିତ୍ୱବାନ ଭୋଟର ଭାବେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାଧିକାରକୁ ଅବାଧ ଓ ନ୍ୟାୟପୂର୍ଣ୍ଣ ଭାବେ କରିବେ ବୋଲି ଶପଥ ନେଇ ସଭା ଆରମ୍ଭ କରିଥିଲେ । ସଦର ବିଡ଼ିଓ ସମରଜିତ କର ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ବଳିଷ୍ଠ ବ୍ୟବସ୍ଥା ଉପରେ ଆଲୋକପତ କରିଥିଲେ। ଭୋଟର ପଞ୍ଜୀକରଣ, ମତଦାନ କେନ୍ଦ୍ରରେ ଚିହ୍ନଟ ଆବଶ୍ୟକତା , ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥା ଏବଂ ପ୍ରାର୍ଥୀଙ୍କ ସୂଚନା ପାଇଁ ଅନଲାଇନ୍ ସମ୍ବଳକୁ ନେଇ ରହିଥିବା ବିଭିନ୍ନ ସନ୍ଦେହକୁ ସେ ସ୍ପଷ୍ଟ କରିଥିଲେ । ଏହି ସଚେତନତା ଅଧିବେଶନ ପରେ ବିଭିନ୍ନ ଫ୍ଲାଟ ମାଲିକ ସଂଘର ପ୍ରତିନିଧିମାନେ ଦାୟୀତ୍ୱବାନ ଭାବେ ଭୋଟ ଦେବା ସହ ନିଜ ଫ୍ଲାଟରେ ଥିବା ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ ।

ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ପୃଥିବୀ ଦିବସ ପାଳିତ

ବାଲେଶ୍ୱର, (ସବ୍ୟୁ) : ଚଳିତବର୍ଷ ପୃଥିବୀ ଦିବସର ମୁଖ୍ୟ ପ୍ରସଙ୍ଗ ବନାମ ପ୍ଲାଷ୍ଟିକ ବିଷୟକୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭୂଗୋଳ ବିଭାଗ, ଭୂବିଜ୍ଞାନ ବିଭାଗ ଓ ପରିବେଶ ବିଜ୍ଞାନ ବିଭାଗର ମଳିତ ସହଯୋଗରେ ପୃଥିବୀ ଦିବସ -୨୦୨୪ ପାଳିତ ହୋଇଯାଇଛି । ଏହି ୫୫ତମ ପୃଥିବୀ ଦିବସ ପାଳନ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ଏହି ଦିବସର ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଡାକ୍ତର ନିହାର ରଞ୍ଜନ ରାଉତ ଓ ଡକ୍ଟର ରୋଜାଲିନ ଦାସ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦର ଅଧକ୍ଷ ପ୍ରଫେସର ଡକ୍ଟର ସୁଭେନ୍ଦୁ କୁମାର ଦେ, ଡକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର, ଭୂଗୋଳ ବିଭାଗର ପ୍ରଫେସର ମନୋରଂଜନ ମିଶ୍ର, ସମ୍ମାନୀୟ ଅତିଥିଭାବେ ପ୍ରଫେସର ରବିନ୍ଦ୍ରନାଥ ହୋତା ଆଭାଷୀ ମାଧ୍ୟମରେ ଯୋଗଦେଇ ପ୍ଲାଷ୍ଟିକର ବହୁଳ ବ୍ୟବହାର କରିବା ଓ ଏହାର କୁପରିଣାମ କିଭଳି ଭାବେ ସିଧାସଳଖ ପରିବେଶ, ଜୀବନ ଶୈଳୀ, ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ସେବାବଦରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଭାଗମୁଖ୍ୟ ଅଧ୍ୟାପକ- ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ଡକ୍ଟର ସସ୍ମିତା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଡକ୍ଟର ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଜାତୀୟ ସ୍କୁଲ କ୍ରୀଡ଼ାରେ ଭାଗ ନେବେ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀର ୬ ଖେଳାଳି

ବାରିପଦା, (ସବ୍ୟୁ) : ଚଳିତ ମାସ ୨୭ ଓ ୨୮ ତାରିଖ ମହାରାଷ୍ଟ୍ର ପୁନେର ବେଲୱାଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୭ବର୍ଷରୁ କମ୍ ୬୭ତମ ଜାତୀୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୮ଜଣ ସ୍ଥାନ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, ମୟୂରଭଞ୍ଜର ୬ଜଣ ଖେଳାଳୀ ଓଡିଶା ଦଳରେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେମାନେ ହେଲେ ଶ୍ରୀଅରବିନ୍ଦ ହାଇସ୍କୁଲରେ ଅଧ୍ୟୟନରତ ଦୀପକ ବେହେରା, ଶ୍ରୀପଦଗଞ୍ଜ ହାଇସ୍କୁଲର ସୋନେର ସିଂ ବେଶ୍ରା, ରାଣୀଭୋଳ ବାଳିକା ହାଇସ୍କୁଲର ସୁମିତ୍ରା ମୁର୍ମୁ, ପାୟେଲ ହାଁସଦା, ରାଇରାଙ୍ଗପୁର ସରକାରୀ ହାଇସ୍କୁଲ୍ର ସିମଲ୍ ବାସ୍କେ, ସିନ୍ଦୂରଗୌରା ହାଇସ୍କୁଲର ମମତା ମୁର୍ମୁ, ବାସନ୍ତୀ ମୁର୍ମୁ ଓ ହିଷୀ ଟୁଡୁ। ସମସ୍ତେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀରେ ବିଗତ ୨ବର୍ଷରୁ କ୍ରୀଡ଼ା ପ୍ରଶିକ୍ଷଣ ନେଉଛନ୍ତି। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ

ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଅନୁଗୋଳ ଜିଲ୍ଲାର ପ୍ରସ୍ତୁତି

ଅନୁଗୋଳ, (ସବ୍ୟୁ) : ଅନୁଗୁଳ ଜିଲ୍ଲାର ନିର୍ବାଚନ ସମୀକ୍ଷା ବୈଠକ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଶ୍ରୀକାନ୍ତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସର୍କିଟ ହାଉସ ଠାରେ ଆଜି ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ସେ ଜିଲ୍ଲାର ସମସ୍ତ ବୁଥରେ ପିଇବା ପାଣି, ବିଦ୍ୟୁତ୍ ଆଶ୍ରୟ ସ୍ଥଳୀ ଭଳି ମୌଳିକ ସୁବିଧାର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମତଦାନ ପ୍ରତିଶତ କମ ଥିବା ଅଞ୍ଚଳ ମୁଖ୍ୟତଃ ଶିଳ୍ପାଞ୍ଚଳ ଗୁଡିକରେ ଅଧିକରୁ ଅଧିକ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୋଷ୍ଟାଲ ବାଲଟ, ସିଭିଜିଲ ଆପ, ସୁବିଧା ପୋର୍ଟାଲ ର କାର୍ଯ୍ୟକାରିତା କୁ ନେଇ ସମୀକ୍ଷା କରିଥିଲେ। ନିର୍ବାଚନ ଆଚଣବିଧିକୁ ଅତି ଗୁରୁତ୍ୱ ସହ ନେବା ସହିତ, ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡାକଡି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ହେମନ୍ତ କୁମାର ସିଂହ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ସେକ୍ଟର ଅଫିସର ପ୍ରମୁଖ ଉପସ୍ଥିତ ଥିଲେ।

ମତଦାନ ହାର ବୃଦ୍ଧି ଲକ୍ଷ୍ୟ ନେଇ ତାଳଚେରରେ ସଚେତନତା କାର୍ଯ୍ୟକ୍ରମ

ସାଉଥବଲଣ୍ଡା, (ସବ୍ୟୁ): ସାଧାରଣ ନିର୍ବାଚନ ୨୦୨୪ରେ ଅନୁଗୋଳ ଜିଲ୍ଲାର ସମସ୍ତ ସ୍ଥାନରେ 'ମତଦାନ' ହାର ବୃଦ୍ଧି ନିମନ୍ତେ ପ୍ରଶାସନ ପକ୍ଷରୁ (ଏସଭିଇଇପି) ସିଷ୍ଟମେଟିକ ଭୋଟର୍ସ ଏଜୁକେସନ ଆଣ୍ଡ ଇଲେକ୍ଟ୍ରୋରାଲ ପାର୍ଟିସିପେସନ ଅନ୍ତର୍ଗତ ବିଭିନ୍ନ ଭୋଟର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜିଲ୍ଲାରେ ଥିବା ସମସ୍ତ ୫ଟି ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ ଆସନ୍ତା ମଇ ମାସ ୨୫ ତାରିଖରେ ଭୋଟ ଦେବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ କରାଯାଉଛି। ସଚେତନତାର ବାର୍ତ୍ତା ନେଇ 'ସିଫ୍' ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରୁଛି। ଏହି ପରିପ୍ରେକ୍ଷୀରେ ତାଳଚେର (୬୦) ନିର୍ବାଚନମଣ୍ଡଳୀର ସାଉଥବଲଣ୍ଡା କଲୋନୀ ଅଂଚଳ ଏବଂ ଥର୍ମାଲ ଆନନ୍ଦବଜାର ଛକ ଠାରେ ଠାରେ ଭୋଟର ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବ୍ୟାନର ଜରିଆରେ ବିଭିନ୍ନ ଦୋକାନ ବଜାରକୁ ଆସୁଥିବା ଗ୍ରାହକମାନଙ୍କୁ ସଚେତନତାର ବାର୍ତ୍ତା ଥିବା ଷ୍ଟିକର ବଣ୍ଟାଯାଇ ସଚେତନ କରାଯାଇଥିଲା। ମୁଖ୍ୟ ଓ ଜନଗହଳି ସ୍ଥାନଗୁଡିକରେ କଳାକାରମାନେ ଲୋକକଳା ମାଧ୍ୟମରେ ଭୋଟର ମାନଙ୍କୁ ମତଦାନ କରିବା ପାଇଁ ସଚେତନ କରାଯାଇଥିଲା। ସେହିପରି ଗୋବରା ହାଇସ୍କୁଲରେ ଭୋଟ ସଚେତନତା ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷ୍ଟ କାର୍ଡ଼ ଲେଖନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମାନଙ୍କୁ ମତଦାନର ମହତ୍ୱକୁ ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅଦାଲ୍ ଏମ୍ ଅଖତାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି।

ବ୍ରାଉନସୁଗର ଧରାପଡ଼ିବା ନେଇ ଚର୍ଚ୍ଚା

ତାଳଚେର, (ସବ୍ୟୁ): ଶିଳ୍ପନଗରୀ ତାଳଚେରର ଖୋଦ୍ ଉପଖଣ୍ଡ ଅଂଚଳରେ ଦୁଇଜଣ ବ୍ୟକ୍ତି କୁଆଡ଼େ ଏକ କେଜିରୁ ଉର୍ଦ୍ଧ୍ୱ ବ୍ରାଉନସୁଗାର ନେଇ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଏସଟିଏଫ୍ ଟିମ୍ ହାତରେ ଧରା ପଡ଼ିଥିବା ଘଟଣାକୁ ନେଇ ସମଗ୍ର ତାଳଚେରରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ତେବେ ଏନେଇ ତାଳଚେର ଅବକାରୀ ବିଭାଗକୁ ପଚାରିବାରୁ ସେ କୁହନ୍ତି, ତାଳଚେର ଟାଉନ ଥାନା ସହ ଯୋଗାଯୋଗ କରନ୍ତୁ ଆମେ କିଛି ଜାଣିନାହୁଁ । ତାଳଚେର ଟାଉନଥାନା ଅଧିକାରୀଙ୍କୁ ପଚାରିଲେ ସେ କୁହନ୍ତି ଏଭଳି କୌଣସି ଘଟଣା ଆମ ଥାନା ପର୍ଯ୍ୟନ୍ତ ଆସିନାହିଁ । ତେବେ କଥା ଆସୁଛି, ଯଦି ଏହା ସତ୍ୟ ତେବେ ଶିଳ୍ପନଗରୀ ତାଳଚେର ଅଂଚଳରେ କେତେ ପରିମାଣରେ ଧଳାଜହର କାରବାର ହେଉଥିବା ଏଥିରୁ ସ୍ପଷ୍ଟବାରି ହେଉଛି । ସମ୍ଭବତଃ ହିଙ୍ଗୁଳାଯାତ୍ରା ଓ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଧଳାଜହର ମାଫିଆମାନେ ଏତେଶୟ ନିଶାଦ୍ରବ୍ୟ କାରବାର ଆରମ୍ଭ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ତେବେ ସ୍ଥାନୀୟ ପୋଲିସ୍, ଅବକାରୀ ଓ ପ୍ରଶାସନ ଦିନ ଥାଉ ଥାଉ ଏଥିପ୍ରତି ଦୃଷ୍ଟି ନଦେଲେ ସେ ସମୟରେ ଏହା କେଉଁ ରୂପ ନେବେ ତାହା ଦେଖିବାକୁ କେବଳ ବାକି ରହିଛି। ତେବେ ଏଥିରେ କେତେଜଣ ସମ୍ପୃକ୍ତ ଓ ସେମାନଙ୍କର ପ୍ରକୃତ ଠିକଣା ବର୍ତମାନ ସୁଦ୍ଧା ସ୍ପଷ୍ଟ ଜଣାପଡ଼ି ନାହିଁ।

ବଇଣ୍ଡା ନାଇଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଠାକୁରଗଡ଼, (ସବ୍ୟୁ): କିଶୋରନଗର ବ୍ଲକ ବଇଣ୍ଡା ରାମ ଦେଓ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ସୋମବାର ଦିନ ରାତିରେ ବଇଣ୍ଡା ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟ କୁ ଶିକ୍ଷକ କ୍ଷିତିଜା ରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଶିକ୍ଷକ ବିଶିକେଶନ ସାହୁ, ମୁରଲୀଧର ପ୍ରଧାନ, ଗିରିଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଏଥିରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ରେ ହଣ୍ଡପା କ୍ରିକେଟ କ୍ଲବ କୁ ହରାଇ ସାନହୁଲା ବିଜୟୀ ହୋଇଥିଲା। ସେହିପରି ଶିମିଳିପାଳ କ୍ରିକେଟ କ୍ଲବକୁ ହରାଇ ବଇଣ୍ଡା ଓ୍ୱାରିଅସ କ୍ରିକେଟ କ୍ଲବ ବିଜୟୀ ହୋଇଛି । ଏହି ମ୍ୟାଚ ଗୁଡିକ କୁ ବାଳକୃଷ୍ଣ ସ୍ୱାଇଁ, ଲୁଲୁ ପ୍ରସାଦ ସାହୁ ପରିଚାଳନା କରିଥିଲେ । ଏଥିରେ କ୍ଲବ ର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଅନ୍ନ ବସ୍ତ୍ର ଦାନ

ସାଉଥବଲଣ୍ଡା, (ସବ୍ୟୁ): ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ପବିତ୍ର ହିଙ୍ଗୁଳା ଯାତ୍ରା ଅବସରରେ ଶାଳବଣି ଛକ ନିକଟରେ ଅସହାୟ ଭିନ୍ନକ୍ଷମଙ୍କୁ ଅନ୍ନ, ବସ୍ତ୍ର ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଗୌର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବସ୍ତ୍ର ଦାନ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ତାଳଚେର ରେର ସୁକାନ୍ତି ଦେଇ, ଶିକ୍ଷାବିତ ଚକ୍ରଧର ପ୍ରଧାନ,ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ସାହୁ, ଦୈତାରି ସାହୁ, ପତି ସାହୁ, ଅନିଲ କୁମାର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଖବନ୍ଧୁ ସାହୁ,ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ୮୯୦ଜଣ ମହିଳା ଓ ପୁରୁଷ ସହିତ ୧୯୦ଜଣ ଛୋଟ ପିଲାଙ୍କୁ ଅନ୍ନ, ବସ୍ତ୍ର ଦାନ ସହିତ ଆଶୁ ଚିକିତ୍ସା ଶିବିର ଆୟୋଜନ କରାଯାଇ ୧୫ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା । ପ୍ରଥମ ଏବଂ ଦ୍ୱିତୀୟ ଦିବସରେ ଭକ୍ତମାନଙ୍କୁ ଦହି ସର୍ବତ, ଗ୍ଲୁକୋଜ୍ ପାଣି, ଯାତ୍ରୀ ବଶ୍ରାମ ସେବା ଆଦି ପ୍ରଦାନ କରାଯାଉଛି। ଏଥିରେ ଅନୁଷ୍ଠାନର ସଦସ୍ୟ ମନ୍ଦର ସାହୁ, ନରେଶ ଚନ୍ଦ୍ର ସ୍ୱାଇଁ, ଦିବାକର ସାହୁ, ପଂଚୁନାଥ ସାହୁ, ପୁରୀ ସାହୁ, ବିଶ୍ୱ ମୋହନ ମହାଁ, ମଧୁ ସୁଦନ ସାହୁ, ଅଭୟ ପ୍ରଧାନ ଇନ୍ଦୁମତି ମହାରଣା, ରବି ଭୂତିଆ, ଅଇଁଠୁ ସ୍ୱାଇଁ, ସୁଶୀଲ ମାଝୀ, ଶ୍ରୀନିବାସ ସାହୁ ପ୍ରମୁଖ ସହିତ ତାଳଚେର ଓ ଅନୁଗୋଳ ଜିଲ୍ଲାର ବହୁ ବଦାନ ବ୍ୟକ୍ତି ସାହାଯ୍ୟ ଓ ସହଯୋଗ କରିଥିଲେ।

ମା' ହିଙ୍ଗୁଳାଙ୍କ ଆଶୀର୍ବାଦ ନେଇ କଂଗ୍ରେସ ନେତାଙ୍କ ନିର୍ବାଚନୀ ପ୍ରଚାର

ଗୋଡ଼ିବନ୍ଧ,(ସବ୍ୟୁ): ଶୁକ୍ରବାର ଦିନ ଅଧିଷ୍ଠାତ୍ରୀ ଦେବୀ ମା ହିଙ୍ଗୁଳାଙ୍କ ଦର୍ଶନ ଲାଭ ପରେ ଢେଙ୍କାନାଳ ଲୋକସଭା କ୍ଷେତ୍ରର ପ୍ରାର୍ଥୀନୀ ସସ୍ମିତା ବେହେରା ଓ ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ଦାସଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ ହେଇଛି। ହଜାର ହଜାର କଂଗ୍ରେସ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ତାଳଚେରର ବିଜଦ ବିଧାୟକ ବିକାଶ କ୍ଷେତ୍ରରେ ଉଦାସୀନତାକୁ ନେଇ ପ୍ରଶ୍ନ କରିଥିଲେ। ତାଳଚେରକୁ ପ୍ରଦୂଷଣ ମୁକ୍ତ, ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତି, ଗମନା ଗମନ ସୁବିଧା, ସ୍ୱଚ୍ଛ ଜଳ ପ୍ରଭୃତି ପ୍ରସଙ୍ଗ କରି ଶ୍ରୀ ଦାସ ଓ ଶ୍ରୀମତୀ ବେହେରା ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏ ଅବସରରେ ଚାଲି ଚାଲି ପଥପ୍ରାନ୍ତ ସଭା ମାଧ୍ୟମରେ ଅପାରଗ ପୂର୍ବତନ ବିଧାୟକଙ୍କୁ ଭୋଟର ମାନେ ଭୋଟ ନଦେବାକୁ ସଚେତନ କରାଇଥିଲେ। ପ୍ରତିକ୍ରିୟାରେ ଉଭୟ ପ୍ରାର୍ଥୀ ବିପୁଳ ପରିମାଣର ଭୋଟ ବ୍ୟବଧାନରେ ଜିତିବେ ବୋଲି ସୂଚନା ଦେଇଥିଲେ ଓ ବିରୋଧୀ ଦଳର ଶତାଧିକ ସଦସ୍ୟ କଂଗ୍ରେସ ଦଳର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ।

ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ଠାକୁରଗଡ, (ସବ୍ୟୁ): ଭାଜପା ଛାଡି ବିଜେଡିରେ ଯୋଗ ଦେଇଥିବା ଆଠମଲ୍ଲିକ ର ଟାଣୁଆ ନେତା ଭାଗିରଥି ପ୍ରଧାନଙ୍କୁ ସୋମବାର ଦିନ ବିଜେଡି ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି କରାଯାଇଛି । ଏନେଇ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି ।ଭାଗିରଥି ଭାଜପା ଛାଡି ବିଜେଡିରେ ଯୋଗ ଦେବା ପରେ ତାଙ୍କୁ ଦଳ ଦାଇତ୍ୟ ପ୍ରଦାନ କରିଛନ୍ତି । ଏନେଇ ତାଙ୍କୁ ସୋମବାର ଦିନ ତାଙ୍କ ନିଜ ପୌତୁକ ଘର ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ଅଞ୍ଚଳବାସୀ ସ୍ୱାଗତ କରିବା ସହ ତାଙ୍କ ବାସ ଭବନ ରେ ଲାଗିଥିବା ଦୀର୍ଘ ୩୧ ବର୍ଷ ର ଭାଜପା ପତାକା କୁ ଓଲ୍ଲାହି ବିଜେଡି ପତାକା ଲଗାଇଥିଲେ । ଏ ପରିକି କିଭଳି ବିଜେଡି ଓଡିଶାରେ ସରକାର ଗଠନ କରିବେ ସେ ନେଇ ସମସ୍ତେ ଏକ ଜୁଟ ହୋଇକାମ କରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆଠମଲ୍ଲିକ ବିଜେଡି ବିଧାୟକ ପ୍ରାର୍ଥୀ ନଳିନୀ କାନ୍ତ ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ବିଜେଡି ଜିଲ୍ଲା ସହ ପର୍ଯବେକ୍ଷକ କୁନୁ ବିହାରୀ ଦାସଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ । ଏନେଇ ଭାଗିରଥି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଭିକେ ପାଣ୍ଡିଆନଙ୍କୁ ଧନ୍ୟବାଦ ଦେଇଛନ୍ତି ।

ଫାଣ୍ଡି କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଢେଙ୍କିକୋଟ ,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି କନେଷ୍ଟବଲ ଭାବଗ୍ରାହୀ ମଲେଇଙ୍କୁ ରବିବାର ଦିନ ଅବସର କାଳୀନ ସମ୍ବର୍ଦ୍ଧନା । ପ୍ରଦାନ କରାଯାଇଛି। ଢେଙ୍କିକୋଟ ଡାକବଙ୍ଗଳା ଠାରେ ଏହି ଅବସର କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଫାଣ୍ଡି ଅଧିକାରୀ ତ୍ରିନାଥ ନାୟକ ଆୟୋଜନ କରିଥିଲେ। ଘଟଗାଁ ଥାନା ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ଶୁ ଜେନା କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ ନିମନ୍ତ୍ରିତ ହୋଇ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ବିଦାୟୀ କର୍ମଚାରୀ ଭାବଗ୍ରାହୀ ମଲେଇଙ୍କୁ ସମ୍ବର୍ଦ୍ଧିତ ଓ ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଘଟଗାଁ ଥାନା ଓ ଢେଙ୍କିକୋଟ ଫାଣ୍ଡିରୁ ଅନୁନ୍ୟ ୩୦ ରୁ ଅଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଓ ଦୌରା ଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ରୂପଶ୍ରୀ ଚୌଧୁରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ରାମ ନାରାୟଣ ଡିଗ୍ରୀ କଲେଜ, ଡୁରା ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆରପିସି ର ବିଭିନ୍ନ ବ୍ୟବସ୍ଥା ଯେପରିକି ଏଫ.ଆଇ.ଆର, ଜାମିନ, ସମନ ଏବଂ ଓ୍ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱ ଅଧିକାର, ଅପିଲ୍ ଏବଂ ଯୌନ ନିର୍ଯାତନା, ବିଭିନ୍ନ ବ୍ୟବସ୍ଥା ଉପରେ ସମ୍ବେଦନଶୀଳତା ଉପରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆୟୁଷ୍ମାନ ମହନ୍ତ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜର୍ଜ ବ୍ରହ୍ମପୁର, ଡଃ ମମତା ମହାନ୍ତି, ସିନିଅର ସିଭିଲ ଜର୍ଜ କମରସିଆଲ କୋର୍ଟ ବ୍ରହ୍ମପୁର, ସନ୍ଦୀପ କୁମାର ମହାନ୍ତି ଜେ.ଏମ.ଏଫ.ସି, ବ୍ରହ୍ମପୁର, ଦେବଶ୍ରୀ ସାହୁ ସେକ୍ରେଟାରୀ ଡ଼ିଏଲଏସଏ ଗଞ୍ଜାମ, ଡଃ ପିନାକ ମହାନ୍ତି ପ୍ରିନସିପାଲ, ରାମ ନାରାୟଣ ଡ଼ିଗ୍ରୀ କଲେଜ ଡୁରା, ବ୍ରହ୍ମପୁର, ସବିତା ସାହୁକାର ମେୟର ଡି.ଏଲ.ଏସ.ଏ , ଗଞ୍ଜାମଙ୍କ ସମେତ ଉକ୍ତ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ ।

ଇଟା କାରଖାନା ଗୁଣ୍ଡାଙ୍କ ଆକ୍ରମଣରେ ଗ୍ରାହକ ଆହତ

ବଅଁରପାଳ, (ସବ୍ୟୁ): ବଅଁରପାଳ ଥାନାକୁ ଆସୁଥିବା ଅଭିଯୋଗ ଗୁଡିକ କର ତଦନ୍ତ ବିଳମ୍ବ ହେଉଥିବା ଯୋଗୁଁ ଅପରାଧୀ ମାନେ ଅଭିଯୋଗ କାରିମାନଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଛନ୍ତି । ଫଳରେ କୋଣସି ବ୍ୟକ୍ତି ଥାନାକୁ ଆସିବା ପାଇଁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଘଟଣାରୁ ପ୍ରକାଶ ଅନୁଗୁଳ ଜିଲ୍ଲା ବଅଁରପାଳ ବ୍ଲକ ବନ୍ଦା ଗ୍ରାମରେ ଇଟା ଗଣତିକୁ ନେଇ ମାତପିଟ୍ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ନେଇ ବଅଁରପାଳ ଥାନା ପୁଲିସ ଦୁଇଟି ମାମଲା ରୁଜୁ କରିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବନ୍ଦା ଗ୍ରାମର ଶ୍ରୀ ବିଜୟ କୁମାର ବେହେରା ନିଜ ଘର ନିର୍ମାଣ ପାଇଁ ସେହି ଗ୍ରାମର ନିଲୁ ସାହୁଙ୍କ ଜରିଆରେ କିଛି ଇଟା ମାଗାଇଥିଲେ। ଇଟା ଆସିବା ପରେ ବିଜୟ ତାହା ଗଣତି କରିଥିଲେ। ଗଣତି ପରେ ବିଜୟ ଜାଣିବାକୁ ପାଇଲେ ଯେ, ନିର୍ଦ୍ଧାରିତ ପରିମାଣ ଠାରୁ ୫୦ ଟି ଇଟା କମ୍ ଆସିଛି । କାହିଁକି ୫୦ ଟି ଇଟା କମ୍ ଆସିଛି ବୋଲି ବିଜୟ ନିଲୁକୁ ପଚାରିଥିଲେ। ଏହା ପରେ ନିଲୁ ଉତକ୍ଷିପ୍ତ ହୋଇ ସେହି ଗାଁର ଅଶୋକ ସାହୁଙ୍କ ସହ ଆସି ବିଜୟକୁ ଗାଳି ଗୁଲଜ କରିବା ସହ ମାଡ ମାରିଥିଲେ । ପୁଣି କିଛି ସମୟ ପରେ ନିଲୁ ସାହୁ, ଅଶୋକ ସାହୁ, ଅଭିରାମ ସାହୁ, ଚିକୁ ସାହୁ, ଲିକୁ ସାହୁ, ଗଣେଶ୍ୱର ନାହାକ ଓ ଅନ୍ୟ କେତେକ ଲୋକ ମିଶି ବିଜୟକୁ ନିସ୍ତୁକ ମାଡ଼ ମାରି ତାଙ୍କ ନାକ ଫଟାଇ ଦେଇଥିଲେ। ବିଜୟ ରକ୍ତାକ୍ତ ଅବସ୍ଥାରେ ବଅଁରପାଳ ଥାନାରେ ପହଞ୍ଚି ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ବିଜୟଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଛି। ଅନ୍ୟ ପକ୍ଷରେ ଅଶୋକ ସାହୁ ଅନୁରୂପ ଅଭିଯୋଗ କରିଛନ୍ତି ଯେ, ବିଜୟ ତାଙ୍କୁ ଲୁହା ରଡରେ ପିଟିଥିଲେ। ଅଶୋକଙ୍କ ଅଭିଯୋଗ କ୍ରମେ ବଅଁରପାଳ ପୁଲିସ ଆଉ ଏକ ମାମଲା ରୁଜୁ କରିଛି। ଏଠାରେ ପ୍ରକାଶ ବନ୍ଦା ଗ୍ରାମର ଅଭିରାମ ସାହୁ ନାମରେ ଅନେକଗୁଡ଼ିଏ ଅପରାଧିକ ମାମଲା ବଅଁରପାଳ ଥାନାରେ ଅଛି ।

ଗୋପୀନାଥପୁରରେ ଚୋରାମଦ ବିକ୍ରି

ଆଗରପଡ଼ା,(ସବ୍ୟୁ):ଏହି ଥାନା ଅଧିନ ଗୋପୀନାଥପୁର ପଂଚାୟତ ଅଂଚଳରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରୀ ହେଉଥିବାର ଅଭିଯୋଗ ହେଉଛି। ଅବାଧରେ ଏହା ବିକ୍ରୀ ହେଉଥିବାରୁ ମଦ୍ୟପ ମାନେ ମଦପିଇ ବିଭିନ୍ନ ଗ୍ରାମର ରାସ୍ତା ଓ ଛକଜାଗାରେ ଦଳଦଳ ହୋଇ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି ବୋଲି ସ୍ଥାନୀୟ ମହିଳା ମହାସଂଘ ଅଭିଯୋଗ କରିବା ସହ

ହିନ୍ଦୁଧର୍ମକୁ ଫେରିଲେ ଗୋଟିଏ ପରିବାରର ୪ ସଦସ୍ୟ

ଠାକୁର ମୁଣ୍ଡା,(ସବୁ୍ୟ) :ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅଧୀନ ଜାମୁନଣ୍ଡା ଗ୍ରାମ ରେ ଗ୍ରାମବାସୀ ଙ୍କ ସହଯୋଗ କ୍ରମେ ୨୩ ତାରିଖ ମଙ୍ଗଳବାର ଦିନ ଘରବାହୁଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗାଆଁର ଗୋଟିଏ ପରିବାରର ୪ଜଣ ମୂଳ ସତ୍ୟସନାତନ ହିନ୍ଦୁଧର୍ମକୁ ସ୍ୱଇଚ୍ଛାରେ ୍ତ୍ୟାବର୍ତ୍ତନ କରିଛନ୍ତ। ସମୟ କ୍ରମେ କିଛି ଲୋକଙ୍କ ସଂସ୍ପର୍ଶରେ ଆସି ପ୍ରାୟ ଦୁଇ ବର୍ଷ ପୂର୍ବରୁ ଅନ୍ୟ ଧର୍ମରେ ଦୀକ୍ଷିତ ହୋଇଥିଲେ। ଗୃହକର୍ତ୍ତା ରାସାଇ ହୋ (୫୫) ପତ୍ନୀ ନିତିମା ହୋ (୪୫) ଝିଅ ସୁରୁ ହୋ (୧୯) ଓ ପୁଅ ସିଦ୍ଧେଶ୍ୱର ହୋ (୧୬)ସହ ମୋଟ ୪ଜଣ ଅନ୍ୟଧର୍ମ ପରିତ୍ୟାଗ କରି ବିଧିମତେ ହିନ୍ଦୁଧର୍ମ ଗ୍ରହଣ କରିଛନ୍ତି।ପରିବାରର ସମସ୍ତ ସଦସ୍ୟ ବିଭିନ୍ନ ସାମାଜିକ ସମସ୍ୟା ର ସମ୍ମୁଖୀନ ହେବା ସହ ତାଙ୍କୁ ଠକେଇ

ଧର୍ମ ପରିବର୍ତ୍ତନ କରା ଯାଇଥିବା ନିଜେ ହୃଦବୋଧ କରିବା ପରେ ନିଜ ଭୁଲ ବୁଝି ପାରି ମୂଳ ଧର୍ମ ହିଁ ଠିକ୍ ଅନୁଭବ କରି ହିନ୍ଦୁଧର୍ମକୁ ଫେରିବା ପାଇଁ ମନସ୍ଥ କରି ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଦେହୁରୀ ଗୌରାଙ୍ଗଙ୍କୁ ଯୋଗାଯୋଗ କରିଥିଲେ । ସୂଚନା ଅନୁଯାୟୀ ପରାବର୍ତ୍ତନ କାର୍ଯ୍ୟକ୍ରମ ଦେହୁରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗୃହଫେରନ୍ତାଙ୍କୁ ଶୌଚ ପରେ ପୂଜାର୍ଚ୍ଚନା କରି ଚାରି ଜଣ ସଦସ୍ୟଙ୍କୁ ମୂଳ ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରାଇଥିଲେ । ଏହି ପରିବର୍ତ୍ତନ କାର୍ଯ୍ୟକ୍ରମ ଗ୍ରାମ ବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ସମାପନ ହୋଇଯାଇଛି।

ପାଣି ପାଇଁ ତେଲକୋଇ ବ୍ଲକ୍‌ରେ ଧାରଣା

କେନ୍ଦୁଝର , (ସ୍ୱପ୍ର) : ଗାଁରେ ଅଛି ଦୁଇଟି ନଳକୂପ।ଗୋଟିଏ ସମ୍ପୂର୍ଣ୍ଣ ଖରାପ। ଅନ୍ୟ ନଳକୂପରୁ ବାହାରୁଥିବା ପାଣି ବ୍ୟବହାରଯୋଗ୍ୟ ନୁହେ। 'ବସୁଧା' ଯୋଜନାରେ ପାଇପ୍ ପାଇପ୍ ଯୋଗେ ଜଳ ଯୋଗାଣ ହେଉଥିଲା। ତିନିମାସ ହେଲା ଜଳ ଯୋଗାଣ ବନ୍ଦ ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାଣି ପାଇଁହଟହଟା। ହେଉଛନ୍ତି ତେଲକୋଇ ବ୍ଲକ୍ ଓରିଆବିରିଦା ପଞ୍ଚାୟତ ଜଟ ଗ୍ରାମର ମୁଣ୍ଡାସାହିବାସୀ। ମୁଣ୍ଡାସାହିରେ ୭୦ ପରିବାର ବାସ କରୁଥିବା ବେଳେ ଲୋକସଂଖ୍ୟା ୩୦୦ରୁ ଅଧିକାପାଣି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏନେଇ ଲୋକେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ ଓ ଜିଲ୍ଲା।ପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜଣାଇଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଦିନି ସାହିର ମହିଳାମାନେ ଗରା, ବାଲଟି ଧରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେଛ ବିଡିଓଙ୍କ ପ୍ରକୋଷ୍ଠ ଆଗରେ ଧାରଣାରେ ବସିଥିଲେ।

ଗାଁକୁ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ମହିଳାମାନେ ଘରକୁ ଫେରିଛନ୍ତି। ତୁରନ୍ତ ପାଇପ୍ ଯୋଗେ ପାନୀୟଜଳ ଯୋଗାଇ ଦେବାକୁ ଶ୍ରୀମତୀ ମୁଣ୍ଡା, ମାନସୀ ମୁଣ୍ଡା, ଗୁରୁବାରୀ ମୁଣ୍ଡା, ରଜନୀ ମୁଣ୍ଡା, କୁନି ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏନେଇ ବିଡିଓ ଗୀତା ମୁର୍ମୁଙ୍କୁ ପଚାରିବାରୁ, ଆସନ୍ତାକାଲି ବୁଧବାର ଦିନ ସାହିରେ ପାନୀୟଜଳ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

ସ୍କୁଲ ଖୋଲିବା ଦାବିରେ ଅଭିଭାବକଙ୍କ ବିକ୍ଷୋଭ

ଭେ।ଗର।ଇ,(ସବୁ୍ୟ) :ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ଅଧୀନ କସବା କମର୍ଦ୍ଦା ପଞ୍ଚାୟତ କଣ୍ଟାବଣୀ ନେତ୍ର ମୋହନ ମଇ ବିଦ୍ୟାଳୟକୁ ଅବିଳମ୍ବେ ଖୋଲାଯାଇ ଛାତ୍ରୀ ଛାତ୍ରଙ୍କୁ ପଠନ ପାଠନ ନିମନ୍ତେ ଅନୁମତି ଦେବା ଦାବିରେ ସ୍କୁଲର ୫ ୦ ରୁ ଅଧିକ ଅଭିଭାବକ ମଙ୍ଗଳବାର ଭୋଗରାଇ ଗୋଷ୍ଠୀ ଶିକ୍ଷା କେନ୍ଦ୍ର କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତ।ସୂଚନା ଅନୁଯାୟୀ ରାଜ୍ୟ ସରକାର ଅନୁଦାନପ୍ରାପ୍ତ ସ୍କୁଲ ଗୁଡିକ ଶିକ୍ଷକଙ୍କ ଅବସର ପରେ ସ୍କୁଲ ଗୁଡିକ ବନ୍ଦ ପାଇଁ ନିର୍ଦ୍ଦେଶ ଦେବାସହିତ ପରିସର କିମ୍ବା ପାଖରେ ଥିବା ପ୍ରାଥମିକ ସ୍କୁଲ ଛାତ୍ରୀ ଛାତ୍ର ଙ୍କୁ ଭର୍ତ୍ତି ନିମନ୍ତେ ପରାମର୍ଶ ଦେଇଛନ୍ତି ।ଏଭଳି ସ୍ଥିତିରେ ଭୋଗରାଇ ବ୍ଲକ ରେ ୭ ଟି ପ୍ରାଥମିକ ଏମ ଇ ସ୍କୁଲ କୁ ସରକାର ଚଳିତ ବର୍ଷ ବନ୍ଦ କରିବାକୁ ଯାଉଥିବାବେଳ ଅଭିଭାବକମାନେ ପ୍ରତିବାଦ କରିବା ସହିତ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହୋଇଛନ୍ତି । କଣ୍ଟାବଣୀ ଓ ମହମ୍ମଦପୁର ସ୍କୁଲ ଛାତ୍ରୀଛାତ୍ରଙ୍କ ଅଭିଭାବକ ମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । କଣ୍ଟାବଣୀ ଏମ ଇ ସ୍କୁଲ ଅଭିଭାବକ ମାନେ ବିଇଓ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳଙ୍କୁ ଅବିଳମ୍ବେ ସ୍କୁଲ ଖୋଲିବାକୁ ଉଚ୍ଚ କର୍ତ୍ତୃପକ୍ଷ ଉଦ୍ଦେଶ୍ୟ ରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ।ବିଇଓ ଶ୍ରୀ ବିଶ୍ୱାଳ ଏହି ଘଟଣାକୁ ଗମ୍ଭୀର ଭା।ବେ ନେବା ସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟକରିବେ ବୋଲି ଆନ୍ଦୋଳନକାରୀଙ୍କୁ ସୂଚନା ଦେଇଛନ୍ତି ।

ଅଭୟାରଣ୍ୟରେ ନିଆଁ : ଗାଁରେ ପଶିଲେ ୫୦ଟିକିଆ ହାତୀପଲ

ବାଲେଶ୍ୱର , (ସବୁ୍ୟ): ମୟୁରଭଞ୍ଜର ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିଥିବାରୁ ହାତୀମାନେ ଜଙ୍ଗଲରେ ନରହି ଗାଁ ମୁହାଁ ହେଉଥିବା ଅନୁମାନ କରା ଯାଉଛି।ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ନାଇକୁଡ଼ି ଗାଁରେ ଝାଡ଼ଖଣ୍ଡି ହାତୀଙ୍କ ଉପଦ୍ରବ।୫୦ରୁ ଅଧିକ ଝାଡ଼ଖଣ୍ଡି ହାତୀ ସୋମବାର ରାତିରେ ନାଇକୁଡ଼ି ଗ୍ରାମରେ ପଶିଥିଲେ। ଗାଁର ଧାନକ୍ଷେତରେ ପଶି ଦଳଚକଟା କରିବା ଯୋଗୁଁ ଏକର ଏକର ଜମିରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି।ବିଳମ୍ବିତ ରାତି ପର୍ଯ୍ୟନ୍ତ ହାତୀପଲ ଚାଷ ଜମିରେ ପଶି ପାଟିଲା

ଧାନ ଫସଲ ଖାଇବା ସହ ଦଳାଚକଟା କରିବା ଯୋଗୁଁ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।ରାତିରେ ବନବିଭାଗ ଟିମ୍ ପହଞ୍ଚି ହାତୀ ପଲକୁ ଘଉଡ଼ାଇ ଥିବା ବେଳେ କ୍ଷତିପୂରଣ ଦେବା ପାଇଁ ଗଷାମାନେ ସରକାରଙ୍କୁନିବେଦନ କରିଛନ୍ତି।

ଜଳିଗଲା ନଡା ସହ ଟିଣ ଛପର ଘର

ଭୋଗରାଇ,(ସବୁ୍ୟ) :ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳସୋହରିଆ ପଞ୍ଚାୟତ ପାନମାର୍କେଟ ନିକଟ ଜଳସୋହରିଆ ଗ୍ରାମର ଗରିବ ସବିତା ସାହୁ ଓ ଚନ୍ଦନା ସାହୁଙ୍କ ନଡା ଓ ଟିଣ ଛପର ଘରେ ମଙ୍ଗଳବାର ମଧ୍ୟାହ୍ନ ରେ ନିଆଁ ଲାଗି ଘରଟି ସମ୍ପୂର୍ଣ୍ଣରୂପେ ପୋଡି ଛାରଖାର ହୋଇଛି ।ସୂଚନା ଅନୁଯାୟୀ ଏହି ଦୁଇମହିଳା ୨ଟି ସଂଲଗ୍ନ ଘରେ ରହୁଥିଲେ ।ତାନ୍ଦାନା ସାହୁତାଙ୍କ ବାପଘରକୁ ଯାଇଥିବାବେଳେ ସବିତା ସାହୁ ମଧ୍ୟାହ୍ନ ରେ ନଡା ଓ ପଲିଥିନ ଛପର ରୋଷେଇଘରେ ଚୁଲିରେ ଭାତ ରାନ୍ଧୁଥିବା ସମୟରେ ପ୍ରଚଣ୍ଡ ଖରାରେ ଜିଲରେ ଚରୁଥିବା ଗୋରୁକୁ ଆଣିବାକୁ ଯାଇଥିଲେ ।ଏହି ସମୟରେ ଚୁଲିରୁ ନିଆଁ ଉଠି ପାଖରେ ଥିବା ଜାଳଭାଡ଼ିରେ ନିଆଁ ଲାଗି ଘର ଉପରକୁ ଉଠିଥିଲା ।ପାଖ ପଡୋଶୀ ନିଆଁ ଜଳୁଥିବା ଦେଖି ପାଟିକରିବା ସହିତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଦମକଳବାହିନୀ ଘଟଣାସ୍ଥଳକୁ ଛୁଟିଯାଇ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘରର ସମସ୍ତ ଆସବାବ ପତ୍ର, ଧାନ, ଚାଉଳ, ଟଙ୍କା ଓ ସୁନାଗହଣା ଆଦି ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ପୋଡି ଭସ୍ମିଭୂତ ହୋଇଥିଲା ।ପରେ କଖଡ଼ା ରାଜସ୍ୱ ବିଭାଗର ନିରୀକ୍ଷକ କୃଷ୍ଣା ରାଉତ ଘଟଣା ସ୍ଥଳରେ ପହଞ୍ଚି କ୍ଷୟ କ୍ଷତିର ଆକଳନ କରି ଫେରିଛନ୍ତି । ନିଃସହାୟ ଗରିବ ପରିବାରକୁ ସରକାର ଅବିଳମ୍ବେ ଆର୍ଥିକ ସାହାଯ୍ୟ ଓ ବାସଗୃହ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

ହାଇୱାକୁ ପଛପଟୁ ପିଟିଲା ବାଇକ୍

ଜଣେ ମୃତ, ଜଣେ ଗୁରୁତର

ତିହିଡି,(ସବୁ୍ୟ):ଭଦ୍ରକ-ଚାନ୍ଦବାଲି ରାସ୍ତାର ଫତେପୁର ଛକ ନିକଟରେ ଛିଡା ହୋଇଥିବା ଏକ ହାଇୱାକୁ ଗତକାଲି ରାତିରେ ଏକ ବାଇକ ପଛପଟି ପିଟିବା ଫଳରେ ବାଇକରେ ବସିଥିବା ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ମୃତ ଯୁବକ ହେଉଛନ୍ତି ପ୍ରଫୁଲ୍ଲ ବେହେରାଙ୍କ ପୁଅ ସତ୍ୟବ୍ରତ ବେହେରା (୨୮) ଓ ତାଙ୍କ ଘର ହେଉଛି ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳରେ ବୋଲି ଜଣାଯାଇଛି । ସେହିପରି ଆହତ ଯୁବକ ହେଉଛନ୍ତି ଶଙ୍ଖାଳି ପାଣ୍ଡବଙ୍କ ପୁଅ ଗଣେଶ ପାଣ୍ଡବ(୩୪) ଓ ତାଙ୍କ ଘର ପୀରହାଟ ଥାନା ଅନ୍ତର୍ଗତ ହରିସିଂପୁର ଗାଁରେ ବୋଲି ଜଣାଯାଇଛି । ଗଣେଶ ୧୦୨ ଆସ୍ତୁଲାନ୍ସର ଡ୍ରାଇଭର ଭାବେ କାମ କରୁଥିବା ବେଳେ ସତ୍ୟବ୍ରତ ୧୦୮ ଗାଡିର ଫାର୍ମାସିଷ୍ଟ ଭାବେ କାମ କରନ୍ତି । ଗତକାଲି ରାତି ପ୍ରାୟ ୧୦-୩୦ ସମୟରେ ଉଭୟ ଏକ ବାଇକ ଯୋଗେ ତିହିଡିରୁ ପୀରହାଟ ଅଭିମୁଖେ ଯାଉଥିବା ବେଳେ ଫତେପୁର ଛକ ନିକଟରେ ପୂର୍ବରୁ ଛିଡା ହୋଇଥିବା ଏକ ହାଇୱାକୁ ପଛପଟୁ ପିଟି ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଉଭୟ ଛିଟିକି ପଡି ଗୁରୁତର ହୋଇଥିଲେ । ଉଭୟଙ୍କୁ ଚିକିତ୍ସା ଲାଗି ତିହିଡି ମେଡିକାଲକୁ ଅଣାଯାଇଥିଲା । ତେବେ ସେଠାରେ ସତ୍ୟବ୍ରତଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଗଣେଶଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସତ୍ୟବ୍ରତଙ୍କ ମୃତ୍ୟୁରେ ଆସ୍ତୁଲାନ୍ସ ମହାସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।

୨୫ରେ ବାଲେଶ୍ୱର ଆସିବେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସଭାପତି ସୁବାଷ ସିଂ

ବାଲେଶ୍ୱର,(ସବୁ୍ୟ) : ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ତଥା କଟକ କର୍ପୋରେସନର ମେୟର ସୁବାଷ ସିଂ ଆସନ୍ତା ୨୫ତାରିଖରେ ବାଲେଶ୍ୱର ଗସ୍ତରେ ଆସି ଶ୍ରମିକ ସମାବେଶରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିବାରୁ ଏହାକୁ ସଫଳ କରିବା ପାଇଁ ଆଜି ଅପରାହ୍ନରେ ସ୍ଥାନୀୟ ଷ୍ଟେସନ କ୍ଲବ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରଂଜନ ବାଗ ଅଧ୍ୟକ୍ଷତା କରିଥିବାବେଳେ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଶ୍ରମିକ ନେତା ଅଭିଜିତ ଦାସ ଆଲୋକପାତ କରିଥିଲେ । ଆସନ୍ତା ୨୫ ତାରିଖ ଗୁରୁବାର ଅପରାହ୍ନ ୪ ଘଟିକା ସମୟରେ ସ୍ଥାନୀୟ ସିଦ୍ଧିକଲ୍ୟାଣ ମଣ୍ଡପଠାରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହେବ ଶ୍ରମିକ ଶ୍ରେଣୀଙ୍କର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ଶ୍ରୀ ସିଂ ଶ୍ରମିକମାନଙ୍କୁ ଅବଗତ କରାଇବେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ଶ୍ରମିକ ସଂଘ, ଅଟୋଚାଳକ ସଂଘ, ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଆଜିର ଏହି ବୈଠକରେ ଯୋଗଦେଇ ୨୫ତାରିଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ପୌରପରିଷଦର ପ୍ରାକ୍ତନ ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ପ୍ରାକ୍ତନ କାଉନସିଲର ବିଶ୍ୱଜିତ ମହାପାତ୍ର ,ସେକ ଅନସର, ଉମାଶଙ୍କର ତିଆଡ଼ି, ଶ୍ରମିକ ନେତା ବେଣୁଧର ମହାନ୍ତି, କୃଷ୍ଣଚନ୍ଦ୍ର ଜେନା, ହରିଶ୍ଚନ୍ଦ୍ର ପାତ୍ର, ପୀତାମ୍ବର ମାଝୀ, ରାଜେନ୍ଦ୍ର ବେହେରା, ୱାଇ ରାଜୁ ପ୍ରମୁଖ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବୃକ୍ଷ ସମ୍ପଦର ସୁରକ୍ଷା ପାଇଁ ଶପଥ ପାଠ

ବାଲେଶ୍ୱର,(ସବୁ୍ୟ) :ବିଶ୍ୱ ପୃଥିବୀ ଦିବସ ପାଳନ ଅବସରରେ ସମାଜିକ ସଂଗଠନ ମୁନ୍ କମ୍ୟୁନିକେସନ ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଂପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ରଣସାହି ଠାରେ ସ୍କୁଲ୍ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ କରାଯାଇଅଛି। ଅତିଥି ଭାବେ ଶିକ୍ଷୟିତ୍ରୀ ମଞ୍ଜୁଲତା ପେଡ଼ା ସୁସ୍ଥ ପରିବେଶ ପାଇଁ ବ୍ୟାପକ ବୃକ୍ଷରୋପଣ ଉପରେ ଆଲୋଚନା କରିଥିଲେ। କଳା ଶିକ୍ଷକ ଶିଳ୍ପୀ ରାମଚନ୍ଦ୍ର ଦାସ ଚିତ୍ର ମାଧ୍ୟମରେ ବୃକ୍ଷ କାଟିବା ଦ୍ୱାରା ପରିବେଶ ଉପରେ ଏହାର କୁ-ପ୍ରଭାବ ସଂପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଶର୍ମିଷ୍ଠା ଦାସ, ସବିତା ନାୟକ, ଗୀତାଞ୍ଜଳି ମହାପାତ୍ର ପୃଥିବୀ ପାଇଁ ଜଳ ସଂପଦର ସୁରକ୍ଷା ପାଇଁ ବ୍ୟାପକ ବର୍ଷାଜଳ ସଂରକ୍ଷଣ ସହ ପରିବେଶ ପାଇଁ ବ୍ୟାପକ ସବୁଜ ଶକ୍ତିର ବ୍ୟବହାର ସଂପର୍କରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପନ ହ୍ରାସ ପାଇଁ ବ୍ୟାପକ ବୃକ୍ଷରୋପଣ କରିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଶପଥ ପାଠ କରାଯାଇଥିଲା। ସୁସ୍ଥ ପୃଥିବୀ ପାଇଁ ଏକ ସାଇକେଲ ରାଲି ରଣସାହି, ଗୁଡୁ ଓ ହିଡ଼ିଗାଁ, ବର୍ଦ୍ଧନପୁର ଗ୍ରାମପଞ୍ଚାୟତ ପରିକ୍ରମା କରିଥିଲା। କାର୍ତ୍ତିକ ନାୟକ, ସନ୍ତୋଷ କୁମାର ନାୟକ, ଜିତେନ୍ଦ୍ର କୁମାର ଦାସ, ଜଳଧର ବେହେରା, ମୂରଲୀଧର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୭ ନମ୍ବର ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବୁ୍ୟ) :ବାଲେଶ୍ୱର ପୌରପରିଷଦ ନଂ ୭ୟର ୱାର୍ଡରେ ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଂଖ କାର୍ଯ୍ୟକ୍ରମ । ଏହି ଅବସରରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଆଶିର୍ବାଦ ଭିକ୍ଷା କରିଥିଲେ । ଶ୍ରୀ ଦାସଙ୍କ ସହ ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ନଂ୭ୟର ୱାର୍ଡର କାଉନସିଲର ମିରାଜ ବାନୋ, ପୂର୍ବତନ କାଉନସିଲର ସାକିର ଖାନ, ବିଜୁ ଯୁବଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ ।

ଅବକାରୀ ବିଭାଗ ଚଢାଉ, ୩ ଗିରଫ

ଖଇରା,(ସବୁ୍ୟ) :ବାଲେଶ୍ୱର ଜିଲ୍ଲା ଖଇରା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବହୁ ପରିମାଣର ଦେଶୀ ମହୁଲି ମଦ ଓ ଗୋଟିଏ ସ୍କୁଟି ଜବତ କରାଯାଇଥିବା ବେଳେ ୩ ଜଣ ବିକ୍ରେତାଙ୍କୁ ଗିରଫ କରାଯାଇଛି । ମାଖନପୁର ମାର୍କେଟ ନିକଟରୁ ସଞ୍ଜୟ କୁମାର ମହାନ୍ତି, ଗଣ୍ଡିବେଡ ମାର୍କେଟର ବିହାରୀ ବିକ୍ରେତା ଚନ୍ଦନ କୁମାର ଓ କମଳାକାନ୍ତ ପରିଡା ଙ୍କ ନାମ ରହିଛି । ଖଇରା ଅବକାରୀ ଥାନା ଅଧିକାରୀ ସରୋଜ କୁମାର ଟିଗା ଓ କନେଷ୍ଟବଳ ତପନ ମଲ୍ଲିକ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ ।

ଖୋଲିଲା ଜଳଛତ୍ର

ଅସୁରାଳି,(ସବୁ୍ୟ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବଢିବାରେ ଲାଗିଛି। ଏଥି ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଅସୁରାଳି ଗ୍ରାମ ପଂଚାୟତ ପକ୍ଷରୁ ସ୍ଥାନୀୟ ବଜାରରେ ଜଳଛତ୍ର ଖୋଲା ଯାଇଛି। ଜଳ ଛତ୍ର ଶିବିରକୁ ଅସୁରାଳି ସରପଂଚ ମୀନତି ସାହୁ ଉଦଘାଟନ କରିବା ସହ ପଥଚାରୀଙ୍କୁ ଥଣ୍ଡା ପାନୀୟ ବିତରଣ କରିଥିଲେ। ଉଦଘାଟନ ଦିବସରେ ଯୁବ ସମାଜସେବୀ ସୂରଜ କୁମାର ସାହୁ,ଅମୂଲ୍ୟ କୁମାର ବେହେରା,ଇଂ ସନ୍ତୋଷ କୁମାର ସାହୁ,ଦିଲ୍ଲୀପ କୁମାର ସାହୁ,ୱାର୍ଡ ସଭ୍ୟ ପ୍ରଶାନ୍ତ କୁମାର ବେହେରା,ନରେନ୍ଦ୍ର ରାଉତ,ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲ୍ଲା ପ୍ରଶାସନ ଠାରୁ ଗ୍ରହଣ କଲେ କନ୍ୟା ପୋଷ୍ୟସନ୍ତାନ

ଭଦ୍ରକ,(ସବୁ୍ୟ): ପୋଷ୍ୟସନ୍ତାନ ଗ୍ରହଣ ପଦ୍ଧତିରେ ସୁଦୂର ବାଙ୍

(ଶ୍ରୀମଦ୍ଭଗବଦ୍ ଗୀତା ୫/୧୪)

–କର୍ମ୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

ନ କର୍ତ୍ତୃତ୍ୱଂ ନ କର୍ମ୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।
ନ କର୍ମ୍ମଫଳସଂଯୋଗଂ ସ୍ୱଭାବସ୍ତୁ ପ୍ରବର୍ତ୍ତତେ ॥୧୪॥

ଈଶ୍ୱର ଜୀବର କର୍ତ୍ତୃତ୍ୱ ସୃଷ୍ଟି କରି ନାହାନ୍ତି, କର୍ମ ସବୁ ସୃଷ୍ଟି କରିନାହାନ୍ତି, କର୍ମଫଳରେ ଜୀବର ସମ୍ବନ୍ଧ ସୃଷ୍ଟି କରିନାହାନ୍ତି, କିନ୍ତୁ ସ୍ୱଭାବ (ମାୟା) ଏ ସମସ୍ତଙ୍କର କର୍ତ୍ତା ରୂପରେ ପ୍ରବୃତ୍ତ ହୁଏ ॥୧୪॥

ସମ୍ପାଦକୀୟ

ମତଦାନ

ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ କମ୍ ଭୋଟ ହାର ରେକର୍ଡ ହେବା ପରେ ଏହା ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି କରିଛି । କମ୍ ଭୋଟ ହାର କ'ଣ ସୂଚାଉଛି ? କମ୍ ଭୋଟ ହାର କାହା ସପକ୍ଷରେ ଯାଉଛି ବା ଯିବ ? ଏମିତି ବିଭିନ୍ନ କଥା ବା ଦିଗକୁ ନେଇ ଦଳ ଓ ନେତାମାନଙ୍କ ମଧ୍ୟରେ ଆଲୋଚନା ହେଉଛି ଏବଂ ହେବା ମଧ୍ୟ ସ୍ୱାଭାବିକ । ଉଭୟ ଶାସକ ଓ ବିରୋଧୀ ଦଳର ନେତାମାନେ ଦାବି କରନ୍ତି ଯେ' କମ୍ ଭୋଟ ହାର ସେମାନଙ୍କ ପାଇଁ ଲାଭଦାୟକ ହେବ । ପ୍ରଥମ ପର୍ଯ୍ୟାୟରେ ୧୦୨ ଟି ଆସନରେ ୬୨ ପ୍ରତିଶତରୁ ଊର୍ଦ୍ଧ୍ୱ ମତଦାନ ରେକର୍ଡ ହୋଇଛି ଯାହା ୨୦୧୯ରେ ଏହି ଆସନଗୁଡ଼ିକରେ ୬୯.୯ ପ୍ରତିଶତ ଥିଲା । ନିର୍ବାଚନ ଆୟୋଗ (ଇସିଆଇ), ଏନଜିଓ ଏବଂ ବିଭିନ୍ନ ଗଣମାଧ୍ୟମ ଦ୍ୱାରା ସଚେତନତା ଅଭିଯାନ କରିବା ସତ୍ତ୍ୱେ ମତଦାତାଙ୍କ ଅଂଶଗ୍ରହଣ ଭଲ ହେଇନାହିଁ ବରଂ ହ୍ରାସ ପାଇଛି । ବିଶ୍ୱର ସବୁଠୁ ବଡ ଗଣତନ୍ତ୍ରର ସବୁଠାରୁ ବଡ ନିର୍ବାଚନରେ ଭୋଟରଙ୍କ ଅଂଶଗ୍ରହଣ ହ୍ରାସ ପାଇବା ଭଲ ଖବର ନୁହେଁ । ନିର୍ବାଚନ ଆୟୋଗ, ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ଏ ସଂକ୍ରାନ୍ତରେ ଚିନ୍ତା କରିବା ଜରୁରୀ ଏବଂ ପରବର୍ତ୍ତୀ ପର୍ଯ୍ୟାୟଗୁଡିକରେ ମତଦାନ କେମିତି ବୃଦ୍ଧି ହେବ ଓ ଅଧିକରୁ ଅଧିକ ମତଦାତା କିପରି ଭାଗ ନେବେ ସେ ସମ୍ପର୍କରେ ଚିନ୍ତା କରିବା ବା ରଣନୀତି ଠିକ୍ କରିବା ଜରୁରୀ । ନିର୍ବାଚନ ଫଳାଫଳ ଉପରେ ଅଧିକ କିମ୍ବା କମ୍ ମତଦାନର ପ୍ରଭାବ କ'ଣ ? ମତଦାନ ବହୁତ ଭଲ ହେଲେ ବା ବଢିଲେ, ଏହା ପରିବର୍ତ୍ତନର ସୂଚନା ଦିଏ ଏବଂ କମିଲେ ସ୍ଥିତାବସ୍ଥା ବଜାଇ ରହେ ବୋଲି ଆମର ଧାରଣା ରହିଆସିଛି ବା ଅନେକ ଯୁକ୍ତି କରନ୍ତି । କିନ୍ତୁ ଏହି ଯୁକ୍ତି ସପକ୍ଷରେ କୌଣସି ସ୍ପଷ୍ଟ ସମ୍ପର୍କ କିମ୍ବା ଧାରା ନାହିଁ । ୧୯୫୧–୫୨ରୁ ୨୦୧୯ ପର୍ଯ୍ୟନ୍ତ ୧୭ ଟି ଲୋକସଭା ନିର୍ବାଚନ ହୋଇଛି । ୧୯୫୭ ରୁ ୨୦୧୯ ପର୍ଯ୍ୟନ୍ତ ୧୬ ଟି ଲୋକସଭା ନିର୍ବାଚନରେ (ପ୍ରଥମ ନିର୍ବାଚନକୁ ବାଦ ଦେଇ) ମତଦାନ ୬ ଥର ହ୍ରାସ ପାଇଥିବା ବେଳେ ୧୦ ଥର ବୃଦ୍ଧି ପାଇଛି । ଏଥିମଧ୍ୟରୁ ଶାସନରେ ଥିବା ଦଳ ୮ ଥର ପୁଣି ଜିତିଛନ୍ତି ଏବଂ ସମାନ ସଂଖ୍ୟକ ଥର ପରାସ୍ତ ହେଇଛନ୍ତି ମଧ୍ୟ ଯାହା ସ୍ପଷ୍ଟକରିଛି ସେମିତି କୌଣସି ଧାରା ନାହିଁ । ଯେଉଁ ୧୦ ଥର ମତଦାନ ବୃଦ୍ଧି ପାଇଛି, ସେଥିମଧ୍ୟରୁ ସରକାରରେ ଥିବା ଦଳ ୪ ଥର ହାରିଥିବା ବେଳେ ୬ ଥର ଜିତିଛନ୍ତି । ସେହିପରି ୬ ଥର ମତଦାନ ହ୍ରାସ ପାଇବା ସମୟରେ ସରକାରରେ ଥିବା ଦଳ ୪ ଥର ହାରିଥିବା ବେଳେ ୨ ଥର ଜିତିଛନ୍ତି । ତେଣୁ ମତଦାନ କମିବା ବା ବଢିବାକୁ ନେଇ କୌଣସି ଅଙ୍କ କଷା ଯାଇ ନ ପାରେ । କମ୍ ମତଦାତାଙ୍କ ମତଦାନ ପଛରେ ଏକ ସ୍ପଷ୍ଟ କାରଣ ହେଉଛି ସମଗ୍ର ଦେଶରେ ହିଟ ୱେଭ ଚାଲିଛି । ଏପରିକି ଉତ୍ତରାଖଣ୍ଡ ପରି ଏକ ପାହାଡ଼ିଆ ରାଜ୍ୟରେ ମଧ୍ୟ ଉଚ୍ଚ ତାପମାତ୍ରା ରେକର୍ଡ କରାଯାଇଛି । ଅନ୍ୟ କାରଣ ହେଲା, ଅନେକ ସମୟରେ ମତଦାତା ଭାବି ଦିଏ ସେ ପସନ୍ଦ କରୁଥିବା ଦଳ ଜିତିବା ସୁନିଶ୍ଚିତ । ତେଣୁ ନିଜ ଭୋଟ ଦେବାକୁ ଅବହେଳା କରେ ବା ସେ ଭାବିଦିଏ ଯେ' ସିଏ ଯେଉଁ ଦଳକୁ ଭୋଟ ଦେବାକୁ ଚାହୁଁଛି ସେହି ଦଳ ନିଶ୍ଚୟ ହାରିବ, ତେଣୁ ଭୋଟ କାହିଁକି ଦେବ । ଭୋଟ ଦାନ ହାର କମିବାର ଅନ୍ୟ ଏକ କାରଣ ହେଉଛି ଭୋଟ ପ୍ରତି ଉଦାସୀନତା ମଧ୍ୟ ହେଇପାରେ । ଅନେକ ମତଦାତା ଅଛନ୍ତି, ନିର୍ବାଚନରେ କଣ ହେଉଛି ବା ନ ହେଉଛି ତାଙ୍କର ନିଘା ନାହିଁ ଏବଂ ସେମାନେ ହୁଏତ ଭାବୁଛନ୍ତି, ଯିଏ ବି ଜିତିଲେ, ତାଙ୍କ ପାଇଁ କିଛି ଫରକ ନାହିଁ । ଏମିତି ଅନେକ କାରଣକୁ ନେଇ ଆମେ ଆଲୋଚନା କରିଥାଉ । ତେବେ ଏ ସବୁ କେବଳ ସମ୍ଭାବନା । ବାସ୍ତବିକ କାରଣ କଣ ସେ ସମ୍ପର୍କରେ ଅନୁଧ୍ୟାନ କରାଯିବା ଦରକାର । ଏହା ନିଶ୍ଚିତ ଯେ' କୌଣସି ନା କୌଣସି କାରଣ ଯୋଗୁଁ ମତଦାନ ହାର କମିଛି ବା ବୃଦ୍ଧି ହେଉନାହିଁ । କାରଣ ଜାଣିଲେ ହିଁ ନିରାକରଣ ପାଇଁ କାର୍ଯ୍ୟ କରାଯାଇ ପାରିବ । ଗଣତନ୍ତ୍ରକୁ ସୁଦୃଢ କରିବାକୁ ହେଲେ ବା ଗଣତନ୍ତ୍ରର ସମ୍ପୂର୍ଣ୍ଣ ଲାଭ ଉଠାଇବା ପାଇଁ, ସମସ୍ତ ପଞ୍ଜିକୃତ ମତଦାତା ଭୋଟ ଦେବାର ଆବଶ୍ୟକତା ରହିଛି ଏବଂ ଏ ଦିଗରେ ସରକାର, ରାଜନୈତିକ ଦଳ ଏବଂ ନେତା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଭାରତର ନିର୍ବାଚନ ଆୟୋଗଙ୍କ ଅନୁଯାୟୀ, ୧୮ ରୁ ୧୯ ବର୍ଷ ବୟସର ୪୦ ପ୍ରତିଶତରୁ କମ୍ ଭୋଟର ସମଗ୍ର ଦେଶରେ ୨୦୨୪ ନିର୍ବାଚନ ପାଇଁ ପଞ୍ଜୀକୃତ ହୋଇଛନ୍ତି । ଏହା ନିଶ୍ଚିତ ଭାବରେ ଦୁଃଖ ଓ କ୍ଷୋଭର ବିଷୟ । କମ୍ ବୟସରେ ପିଲାମାନେ ଭୋଟ ଦେବାକୁ ଯୋଗ୍ୟ ହେଲାପରେ ମଧ୍ୟ, କାହିଁକି ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିବାକୁ ଦ୍ୱିଧା କରନ୍ତି? ଏହା ବର୍ତ୍ତମାନ ସମୟର ସବୁଠାରୁ ବଡ ପ୍ରଶ୍ନ । ହୁଏତ ଆମର ଯୁବକମାନଙ୍କ ମଧ୍ୟରେ ଅନେକେ ଅନୁଭବ କରନ୍ତି ଯେ ରାଜନେତା ଏବଂ ରାଜନୈତିକ ଦଳ ସେମାନଙ୍କୁ ଆକର୍ଷିତ କରୁଥିବା ଏଜେଣ୍ଡାକୁ ଉପସ୍ଥାପିତ କରନ୍ତି ନାହିଁ ବା ସେ ସମ୍ପର୍କରେ ଭାବନ୍ତି ନାହିଁ । ଭାରତରେ, ପ୍ରତ୍ୟେକ ପଞ୍ଚମ ବ୍ୟକ୍ତିଙ୍କର ବୟସ ୧୦ ରୁ ୧୯ ବର୍ଷ ମଧ୍ୟରେ । ଏକ ଯୁବ ଭୋଟ୍ ଗୁରୁତ୍ୱପୂର୍ଣ୍ଣ, ତାଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହି ବୟସରେ ପିଲାମାନେ କେମିତି ମତଦାନ କରିବେ, ତାହା ଆମ ସମସ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ସ୍ୱତନ୍ତ୍ର ପ୍ରଚେଷ୍ଟା ଜରୁରୀ । ପିଲାଟିବେଳୁ, ସ୍କୁଲ ସମୟରୁ ପାଠ ମଧ୍ୟରେ ଏବଂ ପରିବାର ମାଧ୍ୟମରେ ଭୋଟ ଦେବା ମନୋଭାବକୁ ନିଶ୍ଚିତ କରିବାକୁ ପଡିବ ଏବଂ ଏ ଦିଗରେ ଏକ ଶୃଙ୍ଖଳିତ ଯୋଜନା ଆବଶ୍ୟକ ।

ଅଜବ ରାଜନୀତି !

ସମୟ ସହିତ ରାଜନୈତିକ ସମନ୍ୱୟର ପରିବର୍ତ୍ତନ ହୁଏ କେତେ ସମ୍ପର୍କ ଗଢେ ପୁଣି ଭାଙ୍ଗିଯାଏ । ବର୍ତ୍ତମାନ ରାଜନୀତିରେ ଏହା ଭୟାନକ ରୂପ ନେବାରେ ଲାଗିଛି । ଆଜି ଗୋଟିଏ ଦଳରେ ଯୋଗ ଦେଇଥିବା ନେତା କାଲି ଅନ୍ୟ ଦଳକୁ ଚାଲିଯାଉଛନ୍ତି । କିଛି କିଛି କ୍ଷେତ୍ରରେ ଅନୁଭବ ହୁଏ, ରାଜନୀତିରେ ଆଉ ନୈତିକତା ବୋଲି କିଛି ନାହିଁ । ଟିକେଟ ପାଇବା ଏବଂ ନିର୍ବାଚନରେ ଜିତିବା ହିଁ ସବୁକିଛି ଯାହାପାଇଁ ଦଳ ଓ ନେତା ନିଜର ଆଦର୍ଶକୁ ମଧ୍ୟ ବଳି ପକାଇ ଦିଅନ୍ତି । ବେଳେ ବେଳେ ଜାତୀୟ ସ୍ତରରେ ଏକାଠି ଥିବା ଦଳର ରାଜ୍ୟ ସମୀକରଣ ବଦଳିଯାଏ । କେରଳ ହେଉଛି ଏହାର ସବୁଠାରୁ ବଡ ଉଦାହରଣ । ଏଠାରେ ସାଧାରଣତଃ ଲେଫ୍ଟ ଫ୍ରଣ୍ଟ ଓ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ୟୁଡିଏଫ୍) ମଧ୍ୟରେ ଲଢେଇ ହୁଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ଜାତୀୟ ସ୍ତରରେ କଂଗ୍ରେସ ଓ ସିପିଆଇ (ଏମ୍) ଏକାଠି ଇ–ଣ୍ଡି–ଆ ମେଣ୍ଟରେ ଅଛନ୍ତି ଏବଂ କେତେକ ରାଜ୍ୟରେ ଆସନ ବୁଝାମଣା କରିଛନ୍ତି, କିନ୍ତୁ କେରଳରେ ସିପିଆଇ (ଏମ୍) ଓ କଂଗ୍ରେସ ମଧ୍ୟରେ ଅହି–ନକୁଳ ସମ୍ପର୍କ । ଦେଶର ରାଜନୀତିରେ ସିପିଆଇ (ଏମ୍) ଓ କଂଗ୍ରେସ ମଧ୍ୟରେ ଥିବା ସମ୍ପର୍କର ପରିଭାଷା କଣ, ତାହା ଉତ୍ତର କାହାରି ପାଖରେ ନାହିଁ । କଂଗ୍ରେସ ଏବଂ ସିପିଆଇ (ଏମ୍) ଏବେ ଗୋଟିଏ ନାଆରେ । ପଶ୍ଚିମବଙ୍ଗ, ତ୍ରିପୁରା, ବିହାର, ରାଜସ୍ଥାନ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ସେମାନଙ୍କ ଭିତରେ ସମ୍ପର୍କ ଖୁବ୍ ନିବିଡ । ଆସନ ବୁଝାମଣା କରିଛନ୍ତି । କିନ୍ତୁ କେରଳରେ ସରକାରଙ୍କ ବଡ ଶତ୍ରୁ ହେଉଛି କଂଗ୍ରେସ । ସିପିଆଇ (ଏମ୍) ପଶ୍ଚିମବଙ୍ଗ ୟୁନିଟ୍‌ର ବରିଷ୍ଠ ନେତାମାନେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରାରେ ଅଂଶଗ୍ରହଣ କରିଥିଲେ । ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ଉଭୟଙ୍କ ମଧ୍ୟରେ ଆସନ ବୁଝାମଣା ହେଇଛି, କିନ୍ତୁ କେରଳରେ ପରିସ୍ଥିତି ଅଲଗା । ଇ–ଣ୍ଡି–ଆ ବ୍ଲକର ଉଦ୍ଦେଶ୍ୟ ହେଉଛି ବିଜେପିକୁ ଦୂରେଇ ରଖିବା, କିନ୍ତୁ କେରଳରେ ପରିସ୍ଥିତି ଅଲଗା । ଦୁଃଖର କଥା, କେରଳରେ କଂଗ୍ରେସ ଓ ଲେଫ୍ଟ ଫ୍ରଣ୍ଟ ଯେପରି ଭାବରେ ପରସ୍ପର ବିରୋଧରେ ବିଷ ଓଗାଳୁଛନ୍ତି, ଲାଗୁଛି ସେମାନଙ୍କ ମଧ୍ୟରେ ସମ୍ପର୍କ ନାହିଁ । ନିଜର ସାଂଗଠନିକ ତଥା ରାଜନୈତିକ ଶକ୍ତିର ଉପସ୍ଥିତିକୁ ଦୃଢ କରିବା ପାଇଁ ସିପିଆଇ (ଏମ୍) ର କେରଳ ୟୁନିଟ୍, ଭାରତର ଯେକୌଣସି ଠାରେ କଂଗ୍ରେସ ସହିତ କୌଣସି ବୁଝାମଣାକୁ ନେଇ ସର୍ବଦା ଭିନ୍ନ ମତ ରଖିଆସିଛି । କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କ୍ସବାଦୀ) ବା ସିପିଆଇ (ଏମ୍) ଇ–ଣ୍ଡି–ଆର ସମନ୍ୱୟ କମିଟିରୁ ଦୂରେଇ ରହିଥିବାବେଳେ ବିଜେପି ବିରୋଧୀ ମିଳିତ ମଞ୍ଚର ଅଂଶ ହେଇ ରହିବାକୁ ପସନ୍ଦ କରିଛି । କଂଗ୍ରେସ କ୍ରମାଗତ ଭାବରେ କେରଳ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରୁଥିବାବେଳେ ମୁଖ୍ୟମନ୍ତ୍ରୀ ବିଜୟନ ମଧ୍ୟ କଂଗ୍ରେସକୁ ସମାଲୋଚନା କରି ଚାଲିଛନ୍ତି । ସିପିଆଇର ଆନି ରାଜାଙ୍କ ବିରୋଧରେ ରାହୁଲ ଗାନ୍ଧି ପୁନର୍ବାର ୱାୟନାଡରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେବା ଘଟଣାକୁ ସିପିଆଇ (ଏମ୍) ନାପସନ୍ଦ କରିଛି ଏବଂ ଜଣେ ଜାତୀୟ ନେତା ଭାବରେ ସେ ବାମପନ୍ଥୀ ନୁହେଁ ବରଂ ବିଜେପି ବିରୋଧରେ ପ୍ରତିଦ୍ୱନ୍ଦିତା ଉଚିତ ଥିଲା ବୋଲ ସିପିଆଇ (ଏମ୍) କହିଛି । ବିଜେପି ସହ ଭିତିରିଆ ସମ୍ପର୍କ ଯୋଗୁଁ ବିଜୟନ ଇଡିଙ୍କ ଜେରା ଓ ଗିରଫଦାରୀକୁ ଏଡାଇ ଯିବା ସମ୍ଭବ ହେଇଛି ବୋଲି ରାହୁଲ ଅଭିଯୋଗ କରିଥିଲେ । ଏହି ଭଳିଆ ଅଭିଯୋଗ–ପ୍ରତ୍ୟାଭିଯୋଗ କେରଳ ରାଜନୀତିରେ କଂଗ୍ରେସ ଓ ସିପିଆଇ (ଏମ୍) ମଧ୍ୟରେ ଚାଲିଥିବା ବେଳେ, ଅନ୍ୟ କେତେକ ରାଜ୍ୟରେ ଆସନ ବୁଝାମଣା କରିବା, ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହା ସ୍ପଷ୍ଟ କରୁଛି ଯେ' ଦଳୀୟ ସ୍ୱାର୍ଥ ହିଁ ସବୁକିଛି । ଏହା ଦେଶର ଜନତାଙ୍କୁ ଗୋଟିଏ ଖରାପ ସମ୍ବାଦ ଦେଉଛି ଏବଂ ଏହିପରି କେତେକ ଘଟଣା ରାଜନୀତିକୁ କଳୁଷିତ କରିଚାଲିଛି ।

ବଢୁଛି ତାତିର ପ୍ରକୋପ

ହିମାଂଶୁ ଶେଖର ଆଚାର୍ଯ୍ୟ

ଜଳୁଛି ସାରା ଓଡ଼ିଶା । ଡହଡହ ଖରାରେ କଲବଲ ହେଉଛନ୍ତି ରାଜ୍ୟବାସୀ ଉପକୂଳରୁ ଆଭ୍ୟନ୍ତରୀଣ ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ପାରଦ ଉପରମୁହାଁ ହେଉଛି । ଯଦିଓ ଏହାପରେ କାଳବୈଶାଖୀ ଯୋଗୁଁ ତାତିର ପ୍ରଭାବ କେତେକ ଅଞ୍ଚଳରେ କିଛିଟା ହ୍ରାସ ପାଇପାରେ ତଥାପି ପୁଣି ଆଗକୁ ତାପମାତ୍ରା ବଢି ରହିବ ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୂରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଚଳତ ବର୍ଷ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଥିଲା । ବାହାରେ ଖରା ବାଧିବା ଆରମ୍ଭ ହୋଇଯାଇଥିଲା । ଯଦିଓ ଶୀତର ବେଳକାଳ ସରି ନ ଥିଲା । ସତେ ଯେମିତି ଲାଗୁଥିଲା ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ସେବେ ଠାରୁ ଏତେ ଗରମ, ଆଗକୁ ତାହେଲେ ତାପ ନ ବଢ଼ିବ ବୋଲି କହିହେବ ? ପୂର୍ବରୁ ମଧ୍ୟ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ତଥା ସର୍ବାଧିକ ହୋଇଥିବା ଆମେ ଅବଶ୍ୟ ଜାଣିଛେ । ଏ ବର୍ଷ ଏପ୍ରିଲ ପହିଲାରୁ ଆକାଶରୁ ନିଆଁବର୍ଷାକୁ ଦେଖି ଚଳିତ ବର୍ଷ ତାତି ସମସ୍ତ ରେକର୍ଡ ଭାଙ୍ଗିବ ବୋଲି ଆଶଙ୍କା କରାଯାଉଛି ।

ବିଶ୍ୱତାପାୟନ ବୃଦ୍ଧି ଯୋଗୁଁ ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅରୁ ଆଜି ସାତ ସପନ । ଶରତ, ହେମନ୍ତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ–ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା–ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ–ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ଅନେକ ଜଣଙ୍କ ଜୀବନ ଯାଇଥିବାବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଇଆସୁଛି ।

କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ । ବିଭିନ୍ନ ସ୍ଥାନରେ ଗଛକଟା ଅବାଧରେ ଚାଲିଛି । ନୂଆ ନୂଆ ଚାରାଗଛ ଲଗାଯାଉଛି । ଉପଯୁକ୍ତ ଯତ୍ନ ଅଭାବରୁ କିନ୍ତୁ ସେଥିରୁ କିଛିଟା ବଞ୍ଚୁଛି ଏବଂ ବିଭିନ୍ନ କାରଣରୁ ଅନେକ ନଷ୍ଟ ହେଇଯାଉଛି । ମଣିଷଟିଏ–ଗଛଟିଏ ସ୍ଲୋଗାନ ଜନସଚେତନତା ପାଇଁ ଜାରି ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମ ସମସ୍ତଙ୍କୁ ମଧ୍ୟ ବୃକ୍ଷରୋପଣ କରିବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ । ଏଥିପାଇଁ ମଣିଷଟିଏ–ଗଛଟିଏ ସ୍ଲୋଗାନ ଉପରେ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନାଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ତଥାପି ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆସନ୍ତା ମେ , ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୨୬ରୁ...

ତାପମାତ୍ରା ୪୬° ଯାଏଁ ଛୁଇଁବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

ପାଣିପାଗ ବିଭାଗର କହିବାନୁସାରେ, ମଙ୍ଗଳବାର ୧୮ଟି ସହରରେ ୪୦° କିମ୍ବା ତାହାଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି । ପାରଳାଖେମୁଣ୍ଡି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୨.୮° ରେକର୍ଡ ହୋଇଛି । ସେହିପରି ନୟାଗଡ଼ରେ ତାପମାତ୍ରା ୪୨.୨° ରେକର୍ଡ଼ ହୋଇଥିବାବେଳେ ଭୁବନେଶ୍ୱରରେ ୪୧.୮°, ବଲାଙ୍ଗୀରରେ ୪୧.୮°, ଅନୁଗୁଳରେ ୪୧.୬°, ମାଲକାନଗିରିରେ ୪୧.୫° ତାପମାତ୍ରା ରେକର୍ଡ଼ ହୋଇଛି ।

ସେପଟେ କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ତାତିରୁ ନିସ୍ତାର ନାହିଁ ଓ ପାଗ ଶୁଖିଲା ରହିବ । ଦକ୍ଷିଣ ଓଡ଼ିଶାର ଆଭ୍ୟନ୍ତର ଓ ଉପକୂଳରେ ଆସନ୍ତା ୩ ଦିନ ଯାଏଁ ସାମୁଦ୍ରିକ ପବନ ହେତୁ ତାପମାତ୍ରା ଅପେକ୍ଷାକୃତ ବଢ଼ିବ ନାହିଁ । କିନ୍ତୁ ଉତ୍ତର ଓଡ଼ିଶାରେ ଗରମ କମିବାର ସମ୍ଭାବନା ଦେଖାଯାଉନାହିଁ । ୨୬ ତାରିଖରେ ବାରିପଦା, ଝାରସୁଗୁଡ଼ା, ରାଉରକେଲା, ବୌଦ୍ଧ, ବଲାଙ୍ଗୀରରେ ତାପମାତ୍ରା ୪୪° ଅତିକ୍ରମ କରିବାକୁ ଥିବାବେଳେ ଏହି ମାସ ଶେଷ ବେଳକୁ ୪୬° ତାପମାତ୍ରା ପାର୍ କରିପାରେ । ସମ୍ବଲପୁର, ନୂଆପଡ଼ା, ଅନୁଗୁଳ, ତାଳଚେର, ପାରଳାଖେମୁଣ୍ଡି, ରାୟଗଡ଼ା, ଭବାନୀପାଟଣା ଓ ମାଲକାନଗିରିରେ ୨୮ ତାରିଖରେ ୪୨°ରୁ ୪୪° ତାପମାତ୍ରା ରହିବାବେଳେ ମାସଶେଷକୁ ଏହା ୪୫° ଅତିକ୍ରମ କରିବାର ସମ୍ଭାବନା ରହିଛି ।

୨୬ରୁ ପୁରୀ ଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖା ଉତ୍ତରରେ ଥିବା ଅଞ୍ଚଳରେ, ୨୭ରୁ ଗଞ୍ଜାମ ଓ ଗଜପତିରେ ଅଧିକାଂଶ ସ୍ଥାନରେ ଗ୍ରୀଷ୍ମପ୍ରବାହ ଜାରି ରହିବ । ଦକ୍ଷିଣ ଓଡ଼ିଶାରେ ଆସନ୍ତା ଦୁଇଦିନ ଭିତରେ କାଁ ଭାଁ ବର୍ଷା ହୋଇପାରେ । କିନ୍ତୁ ସାଧାରଣ ଭାବେ ରାଜ୍ୟର ପାଗ ଶୁଖିଲା, ଖରାଟିଆ ଓ ଉତ୍ତପ୍ତ ରହିବ ବୋଲି ଶ୍ରୀ ପଶୁପାଳକ କହିଛନ୍ତି ।

ସୁପ୍ରିମ୍‌କୋର୍ଟରୁ...

ସେ ପ୍ରାର୍ଥୀ ହେବାକୁ ଚାହୁଁଛନ୍ତି ତେଣୁ ନିମ୍ନ ଅଦାଲତ ଦେଇଥିବା ଆଦେଶ ଉପରେ ରହିତାଦେଶ ପାଇଁ ସେ ଆବେଦନରେ ଉଲ୍ଲେଖ କରିଥିଲେ । ୨ୟ ମିସକେସରେ ତାଙ୍କର ନିୟମିତ ଜାମିନ ପାଇଁ ଓ ୩ୟ ମିସକେସରେ ନିମ୍ନ ଅଦାଲତରେ ହାଜିରାରୁ ଛାଡ ପାଇଁ ନିବେଦନ କରିଥିଲେ ।

ବର୍ଷିଲେ...

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୋର ୯୦ ସେକେଣ୍ଡର ବକ୍ତବ୍ୟ ଏବେ କଂଗ୍ରେସ ଓ ଇଣ୍ଡି ମେଣ୍ଟ ଲାଗି ଯନ୍ତ୍ରଣାଦାୟକ ହୋଇପଡିଛି । ମୁଁ ଦେଶ ସମ୍ମୁଖରେ କେବଳ ସତ ହିଁ କହିଛି । ଯେଉଁମାନେ ଭୋଟ୍ ବ୍ୟାଙ୍କ ରାଜନୀତି କରୁଛନ୍ତି ତାହାର ଖୁଲାସା କରିଛି ।

ବିଜେପିର...

ଧର୍ମେନ୍ଦ୍ର ପ୍ରଧାନ, ବିଜୟପାଲ ସିଂହ ତୋମାର, ଲତା ଉସେଣ୍ଡି, ସାନ୍ତନୁ ଠାକୁର ରହିଛନ୍ତି । କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଜୟନାରାୟଣ ମିଶ୍ର, ପ୍ରତାପ ଷଡଙ୍ଗୀ, ଅପରାଜିତା ଷଡଙ୍ଗୀ, ସମ୍ବିତ ପାତ୍ର, ବସନ୍ତ କୁମାର ପଣ୍ଡା, ସୁରେଶ ପୂଜାରୀ, କେ.ବି ସିଂହଦେଓ, ସମୀର ମହାନ୍ତି, ମାନସ କୁମାର ମହାନ୍ତି, ଗୋଲଖ ମହାପାତ୍ର, ଅନୁଭବ ମହାନ୍ତି, ହରିହର ମହାପାତ୍ର, ଶ୍ରୀତମ ଦାସ ପ୍ରମୁଖ ୪୦ଜଣ ଏଥିରେ ସ୍ଥାନ ପାଇଛନ୍ତି ।

ସୁରତର...

କରାଯିବା ଏବଂ ଅନ୍ୟ ପ୍ରର୍ଥୀମାନେ ସେମାନଙ୍କ ପ୍ରାର୍ଥପତ୍ର ପ୍ରତ୍ୟାହାର କରିନେବା ହୁଏତ ସ୍ୱାଧୀନତା ପରେ ଏକ ପ୍ରଥମ ଘଟଣା । କଂଗ୍ରେସ ପକ୍ଷରୁ ମଧ୍ୟ ସୁରତରେ ଆଉ ଏକ ବିକଳ୍ପ ପ୍ରାର୍ଥୀ ଦିଆଯାଇଥିଲା । ମାତ୍ର ତାଙ୍କ ନାମାଙ୍କନକୁ ମଧ୍ୟ ଖାରଜ କରିଦିଆଗଲା । କଂଗ୍ରେସର ପ୍ରାର୍ଥୀ ଏନେଇ ଆପତ୍ତି କଲେନାହିଁ କୁଆଡେ ଗାଏବ ହୋଇଯାଇଛନ୍ତି ।

ବିଜେଡିର...

ଏପରିକି ବରଗଡ ଲୋକସଭା ଆସନ ବିଜେପି ହାତେଇଥିଲା । ଏହି ଲୋକସଭା ଆସନ ଅନ୍ତର୍ଗତ ବିଜେପୁର ବିଧାନସଭା ଆସନରେ ଖୋଦ୍ ନବୀନ ପଟ୍ଟନାୟକ ନିର୍ବାଚନ ଲଢ଼ିଥିଲେ । ଏଥର ଜାତୀୟ ରାଜନୀତିରେ ବିଜେଡି ତା'ର ଦବ୍‌ଦବା ରଖିବା ଲାଗି ଅଧିକ ଲୋକସଭା ସାଂସଦ ଜିତିବାକୁ ଚାହୁଁଥିବା ଆଲୋଚନା ହେଉଛି । ନିର୍ବାଚନୀ ଦୃଶ୍ୟପଟ୍ଟ ଜାତୀୟ ସ୍ତରରେ ଗୋଳମାଳିଆ ଧରିଛି । ବିରୋଧୀ ମେଣ୍ଟ ଇଣ୍ଡିଆ କିମ୍ବା ବିଜେପି ନେତୃତ୍ୱାଧୀନ ମେଣ୍ଟ ଏନ୍‌ଡିଏର ଯଦି ସଂଖ୍ୟା ଗରିଷ୍ଠତା ହାସଲ ଲାଗି କିଛି ଆସନ କମ୍ ପଡିପାରେ ତେବେ ଜାତୀୟ ସ୍ତରରେ ବିଜେଡିର ଭୂମିକା ନିର୍ଣ୍ଣାୟକ ହୋଇପାରେ । ହୁଏତ ଏହାକୁ ଦୃଷ୍ଟିରେ ରଖି ଯୋଡି ଶଙ୍ଖ ନାରା ଦିଆଯାଇଥାଇପାରେ ବୋଲି କୁହାଯାଉଛି । କେବଳ ନବୀନ ପଟ୍ଟନାୟକ ନୁହଁନ୍ତି, ଦଳର ଅନ୍ୟତମ ପ୍ରମୁଖ ବ୍ୟକ୍ତି କୁହାଯାଉଥିବା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ସୋସିଆଲ ମିଡିଆରେ ଯୋଡି ଶଙ୍ଖ ନାରା ଦେଇଛନ୍ତି । ପୂର୍ବରୁ ସେ ଏକ ଶ୍ରମିକ ସମାବେଶରେ ଏଥର ଡବଲ ଶଙ୍ଖ ବୋଲି କହିଥିଲେ । ଗୋଟିଏ ଏମ୍‌ଏଲ୍‌ଏ ଓ ଅନ୍ୟଟି ଏମ୍‌ପିକୁ ଶଙ୍ଖରେ ଭୋଟ୍ ଦେବାପାଇଁ ସେ ନିବେଦନ କରିଛନ୍ତି । ଆଗାମୀ ଦିନରେ ଯୋଡି ଶଙ୍ଖ ନାରା ରାଜ୍ୟ ରାଜନୀତିକୁ ବେଶ୍ ପ୍ରଭାବିକ କରିବ ବୋଲି ଆଲୋଚନା ହେଉଛି ।

ପ୍ରଚାରରେ...

ଏଆଇ ଆଙ୍କର ସମତାଙ୍କୁ ଛାଡିଛି । ଏହି ଭିଡିଓଟି ପ୍ରାୟ ୧୨ ଘଣ୍ଟାରେ ୩.୫ ହଜାର ଲୋକ ଦେଖିଛନ୍ତି । ଡିଏମ୍‌କେ ମଧ୍ୟ ଦଳର ପ୍ରତିଷ୍ଠାତା କରୁଣା ନିଧିଙ୍କର ୨୦୧୮ରେ ହୋଇଥିବା ମୃତ୍ୟୁର ଭିଡିଓ ଛାଡୁଛି । ଡିଏମ୍‌କେ ମଧ୍ୟ ଏଆଇକୁ ବ୍ୟବହାର କରିଛି । ଏଆଇ ଅବତାରରେ ଦଳର କର୍ମୀ ଓ ନେତାମାନେ ଏମ୍‌କେ ଷ୍ଟାଲିନ୍‌ଙ୍କର ପ୍ରସଂଶା କରୁଛନ୍ତି । ସେହିଭଳି ବିଭିନ୍ନ ବିରୋଧୀ ନେତାଙ୍କର ଜାଲ୍ ଭିଡିଓ ଏବେ ଚିନ୍ତା ବଢ଼ାଇଛି । ଏହାଦ୍ୱାରା ଭୁଲ୍ ସୂଚନା ଦିଆଯାଉଛି । ରାହୁଲ ଗାନ୍ଧିଙ୍କର କଂଗ୍ରେସରୁ ଇସ୍ତଫା ନେଇ ଏକ ଜାଲ୍ ଭିଡିଓ ଛଡାଯାଇଛି । ଏଆଇ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି । ସେହିଭଳି ଆମ୍ ଆଦ୍‌ମୀ ପାର୍ଟି ଏଆଇକୁ ବ୍ୟବହାର କରି ଜେଲ୍‌ରୁ ଏହାର ମୁଖ୍ୟ ଅରବିନ୍ଦ କେଜରିୱାଲଙ୍କ ପ୍ରଚାର ଦେଖାଉଛି । ତାଙ୍କ ପତ୍ନୀ ସୁନିତା ବିଭିନ୍ନ ବାର୍ତ୍ତା ମଧ୍ୟ ଦେଉଛନ୍ତି । ସେହିଭଳି ଇନ୍‌ଷ୍ଟାଗ୍ରାମ୍‌ରେ ମଧ୍ୟ ଏଆଇକୁ ବ୍ୟବହାର କରି ଏକ ଲୋକପ୍ରିୟ ବଲିଉଡ୍ ଫିଲ୍ମ ଗୀତରେ ମୋଦିଙ୍କୁ ସ୍ଥାନିତ କରାଯାଇଛି । ଏହି ଭିଡିଓଟି ୩.୪ ନିୟୁତ ଲୋକ ଦେଖିସାରିଲେଣି । ସେହିଭଳି ଅମିର ଖାନ୍, ରଣବୀର ସିଂ ଓ ଅମିତାଭ ବଚ୍ଚନଙ୍କ କିଛି ଫେକ୍ ଭିଡିଓ ମଧ୍ୟ ରାଜନୈତିକ ଦଳ ପ୍ରସାର କରୁଛନ୍ତି ।

ଜଳଭଣ୍ଡାରରେ ଜଳ ନାହିଁ : ଅଳ୍ପ ଦିନରେ ଶୁଖିଯିବ ବଡ଼ଘାଗରା ଡ୍ୟାମ୍

କେନ୍ଦୁଝର, (ରବି ରାଜ) : ଖରା ଆରମ୍ଭରୁ ଦେଖାଦେଲାଣି କଳକଷ୍ଟ। ନଦୀନାଳ, କେନାଲ ସବୁ ଶୁଖି ଯାଇଥିବା ବେଳେ ଏବେ ଜଳଭଣ୍ଡାର ଶୁଖିବା ଆରମ୍ଭ କଲାଣି। ଏହି ଧାରା ଆଉ କିଛିଦିନ ଜାରି ରହିଲେ କେନ୍ଦୁଝର ସହରବାସୀ ପାଣି ପାଇଁ ଛଟପଟ ହେବେ ବୋଲି କୁହାଯାଉଛି। କେନ୍ଦୁଝର ଜିଲ୍ଲାରେ ରହିଛି ବଡ଼ଘାଗରା, କାନଝାରୀ, ଜଗଦଲା, ଗୋବରା, ଜାଉଁରିଆ, ରେମାଳ ଭଳି ଏକାଧିକ ଡ୍ୟାମ୍। ଏସବୁ ଡ୍ୟାମରୁ ସ୍ଥାନୀୟ ଅଞ୍ଚଳକୁ ଜଳ ଯୋଗାଣ ହେଉଛି। ତଳିତବର୍ଷ ନିଅଣ୍ଟିଆ ବର୍ଷା ଓ ପ୍ରଚଣ୍ଡ ଖରା ଯୋଗୁଁ ଡ୍ୟାମର ପାଣି ଶୁଖିବା ଆରମ୍ଭ କଲାଣି। ବଡ଼ଘାଗରା ଡ୍ୟାମରୁ କେନ୍ଦୁଝର ସହରକୁ ଜଳ ଯୋଗାଣ ହେଉଛି। ସହରର ଅର୍ଦ୍ଧାଧିକ ଲୋକେ ଏହି ଡ୍ୟାମରୁ

ପାଣି ପାଉଛନ୍ତି। ବର୍ଷା ନଥିବାରୁ ଏହି ଡ୍ୟାମ୍ ବି ଶୁଖିଗଲାଣି। ଡ୍ୟାମ ଜଳଧାରଣ କ୍ଷମତା ହେଉଛି ୧୯୬୨ ଆର୍‌ଏଲ୍ (ରେଡିୟସ ଲେଭଲ)। ଏପ୍ରିଲ୍ ମାସରେ ୧୯୩୨ ଆର୍‌ଏଲ୍ ଜଳ ରହିବା କଥା। ଅଛି ୧୯୨୬ ଆର୍‌ଏଲ୍। ଯାହାକୁ ନିମ୍ନ ଜଳସ୍ତର ବୋଲି କୁହାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ବଡ଼ଘାଗରା ଜଳଭଣ୍ଡାରରୁ କେନ୍ଦୁଝର ସହରକୁ ଦୈନିକ ୬୦ ଲକ୍ଷ ଲିଟର ଜଳ ଯୋଗାଣ ହୋଇଥାଏ। ଜଳସ୍ତର କମିବା ଯୋଗୁଁ କିଛିଦିନ ହେବ ୫୦ ଲକ୍ଷ ଲିଟର ଜଳ ଯୋଗାଣ ହେଉଛି। ଏଭଳି ସ୍ଥିତି ଲାଗି ରହିଲେ ଆଉ ମାତ୍ର ୧୫ ଦିନରେ ବଡ଼ଘାଗରା ଜଳଭଣ୍ଡାର

ସହରବାସୀ ଭୋଗିବେ ଜଳକଷ୍ଟ

ଶୁଖିଯିବ।ଅନ୍ୟପକ୍ଷରେ ଜରୁରୀ ପରିସ୍ଥିତିରେ ଜଳଭଣ୍ଡାରର ଡେଡ୍ ଷ୍ଟୋରେଜ ବା ଅତି ତଳିଆ ପାଣିକୁ ବ୍ୟବହାର କରାଯାଇଥାଏ। ତଳିଆ ପାଣିକୁ ବ୍ୟବହାର କରିବାପାଇଁ ଏବେ ଜନସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ଆରମ୍ଭ କଲାଣି । ଜଳଭଣ୍ଡାର ଶୁଖିଗଲେ ତଳିଆ ପାଣିକୁ ପମ୍ପିଂ କରି ସହରକୁ ଯୋଗାଇ ଦିଆଯିବ। ଆଉ କିଛିଦିନ ମଧ୍ୟରେ ବର୍ଷା ନହେଲେ ପରିସ୍ଥିତି ସଂଗିନ ହେବ ବୋଲି ଆକଳନ କରାଯାଉଛି ।

ଆର୍ ପି ଏଫ୍ ଆଉଟ୍ ପୋଷ୍ଟ ସୋର ଷ୍ଟେସନ୍‌ରେ ସ୍ଥାପନ ହେବ

ସୋର (ସବ୍ୟୁ) : ଦୀର୍ଘଦିନ ଧରି ସୋର ରେଳ ଷ୍ଟେସନରେ ଅସାମାଜିକ ବ୍ୟକ୍ତି ଚୋର ପକେଟମାରଙ୍କ ଦୌରାତ୍ମ୍ୟ, ମଦ ଗଞ୍ଜେଇ, ଚରସ ଭଳି ନିଶା କାରବାର ସାଙ୍ଗକୁ ନିଶାଡ଼ିମାନଙ୍କ ଆଡ୍ଡା ସ୍ଥଳୀ ସଂପର୍କରେ ଲଗାତର ଭାବେ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ସହିତ ସୋର ବାସୀଙ୍କ ଦାବି ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସୁରକ୍ଷା ଓ ନ୍ୟାର୍ଯ୍ୟ ଦାବି ହାସଲ ପାଇଁ ସୋର ନାଗରିକ ମଞ୍ଚ ଗଣତାନ୍ତ୍ରିକ ଉପାୟରେ ଦାବିପତ୍ର ଉପସ୍ଥାପନ, ଆନ୍ଦୋଳନ, ଗଣଧାରଣା ମାଧ୍ୟମରେ ରେଳ ବିଭାଗ, ବିଭାଗୀୟ ମନ୍ତ୍ରୀ, ରେଳ ବୋର୍ଡର ଦୃଷ୍ଟି ଆକର୍ଷଣ କରିବା ଆଦିକୁ ଦୃଷ୍ଟିରେ ରଖି ରେଳ କର୍ତ୍ତୃପକ୍ଷ ସୋରରେ ଏକ ଆର୍‌ପିଏଫ ଆଉଟ୍ ପୋଷ୍ଟ ସ୍ଥାପନ ପାଇଁ ମଞ୍ଜୁର କରିଛନ୍ତି। ସୋର ରେଳ ଷ୍ଟେସନ ଦେଇ ଦୈନିକ ସହସ୍ରାଧିକ ଯାତ୍ରୀ ରେଳରେ ଯାତ୍ରା କରୁଥିବା ବେଳେ, ସୋର ରେଳଷ୍ଟେସନ ପରିସର ଅତ୍ୟନ୍ତ ଅସୁରକ୍ଷିତ ଓ ଅସାମାଜିକ ବ୍ୟକ୍ତିମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିବା ଯୋଗୁଁ ଯାତ୍ରୀମାନେ ତଥା ରେଳ କର୍ମଚାରୀମାନେ ଅସୁରକ୍ଷିତ ମଣୁଥିଲେ। ସମସ୍ତ ଦାବି ତଥା ପ୍ରମାଣକୁ ଭିତ୍ତିକରି କରି ଦକ୍ଷିଣ-ପୂର୍ବ ରେଳବିଭାଗ ଗାଡାନ୍ ରିଚର ମହା ନିରୀକ୍ଷକ ତଥା ସହକାରୀ ପ୍ରଧାନ ମୁଖ୍ୟ ସୁରକ୍ଷା ଆୟୁକ୍ତ ଗତ ମାସ ମାର୍ଚ୍ଚ ୨୮ ତାରିଖରେ ସୋର ରେଳ ଷ୍ଟେସନରେ ରେଳ ସୁରକ୍ଷା ବାହିନୀ ସବ-ପୋଷ୍ଟ ଦପ୍ତର ଖୋଲିବାକୁ ନିର୍ଦ୍ଦେଶ ଦେବା ସହ ୧ ଏସ୍‌ଆଇ, ୧ ଏଏସ୍‌ଆଇ, ୪ ଜଣ ହେଡ଼ କନେଷ୍ଟବଳ, ୬ ଜଣ କନେଷ୍ଟବଳଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ରେଳ ବିଭାଗର ଏହି ନିଷ୍ପତ୍ତି ପାଇଁ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ସମେତ ମଞ୍ଚର ସମସ୍ତ କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଏବଂ ସୋର ଅଞ୍ଚଳର ଜନସାଧାରଣଙ୍କ ତରଫରୁ ରେଳ ବିଭାଗର ସମସ୍ତ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଭୋଟ ସଚେତନତା ନିମନ୍ତେ ବ୍ୟାପକ କରାଯାଉଛି ସ୍ୱୀପ୍ ଅଭିଯାନ

ବାଲେଶ୍ୱର (ସବ୍ୟୁ) : ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ଓ ଜନସାଧାରଣକୁ ଆଗାମୀ ସାଧାରଣ ନିର୍ବାଚନରେ ସାମିଲ କରିବା ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି । ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘରକୁ ଘର ବୁଲି, ପଥପ୍ରାନ୍ତ ନାଟକ ଜରିଆରେ, ଗୋଷ୍ଠୀ ବୈଠକ କରି, ତୃଣମୂଳସ୍ତରରେ ଜନସାଧାରଣଙ୍କ ନିକଟାରେ ପହଞ୍ଚିବା ସହ ଭୋଟ ସମ୍ପର୍କିତ ସେମାନଙ୍କ ପ୍ରଶ୍ନଗୁଡ଼ିକର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ଶୋଭାମାନ ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟରେ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ରସାଳପୁରସ୍ଥିତ ଡକ୍ଟର ଯଦୁନାଥ ମହାବିଦ୍ୟାଳୟ, ଜଳେଶ୍ୱର ବ୍ଲକସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ଖଇରାବ୍ଲକ ଅଧିନସ୍ଥ ଖଇରା କଲେଜ, ବାଲିଆପାଳ ବ୍ଲକ ଠାରେ ନବନିର୍ମିତ ବୁଥଗୁଡ଼ିକରେ ସ୍ୱୀପ ଅଭିଯାନ ଅଧିନରେ ୱାକାଥନ, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟକାଡ ମାଧ୍ୟମରେ ଚିଠି, ନିର୍ବାଚନ ପାଠଶାଳା ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସକ୍ରିୟ ଭାବେ ସ୍ୱୀପ୍ ଅଭିଯାନରେ ସାମିଲ ହୋଇ ଆଗାମୀ ନିର୍ବଚନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ବିପିଏନଏସଆଇ ଏବଂ ଆଇଆଇଏସ୍‌ଏସ୍‌ଏସ୍‌ସି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର (ସବ୍ୟୁ) : ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନସ୍ଥ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଏବଂ ଦକ୍ଷତା, ବିକାଶ, ଉଦ୍ୟମତା ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ଲୌହ ଏବଂ ଇସ୍ପାତ କ୍ଷେତ୍ରିୟ ଦକ୍ଷତା ପରିଷଦ ମଧ୍ୟରେ ଏପ୍ରିଲ ୨୩ ତାରିଖରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହା ନିଯୁକ୍ତି, ପ୍ରଶିକ୍ଷଣ ଏବଂ ମୁତୟନ ପ୍ରକିୟା ମାଧ୍ୟମରେ ଇସ୍ପାତ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ରେ ସହାୟକ ହେବ ।

ଏହି ବୁଝାମଣା ପତ୍ର କୋଲକାତା ସ୍ଥିତ ଆଇ ଆଇ ଏସ୍ ଏସ୍ ଏସ୍ ସିର ମୂଖ୍ୟ କାର୍ଯ୍ୟକାରୀ ଅଧିକାରୀ ଶୁସୀମ ବାନାର୍ଜୀ ଏବଂ ବିପିଏନ୍‌ଏସ୍‌ଆଇର ନିର୍ଦ୍ଦେଶକ ପ୍ରିତମ୍ ପୁରକାୟସ୍ଥଙ୍କ ମଧ୍ୟରେ ଉଭୟ ସଂସ୍ଥାର କର୍ମଚାରୀମାନଙ୍କ ଉପସ୍ଥିତି ରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ

ପ୍ରତିଷ୍ଠାନ ଠାରେ ସ୍ୱାକ୍ଷରିତ ହୋଇଯାଇଛି ।

ଭାରତ ସାରା ବିଶ୍ୱର ଏକ ପ୍ରମୁଖ ଦକ୍ଷତା କେନ୍ଦ୍ର ହେବାର ଆଶା କରାଯାଏଛ ଉଭୟ ସଂସ୍ଥା ଆଇଆଇଏସ୍‌ଏସ୍‌ଏସ୍‌ସି ଏବଂ ବିପିଏନ୍‌ଏସ୍‌ଆଇ ଏହି ନିର୍ଦ୍ଦେଶ ମାଧ୍ୟମରେ ଆଗାମୀଦିନରେ କାର୍ଯ୍ୟ ସଂପାଦନ କରିବେ । ଦକ୍ଷତା ବିକାଶ ଉଦ୍ୟମ ମନ୍ତ୍ରଣାଳୟ ଅଧିନସ୍ଥ ନିୟମାବଳୀ ଅନୁଯାୟୀ ଇସ୍ପାତ କ୍ଷେତ୍ରର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମତା କେନ୍ଦ୍ର ରେ ଥିବା ଡିପ୍ଲୋମା ଏବଂ ଡିଗ୍ରୀ ଇଂଜିନିୟର ମାନଙ୍କର ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବ ବୃହତ ଇସ୍ପାତ ଉତ୍ପାଦନ କରେ ଏବଂ ଇସ୍ପାତ ଉତ୍ପାଦିତ ଦ୍ରବ୍ୟ ବ୍ୟବହାର କରେ । ଦକ୍ଷତା କ୍ଷେତ୍ରରେ ଗଢ଼ି ଉଠୁଥିବା ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଯଥା ଡିକାର୍ବୋନାଇଜେସନ୍ ଏବଂ ଗ୍ରିନ୍ ଷ୍ଟିଲର ଗୁରୁତ୍ୱ ଆଜିକାଲି ବିଶ୍ୱ ରେ ବହୁଳ ଭାବରେ ପ୍ରଚଳିତ ।

ସିପିଆଇ ପକ୍ଷରୁ ନୀଳଗିରିରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ନୀଳଗିରି (ସବ୍ୟୁ) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବାଲେଶ୍ୱର ଜିଲ୍ଲା ପରିଷଦ ତରଫରୁ ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ସାଧାରଣ ବୈଠକ ପଞ୍ଚଲିଙ୍ଗେଶ୍ୱର ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୦ବର୍ଷ ପରେ ବିଧାନ ନର୍ବାଚନରେ ପ୍ରାର୍ଥୀ ଦେବାପାଇଁ ସର୍ବସମ୍ମତୀ କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇ ବାମପନ୍ଥୀ ଆଦର୍ଶରେ ଅନୁପ୍ରାଣିତ ଆଇନଜୀବୀ ଅଜୟ ପଟ୍ଟନାୟକଙ୍କ ନାମ ସୁପାରିଶ କରିବା ନିମନ୍ତେ ରାଜ୍ୟ କମିଟିକୁ ଅବଗତ କରାଯିବା ବାବଦରେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ ମତପ୍ରକାଶ କରିଥିଲେ । ଆୟୋଜିତ ନିର୍ବାଚନ ସମ୍ପର୍କୀୟ ସାଧାରଣ ବୈଠକରେ

ଭୁବନେଶ୍ୱର ସାଲିଆସାହିରେ ପ୍ରଚାର କରୁଛନ୍ତି ବିଜେପି ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର

ୟୁନିଟ୍-୧ ମଙ୍ଗଳାମନ୍ଦିର ୨୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଯଜ୍ଞ ପାଇଁ କଳଶ ଯାତ୍ରା

ଫଟୋ–ଅତୁଲ୍ୟ

ଚୈତ୍ରମାସ ଶେଷ ମଙ୍ଗଳାବାର ପୂଜାର୍ଚ୍ଚନା କରୁଛନ୍ତି ମହିଳା

କୃପାଜଳରେ ଫ୍ଲୋରେନ୍ସ-୨୦୨୪ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ପୂବାଶାସନ-ଉତ୍ତରାସ୍ଥିତ କୃପାଜଳ ଯାନ୍ତ୍ରିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଫ୍ଲୋରେନ୍ସ-୨୦୨୪ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ଭବାନୀ ଚରଣ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ୟୁର୍ଲା ଭିସୁଟ୍‌ର କୁଳପତି ଡ. ବଂଶୀଧର ମାଝୀ ମୁଖ୍ୟଅତିଥି, ନାଲ୍‌କୋର ମହାପ୍ରବନ୍ଧକ ଇଂ. ବିନୁତା ପାତ୍ର, ଉତ୍କଳ ବିଲଡ଼ର୍ସର ମୁଖ୍ୟ ଅଧିକାରୀ ସୁବାସ ଭୁରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ କଳିଙ୍ଗ ସ୍କୋଲ ମିଡ଼ିଆର ମୁଖ୍ୟ ସଂପାଦକ ବିଶ୍ୱରାଜ ପଟ୍ଟନାୟକ ମୁଖ୍ୟବକ୍ତା ଏବଂ ନିର୍ଦ୍ଦେଶକ ଡ. ବିଭୂତି ରଥ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ । ବୈଷୟିକ ଶିକ୍ଷାଦାନକ୍ଷେତ୍ରରେ ଉତ୍କର୍ଷତା ଅର୍ଜନ କରିଥିବା କୃପାଜଳ ଯାନ୍ତ୍ରିକ ମହାବିଦ୍ୟାଳୟ କୃତି ବିଦ୍ୟାର୍ଥୀମାନେ ବିଶ୍ୱର ୭୩ଟି ଦେଶରେ ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ କାର୍ଯ୍ୟ କରୁଛନ୍ତି । ଶିକ୍ଷା ଉତ୍କର୍ଷତା ଦୃଷ୍ଟିରୁ ଏହି ଅନୁଷ୍ଠାନ ନାକ୍ ଦ୍ୱାରା ଏ ମାନ୍ୟତା ଲାଭ କରିଛି ଏବଂ ଉନ୍ନତମାନର ଗବେଷଣା ପାଇଁ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ସହିତ

ଅନୁବନ୍ଧିତ ହୋଇପାରିଛି ବୋଲି ପ୍ରତିଷ୍ଠାତା ଡ. ରଥ ମତବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃତ୍ତିଗତ କ୍ଷେତ୍ରରେ ଏକାଗ୍ରତାର ସହିତ ଅଧ୍ୟୟନ ଏବଂ ଗବେଷଣା ଜାରି ରଖିବାକୁ ମୁଖ୍ୟଅତିଥି ପ୍ରଫେସର ମାଝୀ ମତପ୍ରକାଶ କରିଥିଲେ । ଏ ଅବସରରେ ମାଣ୍ୟଗଣ୍ୟ ଅତିଥିମାନଙ୍କୁ ଚଳିତବର୍ଷର କୃପାଜଳ ସମ୍ମାନ ପ୍ରଦାନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ଓ ସମ୍ମାନ ପଦକ ପ୍ରଦାନ କରିଥିଲେ । ହାସ୍ୟ ଅଭିନେତା ନନସେନ୍ସ ମଣି, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ଓ ପପୁ ପମ୍‌ପମ୍ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ବିଜେଡି ଛାଡିଲେ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ବିଜେଡି ଦଳରୁ ଇସ୍ତଫା ଦେଇଛନ୍ତି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ସାଙ୍ଗଠନିକ ସମ୍ପାଦକ ଜରିଆରେ ଏହି ଇସ୍ତଫା ପତ୍ର ପ୍ରେରଣ କରିଛନ୍ତି । ପତ୍ରରେ ଦଳର ପ୍ରାଥମିକ ସଦସ୍ୟ ସହ ସମସ୍ତ ପଦପଦବୀରୁ ସେ ଇସ୍ତଫା ଦେଇଥିବା ଜଣାଇଛନ୍ତି । ମଙ୍ଗଳବାର ଶାନ୍ତିନଗର ସ୍ଥିତ ନିଜ ଆବାସିକ କାର୍ଯ୍ୟାଳୟରେ ସାୟାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସମ୍ବଲପୁରର ସ୍ୱାଭିମାନ ଓ ଅସ୍ମିତା ପାଇଁ ବିଜେଡି ଦଳରୁ ଇସ୍ତଫା ଦେଇଛି । ଯେଉଁ ଲୋକକୁ ଦଳର ଶୀର୍ଷ ନେତୃତ୍ୱ ଅପାରଗ ଓ ଅଯୋଗ୍ୟ ବୋଲି କହିଥିଲେ , ସେହି ଲୋକକୁ ବିଜେଡି ସମ୍ବଲପୁର ଭଳି ସମ୍ବେଦନଶୀଳ ସିଟ୍‌ରୁ ପ୍ରାର୍ଥୀ କରିଛି । ଯାହା ସମ୍ବଲପୁରବାସୀଙ୍କ ପାଇଁ ଅବମାନନା ଅଟେ । ସମ୍ବଲପୁରରେ କଣ ନେତା ନାହାଁନ୍ତି । ବାହାରୁ କାହିଁକି ନେତା ଆଣିବା ବୋଲି ପ୍ରଶ୍ନ କରିଥିଲେ । ଏହାଦ୍ୱାରା ସମ୍ବଲପୁରର ଗାରିମା ନଷ୍ଟ ହୋଇଛି । ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଦଳ ମୋତେ ସାମୁହିକ ସେବା କରିବା ପାଇଁ ସୁଯୋଗ ଦେଇଥିଲା । ବିଗତ ଦିନରେ ମୁଁ ସମାଜସେବା କରୁଥିଲି ଓ ଆଗକୁ ମଧ୍ୟ କରିବି । କୌଣସି ରାଜନୈତିକ ଦଳରେ ଯୋଗ ଦେବାର ନାହିଁ କି ସ୍ୱାଧିନ ଭାବେ ନିର୍ବାଚନ ଲଢିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଅନ୍ୟପଟେ ତାଙ୍କ ସମର୍ଥକ ମାନେ ଦଳୀୟ ପଦପଦବୀରୁ ଇସ୍ତଫା ଦେଇଛନ୍ତି । ଡା.

ରାସେଶ୍ୱରୀ ଇସ୍ତଫା ଦେବା ପରେ ବିଜେଡି ପ୍ରାର୍ଥୀ ରୋହିତ ପୁଜାରୀଙ୍କୁ ଟାର୍ଗେଟ କରିଥିଲେ । ତେବେ ରୋହିତ ତାଙ୍କ ପ୍ରତିକିୟାରେ କହିଛନ୍ତି ଯେ, ରାସେଶ୍ୱରୀଙ୍କ ଦଳ ଛାଡିବା ଆମ ପାଇଁ ଦୁର୍ଭାଗ୍ୟଜନକ ଅଟେ । ଆମେ ତାଙ୍କୁ ମାଆ ଭଳି ସମ୍ମାନ ଦେଇ ଆସୁଥିଲୁ । ଆଗାମୀ ଦିନରେ ସେହି ସମ୍ମାନ ଦେବୁ । ମୁଁ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କ ପାଖକୁ ଯାଇ ମୁଣ୍ଡିଆ ମାରି ଆର୍ଶୀବାଦ ନେଇଥିଲୁ । ଆମକୁ ସେ ସହଯୋଗ କରିବେ ବୋଲି କହିଥିଲେ । ସେ କଣ ପାଇଁ ଦଳ ଛାଡିଲେ ଆମେ ଜାଣିନାହୁଁ । ତେବେ ଦଳରୁ ଇସ୍ତଫା ଦେବା ଘଟଣା ଆମକୁ ଦୁଃଖିତ କରିଛି । ତାଙ୍କର ବୟସ ଅଧିକ ହୋଇ ଯାଇଥିବା ବେଳେ ଅନ୍ୟ ଦଳକୁ ନଯାଇ ଆମ ପରିବାର ସହ ରୁହନ୍ତୁ । ପୁଣି ଦଳକୁ ଫେରି ଆସିବାକୁ ସେ ଅନୁରୋଧ କରିଥିଲେ ।

ଚଳିତ ସାଧାରଣ ନିର୍ବାଚନରେ ସମ୍ବଲପୁର ବିଧାନସଭା ଆସନରୁ ପୂର୍ବତନ ବିଧାୟିକା ଡ଼ା. ରାସେଶ୍ୱରୀ ପାଣିଗ୍ରାହୀ ପ୍ରାର୍ଥୀ ହେବେ ବୋଲି ଆଶା କରିଥିଲେ । ମାତ୍ର ବିଜେଡି ଦଳ ତାଙ୍କୁ ଟିକେଟ୍ ଦେଇନାହିଁ । ଏହି ଆସନରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ପ୍ରଥମେ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା । ଏହାକୁ ବିରୋଧ କରି ଡା. ରାସେଶ୍ୱରୀଙ୍କ ସମର୍ଥକ ମାନେ ବିକ୍ଷୋଭ କରିବା ସହ ମେଳି କରିଥିଲେ । ତେବେ ପ୍ରସନ୍ନ ସମ୍ବଲପୁର ବିଧାନସଭା ଆସନରେ ଲଢିବାକୁ ଇଚ୍ଛା ପ୍ରକାଶ କରିନଥିଲେ । ନବୀନ ନିବାସ ଯାଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଫଳରେ ଦଳ ଆସନ ଅଦଳ ବଦଳ କରିଥିଲା । ରେଢାଖୋଲ ବିଧାୟକ ଇଂ. ରୋହିତ ପୁଜାରୀଙ୍କୁ ସମ୍ବଲପୁର ଓ ପ୍ରସନ୍ନଙ୍କୁ ରେଢାଖୋଲ ପାଇଁ ଦଳ ପ୍ରାର୍ଥୀ କରିଛି । ଏଭଳିସ୍ଥଳେ ଦଳ ରାସେଶ୍ୱରୀଙ୍କୁ ଟିକେଟ ନଦେବାରୁ ସେ ଅସନ୍ତୋଷ ଥିଲେ । ପୂର୍ବରୁ ୨୦୧୪ରେ ସେ ବିଜେପିର ଜୟନାରାୟଣ ମିଶ୍ରଙ୍କୁ ୯ହଜାର ୯୫୮ ଭୋଟ ବ୍ୟବଧାନରେ ହରାଇଥିଲେ । ପରେ ୨୦୧୯ରେ ଜୟନାରାୟଣଙ୍କ ଠାରୁ ସେ ୪ହଜାର୩୮୦ଭୋଟରେ ପରାସ୍ତ ହୋଇଥିଲେ । ଦଳୀୟ ସଙ୍ଗଠନ ଭାଗଭାଗ ହୋଇ ଯାଇଥିବା ବେଳେ ବୟସାଧିକ୍ୟ କାରଣରୁ ଦଳ ତାଙ୍କୁ ଚଳିତ ସାଧାରଣ ନିର୍ବାଚନରେ ପ୍ରାର୍ଥୀ କରିନଥିବା ଆଲୋଚନା ହେଉଛି ।

ରସୁଲପୁରରେ ସଦର ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ବାଲେଶ୍ୱର(ସ.ବ୍ୟୁ)-ବାଲେଶ୍ୱର ସଦର ବିଧାନସଭା ଅନ୍ତର୍ଗତ ରସଲପୁର ପଞ୍ଚାୟତରେ ବାଲେଶ୍ୱର ଲୋକସଭାର ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ସଦର ବିଧାନସଭାର ବିଜେପି ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ସଦର ବିଜେପି ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗ୍ୟାରେଣ୍ଟିକୁ ଭରସା କରି ସାରା ଓଡିଶାରେ ତୃଣମୂଳ ସ୍ତରରୁ ବହୁ ନେତା ଓ କର୍ମୀ ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ରସଲପୁରରେ ସଦର ବିଜେପି ପକ୍ଷରୁ ଆୟୋଜିତ ମହା ମିଶ୍ରଣ ପର୍ବରେ ବହୁ ବିଜେଡି ଓ କଂଗ୍ରେସ ଦଳର ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେପି ପରିବାରରେ ସାମିଲ ହୋଇଛନ୍ତି। ସମସ୍ତ ବନ୍ଧୁଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ପ୍ରାର୍ଥୀ ମାନସ କୁମାର

ଦତ୍ତଙ୍କ ଦୃଢ କାର୍ଯ୍ୟଦକ୍ଷତା ଏବଂ ନେତୃତ୍ୱ ଉପରେ ଭରସା ରଖି ବହୁ ସଂଖ୍ୟାରେ ବିଜୁ ଜନତା ଦଳର ନେତା ବିଜେପିରେ ଯୋଗଦାନ କରିଛନ୍ତି। ଗତ ଉପ ନିର୍ବାଚନରେ ଶାସକ ଦଳର ପ୍ରତିଶୃତି କେବଳ ପ୍ରତିଶୃତିରେ ହିଁ ରହିଯାଇଛି। ବାଲେଶ୍ୱର ସଦର ବିଧାନସଭାର ବହୁ ସାଧାରଣ ଲୋକ ଆଜିବି ନିଜ ମୌଳିକ ସୁବିଧାରୁ ବଞ୍ଚିତ ହୋଇଯାଇଛନ୍ତି। ଆଜି ଓଡିଶାରେ ଜନସାଧାରଣ ବିଜୁ ଜନତା ଦଳର ଅତ୍ୟାଚାରରେ ଅତିଷ୍ଠ ହୋଇ ପଡିଲେଣି। ଦୀର୍ଘ ୨୪ ବର୍ଷ ଶାସନରେ ଆଜି ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଚରମ ସୀମାରେ ପହଞ୍ଚିଛି। ଦଳରେ ମିଶିଥିବା ଅନୁଭବୀ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତି ବ୍ୟଥ ସ୍ତରରେ ଦଳର ସାଙ୍ଗଠନିକ ସ୍ଥିତିକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଅଧିକରୁ ଅଧିକ ଜନତାଙ୍କ ଆସ୍ଥାଭାଜନ ହେବାରେ ସହାୟକ ହେବା ବୋଲି ସମସ୍ତେ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ତପନ ଗିରି, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ରାଜେନ୍ଦ୍ର ଚାଟାର୍ଜୀ, ଜଗଦାନନ୍ଦ ବେହେରା, ପିଣ୍ଟୁ ନାୟକ, ଜଳଧର ଜେନା, ଧନଞ୍ଜୟ ମହାନ୍ତି, ବାଇଧର ବେହେରା, ଶଙ୍କର୍ଷଣ ପ୍ରଧାନ, ଅକ୍ଷୟ ନାୟକ, ଭାଗବତ ଗିରି, ମକରନ୍ଦ ଦଳାଇ, ବୀର ମାଝୀ, କୃପାନନ୍ଦ ବଢେଇ ପ୍ରମୁଖ ଉପସ୍ଥିତ ଥିଲେ ।

ମେକ୍ ମାଇଟ୍ରିପ୍ ରିପୋର୍ଟ ପ୍ରକାଶ କରିଛି ଭାରତ କେଉଁଠି, କେମିତି, କେବେ ଓ କାହା ସହ ଯାତ୍ରା କରୁଛନ୍ତି

ଭୁବନେଶ୍ୱର (ସବ୍ୟୁ): ବ୍ୟାକପ୍ୟାକର ଠାରୁ ଆରମ୍ଭ କରି ବୋନ-ଭିଭା ପର୍ଯ୍ୟନ୍ତ- ଏବଂ ଏହା ମଧ୍ୟରେ ଥିବା ସମସ୍ତ ଜିନିଷ - ଭାରତୀୟ ଯାତ୍ରୀମାନେ କେବଳ ଘରୋଇ ପର୍ଯ୍ୟଟନର କ୍ଷେତ୍ରକୁ ନୂଆ ରୂପ ଦେଉନାହାନ୍ତି ବରଂ ଅ'ର୍ଜାତୀୟ ଯାତ୍ରା ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, ଯାହା ବିଶ୍ୱର କୌଣସି କୋଣକୁ ଅଧିକ ଦୂରରେ ରଖିନାହିଁ । ଏହାର ୧୦୦ ମିଲିୟନ ବାର୍ଷିକ ସକ୍ରିୟ ଉପଭୋକ୍ତାଙ୍କ ଦ୍ୱାରା ଭ୍ରମଣ ସନ୍ଧାନରୁ ସୂଚନା ନେଇ, ମେକ୍‌ମାଇଟ୍ରିପ୍ ଏହାର ଇଣ୍ଡିଆ ଗ୍ରାଭେଲ ଟ୍ରେଣ୍ଡସ୍ ରିପୋର୍ଟର ପ୍ରଥମ ସଂସ୍କରଣରେ ଭାରତୀୟ ଯାତ୍ରୀଙ୍କ କେତେକ ଶୀର୍ଷ ଆଚରଣକୁ ଏକତ୍ରିତକରିଛି। ଉଭୟ ଜାତୀୟ ଓ ଅଂଚଳଭିତିକ ଦୃଷ୍ଟିକୋଣରୁ ଭାରତ କେଉଁଠି, କେତେବେଳେ ଓ କିପରି ଯାତ୍ରା କରୁଛି, ସେଥିରେ ଲକ୍ଷ ଲକ୍ଷ ଯାତ୍ରୀର ଶୀର୍ଷ ଧାରା ଅନ୍ତର୍ଭୁକ୍ତ । ମେକ୍ ମାଇଟ୍ରିପ୍‌ର ସହ ପ୍ରତିଷ୍ଠାତା ତଥା ଗ୍ରୁପ୍ ସିଇଓ ରାଜେଶ ମାଗୋ କହିଛି, ''ଉଭୟ ଘରୋଇ ଓ ବିଶ୍ୱସ୍ତରରେ ପର୍ଯ୍ୟଟନର ଭବିଷ୍ୟତ ଗଢ଼ିବା ପାଇଁ ଭାରତୀୟ ଯାତ୍ରୀଙ୍କ ବିକଶିତ ଯାତ୍ରା ଆଚରଣକୁ ବୁଝିବା ଜରୁରୀ।

ଆନ୍ତଃରାଜ୍ୟ ନକଲି ପୋଲିସ ଗ୍ୟାଙ୍ଗର ୭ ଗିରଫ: ଟଙ୍କା, ଗହଣା ଜବତ

ଭୁବନେଶ୍ୱର, (ସବ୍ୟୁ) : ଆନ୍ତଃରାଜ୍ୟ ନକଲି ପୋଲିସ ଗ୍ୟାଙ୍ଗର ୭ ଜଣ ସଦସ୍ୟଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍ । ଭୁବନେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ ଏହି ଆନ୍ତଃରାଜ୍ୟ ଇରାନୀ ଗ୍ୟାଙ୍ଗକୁ ଗିରଫ କରିବା ପରେ ବହୁ ରହସ୍ୟ ଉନ୍ମୋଚିତ ହୋଇଛି । ସେମାନଙ୍କ ନିକଟରୁ ନଗଦ ୩.୫ ଲକ୍ଷ ଟଙ୍କା ସୁନା ଗହଣା, କାର୍, ଦୁଇଟି ବାଇକ୍, ଜେମ୍ ଷ୍ଟୋନ୍ସ, ସନ୍‌ଗ୍ଲାସ୍, ୬ ମୋବାଇଲ ଫୋନ୍ ଜବତ ହୋଇଛି ।

ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗ୍ ମୁଖ୍ୟ ସାଦେଖ ହୁସେନ୍ (୫୬), ସବୀର ଅଲ୍ଲୀ (୩୩), ଫୟାଜ୍ ହୁସେନ୍ (୩୬), ଆସନ୍ ଅଲ୍ଲୀ (୨୦), ଅବଜର୍ ଅଲ୍ଲୀ (୨୩), ଜାହିର୍ ଅଲ୍ଲୀ (୩୪) ଓ ରାଜେନ୍ଦ୍ର କୁମାର କୁଶବାହା (୩୨) । ସମସ୍ତଙ୍କ ଘର ମଧ୍ୟପ୍ରଦେଶରେ ବୋଲି ପୋଲିସ କମିଶନର ସଞ୍ଜୀବ ପଣ୍ଡା ସାମ୍ବାଦିକମାନଙ୍କୁ କହିଛନ୍ତି । ଏହି ଗ୍ୟାଙ୍ଗ୍ କେବଳ ଓଡ଼ିଶା ନୁହେଁ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରପ୍ରଦେଶ ପ୍ରଭୃତି ରାଜ୍ୟରେ ପୋଲିସ ପରିଚୟରେ ଲୁଟ୍‌ପାଟ୍ କରନ୍ତି । ସିବିଆଇ, ଏନ୍‌ସିବି ଓ ସ୍ପେଶାଲ ବ୍ରାଞ୍ଚ ପୋଲିସ ବୋଲି ପରିଚୟ ଦେଇ ଲୋକଙ୍କୁ ଯାଞ୍ଚ କରିବା ସହ ସେମାନଙ୍କଠାରୁ ଲୁଟପାଟ କରନ୍ତି ।

୫ଟି ରାଜ୍ୟ ପୋଲିସ ପାଇଁ ଏହି ଗ୍ୟାଙ୍ଗ୍ ଓ୍ୱାଣ୍ଟେଡ୍ ଥିବା ପୋଲିସ କମିଶନର କହିଛନ୍ତି । ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ମଧ୍ୟ ଉପସ୍ଥିତ ଥିଲେ । ପୋଲିସ ଅଫିସରଙ୍କ କହିବାନୁଯାୟୀ ଏହି ଇରାନୀ ଗ୍ୟାଙ୍ଗ୍ ଲୋକଙ୍କୁ ସୁରକ୍ଷା ଦେବା ବାହାନାରେ ରାସ୍ତାରେ ଠିଆ ହୁଅନ୍ତି । ସୁଯୋଗ ଦେଖି ଲୁଟ୍ କରିଥାନ୍ତି ।

ଗୋଟିଏ ରାଜ୍ୟରେ ୩/୪ଟି କେସ୍ କରିବା ପରେ ଅନ୍ୟ ରାଜ୍ୟକୁ ଖସି ଯାଇଥାନ୍ତି । ଏମାନଙ୍କ ନିକଟରୁ ପୋଲିସର ନକଲି ଆଇକାର୍ଡ ମଧ୍ୟ ଜବତ ହୋଇଛି । ଅନ୍ୟ ରାଜ୍ୟରେ କେତେ କେସ୍ କରିଛନ୍ତି ତାହା ପୋଲିସ ସ୍ପଷ୍ଟ ହୋଇନଥିବାବେଳେ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ଦୁଇଟି, ଲିଙ୍ଗରାଜରେ ଦୁଇଟି, ନୟାପଲ୍ଲୀରେ ଦୁଇଟି, ଶହୀଦନଗରରେ ଗୋଟିଏ, ବରଗଡ଼ରେ ଦୁଇଟି, ଚନ୍ଦ୍ରଶେଖରପୁରରେ ଗୋଟିଏ, ଖାରବେଳନଗର ଥାନାରେ ମଧ୍ୟ ଗୋଟିଏ ମାମଲା ରହିଛି । ଭୁବନେଶ୍ୱର ପୋଲିସରେ ୧୧ଟି ମାମଲା ଥିବା ସ୍ପଷ୍ଟ ଜଣାପଡ଼ିଛି । ଏମାନେ ହିନ୍ଦୀରେ କଥାବାର୍ତ୍ତା ହୁଅନ୍ତି । ସେମାନଙ୍କ ହିନ୍ଦୀ କଥାବାର୍ତ୍ତାରୁ ସ୍ପେଶାଲ ସ୍କ୍ୱାଡ଼ ସନ୍ଦେହ କରି ତାଙ୍କୁ ଗିରଫ କରିବା ପରେ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ସେମାନଙ୍କ ସମ୍ପର୍କରେ ଜାଣିବା ପାଇଁ ଅନ୍ୟ ରାଜ୍ୟ ପୋଲିସ ସହ କମିଶନରେଟ୍ ପୋଲିସ ଯୋଗାଯୋଗରେ ଅଛି ।

ଶଙ୍କରୀ ଗ୍ରାମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡିସ୍ପେନସରୀ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): କେନ୍ଦୁଝର ଜିଲ୍ଲା ଶଙ୍କରୀ ଗ୍ରାମରେ ଅଗ୍ରଣୀ ଇସ୍ପାତ ନିର୍ମାତା ଆର୍ସଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଏହାର ପ୍ରମୁଖ ସିଏସ୍‌ଆର୍ ପ୍ରକଳ୍ପ ଆରୋଗ୍ୟ ଅଧୀନରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ ଡିସ୍ପେନସରୀର ଶୁଭାରମ୍ଭ କରିଛି । ଶଙ୍କରୀ ଗ୍ରାମ ଏବଂ ଆଖପାଖ ଅଂଚଳର ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଲକ୍ଷ୍ୟ ରହିଛି । ଆଖପାଖ ଅଂଚଳରେ ପ୍ରଚଳିତ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟାର ସମାଧାନ, ସାମଗ୍ରିକ ସୁସ୍ଥତା ବୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ବିକାଶ ପାଇଁ ସାମଗ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ଏହି ଡିସପେନ୍ସରୀ ଦ୍ୱାରା ପ୍ରାୟ ୫୦୦ଉର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହେବେ ବୋଲି ଆଶା କରାଯାଉଛି ।

ଏହି ଉଦ୍‌ଘାଟନୀ ଉତ୍ସବରେ ଶଙ୍କରୀ ଗ୍ରାମର ୱାର୍ଡମେମ୍ବର ସୁଲୋଚନା ପ୍ରଧାନ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ଭାରପ୍ରାପ୍ତ ଟିଏସ୍‌ଏଫ୍ ପ୍ରଭାରୀ ଧର୍ମେନ୍ଦ୍ର ହିରୱା, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ-ସିଏସ୍‌ଆର୍ ମଦନ ଦାଶ ଓ ସ୍ଥାନୀୟ ସମ୍ଭ୍ରାନ୍ତ ସଦସ୍ୟମାନେ ଯୋଗ ଦେଇଥିଲେ । ସପ୍ତାହରେ ଦୁଇ ଥରଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସଙ୍କ ସମେତ ଜଣେ ଉତ୍ସର୍ଗୀକୃତ ପାରାମେଡିକାଲ ଉପଲବ୍ଧ କର୍ମଚାରୀଙ୍କୁ ନେଇ ଗଠିତ ଏହି ଡିସ୍ପେନସରୀରେ ମାଗଣା ପରାମର୍ଶ ଓ ଔଷଧ ଉପଲବ୍ଧ

ତୃତୀୟ ବିଶ୍ୱଯୁଦ୍ଧ ଭୟ



ବଢୁଛି ପରମାଣୁ ଉତ୍ତେଜନା

ନୂଆଦିଲ୍ଲୀ: ତୃତୀୟ ବିଶ୍ୱଯୁଦ୍ଧର ଘଣ୍ଟି ପୁଣି ଥରେ ବାଜିବାକୁ ଲାଗିଲାଣି । ଯୁଦ୍ଧ ଆଶଙ୍କା ଡେର ବୃଦ୍ଧି ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସମଗ୍ର ବିଶ୍ୱରେ ପରମାଣୁ ଉତ୍ତେଜନା ଦେଖାଦେଇଛି । ଉତ୍ତର କୋରିଆ, ଇରାନ, ପୋଲାଣ୍ଡ, ରୁଷ ଏବଂ ଏପରିକି ଆମେରିକାରେ ପରମାଣୁ ବୋମା ବିଷୟରେ ଆଲୋଚନା ତୀବ୍ର ହୋଇଛି । ତୃତୀୟ ବିଶ୍ୱଯୁଦ୍ଧର ଶବ୍ଦ ସମଗ୍ର ବିଶ୍ୱରେ ତୀବ୍ର ହେବାରେ ଲାଗିଛି । ଗତ ୨୪ ଘଣ୍ଟା ମଧ୍ୟରେ, ବିଶ୍ୱର ଅନେକ ସ୍ଥାନରେ ଅଦ୍ଭୁତ ପରମାଣୁ କାର୍ଯ୍ୟକଳାପମାନ ଦେଖିବାକୁ ମିଳିଛି । ଉତ୍ତର କୋରିଆ, ଇରାନ, ପୋଲାଣ୍ଡ, ରୁଷ ଏବଂ ଏପରିକି ଆମେରିକାରେ ପରମାଣୁ ବୋମା ବିଷୟରେ ଆଲୋଚନା ଆରମ୍ଭ ହୋଇଛି । ଗତ କିଛି ମାସ ଧରି ଆମେରିକା ଏବଂ ଦକ୍ଷିଣ କୋରିଆ ମଧ୍ୟରେ ବଢୁଥିବା ଘନିଷ୍ଠତାକୁ ଉତ୍ତର କୋରିଆ ଧମକ ଦେଉଛି ।

ଦକ୍ଷିଣ କୋରିଆ ସେନା ସହିତ ଆମେରିକା ସେନା ଦ୍ୱାରା ପରିଚାଳିତ ଯୁଦ୍ଧ ଅଭ୍ୟାସ ପରେ ଉତ୍ତର କୋରିଆ ମଧ୍ୟ ଏହାର କ୍ଷେପଣାସ୍ତ୍ର ଏବଂ ଟ୍ୟାଙ୍କର ଶକ୍ତି ବିଶ୍ୱକୁ ଦେଖାଇଛି । ବର୍ତ୍ତମାନ ଏହି ଯୁଦ୍ଧ ଅଭ୍ୟାସର ଜବାବରେ ପରମାଣୁ କାଉଣ୍ଟର ଆକ୍ରମଣ ଡ୍ରିଲ ମଧ୍ୟ କରିଛି ।

ଅନ୍ୟପକ୍ଷରେ ଖୁବ ଶୀଘ୍ର ପରମାଣୁ ବୋମା ତିଆରି କରିବାକୁ ଇରାନର ସଂସଦରେ ଆଲୋଚନା ହୋଇଛି । ତେଣୁ ଆଣବିକ ବୋମା ବିଷୟରେ ପୋଲାଣ୍ଡ ରାଷ୍ଟ୍ରପତିଙ୍କ ବିବୃତ୍ତି ପରେ ତୁରନ୍ତ ପୋଲାଣ୍ଡ ମଧ୍ୟ ଆମେରିକାର ଆଣବିକ ବୋମା ରଖିବାକୁ ରାଜି ହୋଇଛି ।

ମଝି ଆକାଶରେ ଦୁର୍ଘଟଣା: ୧୦ ଯବାନ ସହିଦ

ନୂଆଦିଲ୍ଲି 1: ମଙ୍ଗଳବାର ମାଲେସିଆ ନୌସେନାର ୨ଟି ହେଲିକପ୍ଟର ମଝି ଆକାଶରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୧୦ ଜଣ ଯବାନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଏହି ଭୟାବହ ଦୁର୍ଘଟଣାର ଏକ ଭିଡିଓ ସୋସିଆଲ ମିଡିଆ ଜରିଆରେ ସାମ୍ନାକୁ ଆସିଛି ।

ସୂଚନାଯୋଗ୍ୟ, ଏପ୍ରିଲ ୨୨ ତାରିଖରେ ମାଲେସିଆ ନୌସେନାର ୯୦ତମ ବାର୍ଷିକ ଉତ୍ସବ ପାଇଁ ରୟାଲ ମାଲେସିଆନ୍ ନାଭାଲ ପରେଡ୍ ପାଇଁ ପେରାକର ଲୁମୁଟ୍ ନୌସେନା ଘାଟିରେ ସାମରିକ ଅଭ୍ୟାସ ଚାଲୁଥିଲାଛ ମଙ୍ଗଳବାର ଦିନ ୯.୩୨ ସମୟରେ ଏଚଓଏମ (ଏମଏଚ୩୩-୩) ହେଲିକପ୍ଟର ଫେନେକ ହେଲିକପ୍ଟରର ରୋଟର ସହିତ ହଠାତ ଧକ୍କା ହୋଇଥିଲା ।

ମଝି ଆକାଶରେ ଅଭ୍ୟାସ ଚାଲିଥିବା ବେଳେ ଘଟିଥିବା ଦୁର୍ଘଟଣାରେ ଫେନେକ ହେଲିକପ୍ଟର ନିକଟରେ ଥିବା ଏକ ସୁଇମିଂ ପୁଲରେ ଖସି ପଡ଼ିଥିବା ବେଳେ ଅନ୍ୟଟି ଲୁମୁଟ ନୌସେନା ଘାଟିର ଷ୍ଟାଡିୟମରେ ଯାଇ ଖସିଥିଲା । ଦୁଃଖର ବିଷୟ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇଟି ହେଲିକପ୍ଟରରେ ମୋଟ ୧୦ ଜଣ ଯବାନ ରହିଥିଲେ । ଏ ସମସ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି । ମୃତ ଯବାନଙ୍କୁ ଉଦ୍ଧାର କରି ପରିଚୟ ପାଇଁ ଲୁମୁଟ ସେନା ହସ୍ପିଟାଲକୁ ପଠାଇ ଦିଆଯାଇଛି ।

ଗ୍ୟାଙ୍ଗଷ୍ଟର ରବି କାଣା ଥାଇଲାଣ୍ଡରୁ ଗିରଫ

ନୋଏଡା: ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗର ପୁଲିସ କମିସନରେଟକୁ ବଡ଼ ସଫଳତା ମିଳିଛି । ଥାଇଲାଣ୍ଡର ବ୍ୟାଙ୍ଗକରୁ ସ୍କ୍ରାପ୍ ମାଫିଆ ତଥା କୁଖ୍ୟାତ ଗ୍ୟାଙ୍ଗଷ୍ଟର ରବି କାଣାକୁ ଗିରଫ କରାଯାଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ଦିନ ଧରି ଫେରାର ଥିବା ରବିକୁ ଥାଇଲାଣ୍ଡରେ ଗିରଫ କରାଯାଇଛି ଏବଂ ଖୁବଶୀଘ୍ର ନୋଏଡା ପୁଲିସ ତାକୁ ଭାରତ ଆଣିବ ।

ସେପଟେ ଗ୍ୟାଙ୍ଗଷ୍ଟର ରବି କାଣା ବିରୋଧରେ ନୋଏଡା ପୁଲିସର ଅଭିଯାନ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୧୨୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତିକୁ ପୁଲିସ ଜବତ କରିସାରିଛି । ନିକଟରେ ପୁଲିସ ତା ପତ୍ନୀଙ୍କୁ ମଧ୍ୟ ଗିରଫ କରିଥିଲା । ପତ୍ନୀଙ୍କୁ ଗିରଫ କରିବା ପରେ ନୋଏଡା ପୋଲିସ ରବି କାନାଡୁ ଠାବ କରିବା ଆରମ୍ଭ କରିଥିଲା । ଗତ ଦୁଇ ମାସ ମଧ୍ୟରେ ଗ୍ୟାଙ୍ଗଷ୍ଟର ରବି କାଣା ଗ୍ୟାଙ୍ଗର ପ୍ରାୟ ଏକ ଡଜନ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି ।

ପୁଲିସ ସୂଚନା ଅନୁଯାୟୀ, ଏହି ଗ୍ୟାଙ୍ଗ ସ୍କ୍ରାପ୍ କାରବାର କରିବା ସହ ଅପରାଧିକ ପୃଷ୍ଠଭୂମିକୁ ବ୍ୟବହାର କରି କଣ୍ଟ୍ରାକ୍ଟ ହାସଲ କରୁଥିଲା । ଗତ ଜାନୁଆରୀ ମାସରେ କାଣା ଓ ଅନ୍ୟ ୧୫ ଜଣଙ୍କୁ ଗ୍ୟାଙ୍ଗଷ୍ଟର ଆକ୍ଟ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଗତ ବର୍ଷ ଡିସେମ୍ବର ମାସରେ ଗାର୍ଡେନ୍ ଗାଲେରିଆ ମଲ୍‌ର ପାର୍କିଂ ରେ ଜଣେ ମହିଳାଙ୍କ ସହ ମିଶି ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଥିଲା ।

ବିମାନରେ ପିତାମାତାଙ୍କ ସହ ପିଲା ବସିବେ : ବିମାନ ଚଳାଚଳ ସଂସ୍ଥା

ନୂଆଦିଲ୍ଲୀ: ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସମସ୍ତ ଏୟାରଲାଇନ୍ସକୁ କହିଛି ଯେ ୧୨ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବିମାନରେ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ମଧ୍ୟରୁ ଅତି କମରେ ଜଣଙ୍କ ସହିତ ସିଟ୍ ଆବଣ୍ଟନ କରିବାକୁ ସୁନିଶ୍ଚିତ କରନ୍ତୁ । ବିମାନ ଯାତ୍ରା ସମୟରେ ୧୨ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସେମାନଙ୍କ ପିତାମାତା କିମ୍ବା ଅଭିଭାବକଙ୍କ ସହ ବସି ନଥିବା ଘଟଣାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ।

ଡିଜିସିଏ ପକ୍ଷରୁ ଜାରି ପ୍ରେସ୍ ନୋଟରେ କୁହାଯାଇଛି ଯେ, ଏୟାରଲାଇନ୍ସ ଗୁଡ଼ିକ ସୁନିଶ୍ଚିତ କରିବେ ଯେ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ସେମାନଙ୍କ ପିତାମାତା/ଅଭିଭାବକଙ୍କ ମଧ୍ୟରୁ ଅତି କମରେ ଜଣେ ବ୍ୟକ୍ତିଙ୍କ ସହିତ ସିଟ୍ ଆବଣ୍ଟନ କରାଯିବ, ଯେଉଁମାନେ ସମାନ ପିଏନଆରରେ ଯାତ୍ରା କରୁଛନ୍ତି ଏବଂ ଏହାର ଏକ ରେକର୍ଡ ରଖାଯିବ ।

ଏହି ପରିପ୍ରେକ୍ଷୀରେ ନିୟାମକ ସଂସ୍ଥା ଏୟାର ଟ୍ରାନ୍ସପୋର୍ଟ ସର୍କୁଲାରରେ ସଂଶୋଧନ କରିଛନ୍ତି, ଯାହାର ଶୀର୍ଷକ ହେଉଛି ' ଅନୁସୂଚିତ ଏୟାରଲାଇନ୍ସଗୁଡ଼ିକ ଦ୍ୱାରା ସେବା ଏବଂ ଶୁଳ୍କ ରଦ୍ଦ' ଯେଉଁଥିରେ ଜିରୋ ବ୍ୟାଗେଜ୍, ଅଗ୍ରାଧିକାର ସିଟିଂ, ଭୋଜନ/ଜଳଖିଆ/ ପାନୀୟ ଶୁଳ୍କ ଏବଂ ବାଦ୍ୟଯନ୍ତ୍ର ପରିବହନ ପାଇଁ ଶୁଳ୍କ ଭଳି କିଛି ସେବାକୁ ଅନୁମତି ଦିଆଯାଇଛି । ବିମାନ ଚଳାଚଳ ସଂସ୍ଥା କହିଛି ଯେ ଏଭଳି ଅଣବନ୍ଧିତ ସେବା ଏୟାରଲାଇନ୍ସ ଦ୍ୱାରା ଅପ୍ଟଇନ୍ ଭିତ୍ତିରେ ପ୍ରଦାନ କରାଯାଏ ଏବଂ ଏହା ବାଧ୍ୟତାମୂଳକ ନୁହେଁ । ଯେଉଁ ଯାତ୍ରୀମାନେ ନର୍ଦ୍ଧାରିତ ସମୟ ପୂର୍ବରୁ ଓ୍ୱେବ୍ ଚେକ୍-ଇନ୍ ପାଇଁ କୌଣସି ସିଟ୍ ଚୟନ କରି ନାହାଁନ୍ତି ସେମାନଙ୍କ ପାଇଁ ଅଟୋ ସିଟ୍ ଆସାଇନମେଣ୍ଟର ବ୍ୟବସ୍ଥା ମଧ୍ୟ ରହିଛି । ଭାରତ ବିଶ୍ୱର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେସାମରିକ ବିମାନ ଚଳାଚଳ ବଜାର ମଧ୍ୟରୁ ଅନ୍ୟତମ ଏବଂ ଘରୋଇ ବିମାନ ଚଳାଚଳ ବୃଦ୍ଧି ପାଉଛି ।

ନିର୍ବାଚନ ଜିତିବାକୁ ସ୍ୱତନ୍ତ୍ର ରାଜ୍ୟ କାର୍ଡ ଖେଳିଲେ ମାୟାବତୀ

ଲକ୍ଷ୍ନୌ: ମୀରଟରେ ବିଏସପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ବେଳେ ମାୟାବତୀ ଆଜି ବିଜେପି, କଂଗ୍ରେସ ଓ ସମାଜବାଦୀ ପାର୍ଟି ଉପରେ ବର୍ଷିଛନ୍ତି । ଲୋକସଭା ନିର୍ବାଚନ ଜିତିବା ପାଇଁ ବିଏସ୍ପି ମୁଖ୍ୟ ମାୟାବତୀ ଉତ୍ତର ପ୍ରଦେଶରେ ସ୍ୱତନ୍ତ୍ର ରାଜ୍ୟ କାର୍ଡ ଖେଳିଛନ୍ତି । ଯଦି ତାଙ୍କ ଦଳ କେନ୍ଦ୍ରରେ କ୍ଷମତା ଦଖଲ କରିବ, ତା'ହେଲେ ୱେଷ୍ଟର୍ଣ୍ଣ ଉତ୍ତର ପ୍ରଦେଶର ଜିଲ୍ଲାଗୁଡ଼ିକୁ ନେଇ ସେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି । ଏଥିସହ ୱେଷ୍ଟର୍ଣ୍ଣ ଉତ୍ତର ପ୍ରଦେଶବାସୀ ଦୀର୍ଘଦିନ ଧରି ଆହ୍ୱାବାଦ ହାଇକୋର୍ଟ ବେଞ୍ଚ ମୀରଟରେ ପ୍ରତିଷ୍ଠା କରିବା ପାଇଁ କରୁଥିବା ଦାବି ମଧ୍ୟ ପୂରଣ କରିବେ ବୋଲି ମାୟାବତୀ ଆଜି କହିଛନ୍ତି । ମୀରଟରେ ବିଏସପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ବେଳେ ମାୟାବତୀ ଆଜି ବିଜେପି, କଂଗ୍ରେସ ଓ ସମାଜବାଦୀ ପାର୍ଟି ଉପରେ ବର୍ଷିଛନ୍ତି । ଏସ୍ସି/ଏସ୍ଟି ସଂପ୍ରଦାୟର ଲୋକମାନେ ସଂରକ୍ଷଣ ନ ପାଆନ୍ତୁ ବୋଲି ସମାଜବାଦୀ ପାର୍ଟି ଚାହୁଁଥିବା ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଆମେ କ୍ଷମତାକୁ ଆସିଲେ ଆପଣଙ୍କ ଦୀର୍ଘ ଦିନର ଦାବି ପୂରଣ ଦିଗରେ ସକାରାତ୍ମକ ପଦକ୍ଷେପ ନେବୁ । ଲକ୍ଷ୍ନୌ ଭଳି ମୀରଟରେ ଆହ୍ୱାବାଦ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ । କେନ୍ଦ୍ର ସରକାର ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି । କିନ୍ତୁ ଆମେ କେନ୍ଦ୍ରରେ କ୍ଷମତା ଦଖଲ କଲେ ଏ ସମ୍ପର୍କରେ ସକାରାତ୍ମକ ପଦକ୍ଷେପ ନେବୁଛ ଆରମ୍ଭରୁ ହିଁ ଆମ ଦଳ ୱେଷ୍ଟର୍ଣ୍ଣ ରିଜନକୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ସପକ୍ଷରେ ରହିଛି ।

ସଲମାନଙ୍କ ଘର ଉପରକୁ ଗୁଳିକାଣ୍ଡ ମାମଲା: ପିସ୍ତଲ ଜବତ

ମୁମ୍ବାଇ: ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ବାସଭବନ ବାହାରେ ହୋଇଥିବା ଗୁଳିକାଣ୍ଡରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ମୁମ୍ବାଇ ପୁଲିସର କ୍ରାଇମବ୍ରାଞ୍ଚ ଗୁଜୁରାଟର ତାପି ନଦୀରୁ ଗୁଳିକାଣ୍ଡରେ ବ୍ୟବହୃତ ଦୁଇଟି ପିସ୍ତଲ, ମାଗାଜିନ୍ ଏବଂ ଗୁଳି ଜବତ କରିଛି । ସୋମବାର ଠାରୁ ଆରମ୍ଭ ହୋଇଥିବା ଚାଉ କାଳରେ ଆଜି କ୍ରାଇମବ୍ରାଞ୍ଚ ୨ଟି ପିସ୍ତଲ, ୩ଟି ମାଗାଜିନ୍ ଓ ୧୩ଟି ଗୁଳି ଜବତ କରିଛିଯଚ୍ଚ ଘଟଣାସ୍ଥଳରେ 'ଏନକାଉଣ୍ଟର ସ୍ପେଶାଲିଷ୍ଟ' ବରିଷ୍ଠ ପୁଲିସ ଇନ୍ସପେକ୍ଟର ଦୟା ନାୟକଙ୍କ ସମେତ କ୍ରାଇମ୍ ବ୍ରାଞ୍ଚର ୧୨ ଜଣିଆ ଟିମ୍ ରହିଛନ୍ତି । ସ୍ଥାନୀୟ ଡାଇଭରଙ୍କ ସହାୟତାରେ ଖୋଜାଖୋଜି ଜାରି ରହିଛି ।

ଗିରଫ ଦୁଇ ଅଭିଯୁକ୍ତ ଭିକି ଗୁପ୍ତା (୨୪) ଏବଂ ସାଗର ପାଲ (୨୧) ଏପ୍ରିଲ ୧୩ରେ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ଗାଲାକ୍ସି ଆପାର୍ଟମେଣ୍ଟରେ ଥିବା ୫୮ ବର୍ଷୀୟ ଖାନଙ୍କ ଘର ବାହାରେ ଗୁଳି ଚଳାଇଥିଲେ ଏବଂ ପରେ ଏକ ମୋଟର ସାଇକେଲରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

ବୈଷୟିକ ତଦାରଖ ଆଧାରରେ ଏପ୍ରିଲ ୧୬ ତାରିଖରେ ଗୁଜୁରାଟର ଭୁଜ ସହର ନିକଟସ୍ଥ ମାତା ନୋ ମାଧରେ ଥିବା ଏକ ମନ୍ଦିର ପରିସରରୁ ମୁମ୍ବାଇ ଓ କଚ୍ଛ ପୁଲିସର ମିଳିତ ଟିମ୍ ସେମାନଙ୍କୁ ଗିରଫ କରିଥିଲାଛ ପରେ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ମୁମ୍ବାଇ ପୁଲିସକୁ ହସ୍ତାନ୍ତର କରାଯାଇଥିଲା ।

ମିଳିଥିବା ସୂଚନା ଅନୁଯାୟୀ, ଗୁଳିକାଣ୍ଡ ଘଟଣା ପରେ ମୁମ୍ବାଇରୁ ସଡ଼କ ପଥରେ ସୁରତରେ ପହଞ୍ଚିବା ପରେ ଟ୍ରେନ୍ ଯୋଗେ ଭୁଜ ଅଭିମୁଖେ ପଳାଉଥିବା ବେଳେ ସେମାନେ ରେଳ ପୋଲରୁ ତାପି ନଦୀକୁ ଅସ୍ତ୍ରଶସ୍ତ୍ର ଫିଙ୍ଗି ଦେଇଥିଲେ । ସଲମାନ୍‌ଙ୍କ ବାସଭବନ ବାହାରେ ଗୁଳିଚାଳନା ପଛରେ ଉଭୟଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆତଙ୍କ ସୃଷ୍ଟି କରିବା ବୋଲି ପୁଲିସ କହିଛି । ଏହି ଘଟଣାରେ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଏବଂ ତା' ସାନ ଭାଇ ଅନମୋଲ ବିଷ୍ଣୋଇଙ୍କୁ ମୁମ୍ବାଇ ପୁଲିସ ଏହି ମାମଲାରେ ୱାଣ୍ଟେଡ୍ ଅଭିଯୁକ୍ତ ରୂପେ ଘୋଷଣା କରିଛି ।

କେଜ୍ରିୱାଲ, କବିତାଙ୍କ ନ୍ୟାୟିକ ହେପାଜତ ଅବଧି ବୃଦ୍ଧି

ନୂଆଦିଲ୍ଲୀ : ନ୍ୟାୟିକ ହେପାଜତକୁ ଗଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ବିଆରଏସ ନେତ୍ରୀ କେ କବିତା । ଉଭୟଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି । ଦିଲ୍ଲୀ ଅବକାରୀ ନୀତି ଘୋଟାଲା ମାମଲାରେ ଗିରଫ ହୋଇ ତିହାର ଜେଲରେ ଅଛନ୍ତି କେଜ୍ରିୱାଲ ଓ କବିତା । ଆସନ୍ତା ୭ରେ ଉଭୟଙ୍କୁ କୋର୍ଟରେ ହାଜର କରାଯିବ ।

ସୁପ୍ରିମକୋର୍ଟରେ ମଧ୍ୟ କେଜ୍ରିୱାଲଙ୍କ ଏକ ମାମଲା ବିଚାରଧୀନ ରହିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଗିରଫଦାରୀ ବିରୁଦ୍ଧରେ କେଜ୍ରିୱାଲ କରିଥିବା ଆବେଦନ ସୁପ୍ରିମକୋର୍ଟରେ ବିଚାରଧୀନ ଅଛି । ଏପ୍ରିଲ ୧୫ରେ ସର୍ବୋଚ୍ଚ ଅଦାଲତ ଏ ଉପରେ ଶୁଣାଣି କରି ତୁରନ୍ତ ଜାମିନ ଦେବାକୁ ମନା କରିଦେଇଥିଲେ । ଇଡି କେତେକ ପ୍ରଶ୍ନର ଜବାବ ଦାଖଲ କରିବା ପରେ ଏପ୍ରିଲ ୨୯ରେ ଏ ଉପରେ ପରବର୍ତ୍ତୀ ଶୁଣାଣି ହେବ ।

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ କେଜ୍ରିୱାଲ ଓ କେ କବିତା ଗିରଫ ହୋଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିଥିଲାଛ କିନ୍ତୁ ତଦନ୍ତକାରୀ ସଂସ୍ଥାର ଏହି କାର୍ଯ୍ୟାନୁଷ୍ଠାନ ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ରଖି କରାଯାଇଥିବା କେଜ୍ରିୱାଲ ଅଭିଯୋଗ କରିଛନ୍ତି । ଲୋକସଭା ନିର୍ବାଚନ ମଧ୍ୟରେ ତୁରନ୍ତ ଜାମିନ ପାଇଁ ଆବେଦନ କରି ଆସୁଥିଲେ ମଧ୍ୟ ତଳ କୋର୍ଟରୁ ହାଇକୋର୍ଟଙ୍କ ପର୍ଯ୍ୟନ୍ତ ସବୁଠି ତାଙ୍କୁ ନିରାଶ ହେବାକୁ ପଡିଛି ।

ବର୍ତ୍ତମାନ ନ୍ୟାୟିକ ହେପାଜତକୁ ଯାଇଥିବା ବେଳେ ଆସନ୍ତା ୨୯ରେ ସୁପ୍ରିମକୋର୍ଟରେ ଜାମିନ ଆବେଦନର ଶୁଣାଣି ରହିଛି । ତେବେ ନିର୍ବାଚନ ମଧ୍ୟରେ କେଜ୍ରିୱାଲଙ୍କୁ ଜାମିନ ମିଳୁଛି କି ନାହିଁ ତା ଉପରେ ସମସ୍ତଙ୍କ ନଜର ।

ବିଜ୍ଞାପନରେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଲଗାଇଲେ ଜଗନ୍ମୋହନ

ଭୁବନେଶ୍ୱର: ଲୋକସଭା ନିର୍ବାଚନ ପାଇଁ ଦଳର ଇସ୍ତାହାରରେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଲଗାଇଥିବା ନେଇ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ଏବେ ଏକ ବିଜ୍ଞାପନରେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଲଗାଇଥିବା ନେଇ ଅଭିଯୋଗ ହୋଇଛି ଜଗନ୍ମୋହନ ରେଡ୍ଡିଙ୍କ ଦଳ ଯୁବଜନ ଶ୍ରମିକ ରାଇତୁ କଂଗ୍ରେସ ପାର୍ଟି (ୱାଏସ୍ଆରସିପି) ବିରୁଦ୍ଧରେ । ଏନେଇ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ପୁଅ ନିବେଦିତା ପ୍ରସାଦ ଦାସ ଅଭିଯୋଗ କରିଛନ୍ତି । ଏନେଇ ଏକ ଅଭିଯୋଗ ପତ୍ର ମଧ୍ୟ ଦାଖଲ କରିଛନ୍ତି ସେ । ଏହି ବିଜ୍ଞାପନରେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଲଗାଇ ଭୋଟ ମାଗିଥିବା ଅଭିଯୋଗ ହୋଇଛି ।

ଲଣ୍ଡନରେ ବିବାହ କରିବେ ଅନନ୍ତ-ରାଧିକା

ମୁମ୍ବାଇ: ଦେଶର ସବୁଠାରୁ ବଡ ଧନୀକ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ଘରେ ଖୁବ୍ ଶୀଘ୍ର ସାହାନାଇ ବାଜିବାକୁ ଯାଉଛି । କାରଣ ମୁକେଶ ଅମ୍ବାନୀ ଏବଂ ନୀତା ଅମ୍ବାନୀଙ୍କ ସାନପୁଅ ଅନନ୍ତ ଅମ୍ବାନୀ ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି । ଅନନ୍ତ ତାଙ୍କ ପ୍ରେମିକା ରାଧିକା ମର୍ଚ୍ଚାଣ୍ଟଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହେବେ । ବର୍ତ୍ତମାନ ଏମାନଙ୍କ ବିବାହ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି । ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ପୂର୍ବରୁ ଗୁଜରାଟର ଜାମନଗରରେ ୩ଦିନ ଅର୍ଥାତ ମାର୍ଚ୍ଚ ୧-୩ତାରିଖ ପର୍ଯ୍ୟନ୍ତ ବିବାହ ପୂର୍ବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଆଗକୁ ଜୁଲାଇରେ ଦୁହେଁ ବିବାହ କରିବେ ବୋଲି ଜଣାପଡିଛି ତେବେ ଦେଶ ନୁହେଁ, ଉଭୟ ବିଦେଶରେ ଅର୍ଥାତ ଲଣ୍ଡନରେ ବିବାହ କରିବେ ବୋଲି ଜଣାପଡିଛି । ଏନେଇ ବଡ ବଡ ସେଲିବ୍ରିଟିମାନଙ୍କୁ ନିମନ୍ତ୍ରଣ ପଠାଇଯାଇସାରିଛି ।

ଜାତୀୟ ଗଣମାଧ୍ୟମ, ଇଣ୍ଡିଆ ଟୁଡେର ରିପୋର୍ଟ ଅନୁଯାୟୀ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟ ଲଣ୍ଡନରେ ବିବାହ କରିବେ ଷ୍ଟୋକ୍ ପାର୍କରେ ଏହି । ଦମ୍ପତିଙ୍କର ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯିବ କେବଳ ଏତିକି ନୁହେଁ, ସମସ୍ତ ବଲିଉଡ ସେଲିବ୍ରିଟିମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ରିପୋର୍ଟ ଅନୁଯାୟୀ, ଅନନ୍ତ ଏବଂ ରାଧିକାଙ୍କ ବିବାହ ପାଇଁ ନିମନ୍ତ୍ରଣ ମଧ୍ୟ ବଲିଉଡର ସେଲିବ୍ରିଟିମାନଙ୍କୁ ପଠାଯାଇଛି, ଯାହା ଦ୍ୱାରା ସମସ୍ତ ସେଲିବ୍ରିଟିମାନେ ସେହି ଅନୁଯାୟୀ ନିଜର କାର୍ଯ୍ୟସୂଚୀ ପ୍ରସ୍ତୁତ କରିପାରିବେ କୁହାଯାଉଛି ଯେ, ଲଣ୍ଡନରେ ବିବାହ କରିବା ସହ ଆବୁ ଧାବିରେ ଦୁହିଁଙ୍କର ସଂଗୀତ ହେବ କିନ୍ତୁ ଏପର୍ଯ୍ୟନ୍ତ ଏସବୁ କାର୍ଯ୍ୟକ୍ରମର ତାରିଖ ସାମ୍ନାକୁ ଆସିନାହିଁ ।

ରାମଦେବଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
ବଡ଼ ବିଜ୍ଞାପନ ଛାପି କ୍ଷମା ମାଗ

ନୂଆଦିଲ୍ଲୀ: ପତଞ୍ଜଳି ଆୟୁର୍ବେଦ ଔଷଧ ସମ୍ପର୍କରେ ବିଭ୍ରାନ୍ତିକର ବିଜ୍ଞାପନକୁ ନେଇ ରାମଦେବଙ୍କୁ ପୁଣି ଥରେ କଡ଼ା ଭାଷାରେ

ଲକ୍ଷ୍ନୌ ୬ ୱିକେଟରେ ବିଜୟୀ

ଆଇପିଏଲ୍ ମହାସମର

ଚେନ୍ନାଇ, ୨୩।୪ (ଏଜେନ୍ସି) : ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ୍ ୨୦୨୪ର ୩୯ତମ ମ୍ୟାଚ୍ ବେଶ ସଂଘର୍ଷପୂର୍ଣ୍ଣ ଥିଲା । ଏହି ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୬ ୱିକେଟରେ ହରାଇ ଲକ୍ଷ୍ନୌ ସୁପର ଜାଇନ ଏକ ରୋମାଞ୍ଚକର ବିଜୟ ହାସଲ କରିଛି । ଚେନ୍ନାଇ ସୁପରକିଙ୍ଗ୍ସ ନିର୍ଦ୍ଧାରିତ ଓଭରରେ ୪ ୱିକେଟ ହରାଇ ୨୧୦ ରନ କରିଥିବାବେଳେ ଲକ୍ଷ୍ନୌ ସୁପର ଜାଇନ୍ସ ୩ଟି ବଲ ବାକିଥାଇ ୪ ୱିକେଟ ବିନିୟରେ ୨୧୩ ରନ କରିଥିଲା । ଲକ୍ଷ୍ନୌ ସୁପର ଜାଇନ୍ସ ମାର୍କସ ଷ୍ଟୁଇନିସ ସର୍ବାଧିକ ୧୨୪ ରନ କରି ଦଳକୁ ବିଜୟୀ କରାଇଥିଲେ । ଲକ୍ଷ୍ନୌ ସୁପର ଜାଇନ୍ସ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ଚେନ୍ନାଇ ସୁପର କିଙ୍ଗସ ପକ୍ଷରୁ ଋତୁରାଜ ଗାଏକୁଆର୍ଟ ଶତକୀୟ ଇନିଂସ ଖେଳିଥିଲେ ।

ଚେନ୍ନାଇ ଆରମ୍ଭରୁ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ ହରାଇ ଝଟକା ପାଇଥିଲେ ବି ଅଧିନାୟକ ରୁତୁରାଜ ଗାଏକ୍ୱାର୍ଟ ଆକର୍ଷଣୀୟ ଶତକ ମାରିଥିଲେ । ସେ ମାତ୍ର ୬୦ଟି ବଲ ଖେଳି ୧୦୮ ରନ କରି ଦଳର ସ୍କୋରକୁ ୨୦୦ ଉପରକୁ ନେଇଯାଇଥିଲେ । ଏଥିରେ ତାଙ୍କୁ ସହାୟତା କରିଥିଲେ ଶିବମ୍ ଦୁବେ । ସେ ମାତ୍ର ୨୭ଟି ବଲ ଖେଳି ୬୬ ରନ କରିଥିଲେ । ରବୀନ୍ଦ୍ର ଜାଡେଜା ୧୬ ଓ ଦାରିଲ ମିଚେଲ ୧୧ ରନ କରିଥିଲେ । ମହେନ୍ଦ୍ର ସିଂହ ଧୋନୀ ଶେଷ ବଲରେ ଚୌକା ମାରିଥିଲେ । ଲକ୍ଷ୍ନୌ ପକ୍ଷରୁ ମହସିନ ଖାଁ, ୟସ ଠାକୁର ଓ ମାର୍କ ହେନେରି ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ । ଲକ୍ଷ୍ନୌ ସୁପର ଜାଇନ୍ସ ପକ୍ଷରୁ କ୍ୱିଣ୍ଟନ ଡିକକ୍ କୌଣସି ରନ ନକରି ପାଭିଲିଅନ ଫେରିଥିବାବେଳେ କେଏଲ୍ ରାହୁଲ ୧୪ ବଲରୁ ୧୬ ରନ କରିଥିଲେ । ମାର୍କସ ଷ୍ଟିଇନ୍ସ ୧୨୪ ରନ କରି ଅପରାଜିତ ଥିଲେ । ସେହିପରି ଦେବଦତ୍ତ ପାଦିକଲ ୧୩ ଓ ନିକୋଲାସ ପୁରନ ୩୪ ରନ କରିଥିଲେ । ଦୀପକ ହୁଦା ୧୭ ରନ କରି ଅପରାଜିତ ରହିଥିଲେ ।

ଆଜିର ମ୍ୟାଚ

ଦିଲ୍ଲୀ କ୍ୟାପିଟାଲ୍ସ – ଗୁଜରାଟ ଟାଇଟନ୍ସ
ସମୟ: ରାତି ୭.୩୦
ସ୍ଥାନ: ଦିଲ୍ଲୀ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୮	୭	୧	୧୪
କୋଲକାତା	୭	୫	୨	୧୦
ସନ୍‌ରାଇଜର୍ସ	୭	୫	୨	୧୦
ଲକ୍ଷ୍ନୌ	୮	୫	୩	୧୦
ଚେନ୍ନାଇ	୮	୪	୪	୮
ଗୁଜରାଟ	୮	୪	୪	୮
ମୁମ୍ବାଇ	୮	୩	୫	୬
ଦିଲ୍ଲୀ	୮	୩	୫	୬
ପଞ୍ଜାବ	୮	୨	୬	୪
ବେଙ୍ଗାଲୁରୁ	୮	୧	୭	୨

ଚହଲଙ୍କ ୨୦୦ ୱିକେଟ୍ ମାଇଲ ଖୁଣ୍ଟ

ଜୟପୁର, ୨୩।୪ (ଏଜେନ୍ସି) : ଆଇପିଏଲର ୩୮ତମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ୯ ୱିକେଟ୍ ହରାଇ ୧୭୯ ରନ୍ କରିଛି । ନିଜ କଷ୍ଟ ଅର୍ଜିତ ବିଜୟଧାରାକୁ ଅତୁଟ ରଖିବା ଲାଗି ମୁମ୍ବାଇ ଇଣ୍ଡିଆନ୍ସ ସୋମବାର ତିନିଟି ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା । ଟସ୍ ଜିତି ବଡ଼ ସ୍କୋର୍ ଯୋଜନାରେ ପ୍ରଥମେ ବ୍ୟାଟିଂ କରିଥିଲା । ହେଲେ ପାୱାର ପ୍ଲେ ଭିତରେ ୩ଟି ୱିକେଟ୍ ହରାଇ ଘୋର ସଙ୍କଟରେ ପଡ଼ିଥିଲା । ଟ୍ରେଣ୍ଟ୍ ବୋଲ୍ଟଙ୍କ ପ୍ରଥମ ଓଭରର ଶେଷ ବଲକୁ ଛକା ମାରିବା ପ୍ରୟାସରେ ରୋହିତ ଶର୍ମା (୬) ଗଗନଚୁମ୍ବୀ କ୍ୟାଚ୍ ଦେଇ ପାଭିଲିୟନ ଫେରିବାକୁ ବାଧ୍ୟ ହୋଇଥିଲେ । ଏହା ପରେ ୧୦ ବଲ୍ ବ୍ୟବଧାନରେ ଇଶାନ କିଶାନ (୦) ଓ ସୂର୍ଯ୍ୟକୁମାର ଯାଦବ (୧୦)ଙ୍କୁ ଶିକାର କରି ସନ୍ଦୀପ ଶର୍ମା ମୁମ୍ବାଇ ପାଳିକୁ ଆରମ୍ଭରୁ ଦୋହଲାଇ

ଦେଇଥିଲେ । ତିଳକ ବର୍ମା (୬୫ ରନ୍, ୪୫ ବଲ୍ ୫ ଚେକା, ୩ ଛକା) ଓ ନିହାଲ ୱାଧେରା (୪୯ ରନ୍, ୨୪ ବଲ୍, ୩ ଚେକା, ୪ ଛକା)ଙ୍କ ଦାୟିତ୍ୱବାନ ତଥା ଦ୍ରୁତ ବ୍ୟାଟିଂ ପାଇଁ ହିଁ ଦଳ ୧୭୯/୯ର ସମ୍ମାନଜନକ ସ୍କୋର୍ କରିପାରିଥିଲା । ଉଭୟ ପଞ୍ଚମ ୱିକେଟ୍ ପାଇଁ ୯୯ ରନ୍ ଯୋଡ଼ିଥିଲେ । ଅଧିନାୟକ ହାର୍ଦିକ ପାଣ୍ଡ୍ୟା ନିଜ ଶତକୀୟ ମ୍ୟାଚକୁ ସ୍ମରଣୀୟ କରି ନପାରି ମାତ୍ର ୧୦ ରନରେ ସୀମିତ ରହିଥିଲେ । ରାଜସ୍ଥାନ ବୋଲିଂ ବାହିନୀର ଦୁଇ ଧୂରନ୍ଦର ସ୍ପିନର ଯୁଜବେନ୍ଦ୍ର ଚହଲ ଓ ସନ୍ଦୀପ ଶର୍ମା କିଛୁ ରେକର୍ଡ ବୁକରେ ନିଜ ନାମକୁ ସ୍ଥାପିତ କରିଥିଲେ । ମହମ୍ମଦ ନବିଙ୍କୁ କଟ୍ ଆଣ୍ଡ୍ ବୋଲ୍ଡ କରି ଚହଲ ଆଇପିଏଲ୍ ଇତିହାସର ପ୍ରଥମ ବୋଲର ଭାବେ ୨୦୦ ୱିକେଟ୍ ପୂରଣ କରିଥିଲେ । ସେହିଭଳି ସନ୍ଦୀପ ଶେଷ ଓଭରରେ ତିନିଟି ୱିକେଟ୍ ନେଇ ନିଜ ଆଇପିଏଲ୍ ଜୀବନର ପ୍ରଥମ ପାଞ୍ଚ ୱିକେଟ୍ ସଫଳତା ସହ ଶ୍ରେଷ୍ଠ ବୋଲିଂ ଚିତ୍ର (୫/୧୮) ପାଇଥିଲେ ।

ରାଜସ୍ଥାନ ରୟାଲ୍ସଠାରୁ ହାରିବା ପଛର କାରଣ କହିଲେ ପାଣ୍ଡ୍ୟା

ଜୟପୁର, ୨୩।୪ (ଏଜେନ୍ସି) : ସନ୍ଦୀପ ଶର୍ମାଙ୍କ ୫ ୱିକେଟ୍ ସଫଳତା ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ଜମାଣିଆ ଶତକ ବଳରେ ରାଜସ୍ଥାନ ରୟାଲ୍ସ ଚଳିତ ଆଇପିଏଲର ବିଜୟ ଧାରା ଜାରି ରଖିଛି । ସୋମବାର ଖେଳାଯାଇଥିବା ୩୮ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୯ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଶୀର୍ଷ ସ୍ଥାନକୁ ଦୃଢ଼ କରିବା ସହ ପ୍ଲେ ଅଫ୍ ଆଡ଼କୁ ପାଦେ ଆଗକୁ ବଢ଼ିଥିଲା । ଅନ୍ୟପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଅଷ୍ଟମ ମ୍ୟାଚରୁ ପଞ୍ଚମ ପରାଜୟ ବରଣ କରି ଚାପରେ ପଡ଼ିଥିଲା । ହାର୍ଦିକ ପାଣ୍ଡ୍ୟା ଏବଂ ତାଙ୍କ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ୨୦୨୪ରେ ଭଲ ପ୍ରଦର୍ଶନ କରିପାରୁ ନଥିବାରୁ ମ୍ୟାଚ୍ ପରେ ଅଧିନାୟକ ହାର୍ଦିକ ତାଙ୍କ ଦଳ ହାରିବା ପଛର କାରଣ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ଆମେ ଆରମ୍ଭରୁ ହିଁ ନିଜକୁ ଅସୁବିଧାରେ ପକାଇଥିଲୁ । କିନ୍ତୁ ତିଳକ ବର୍ମା ଏବଂ ନିହାଲ ୱାଧେରା ଚମତ୍କାର ଖେଳିଥିଲେ । ଆଶା ଅନୁଯାୟୀ ଆମେ ଶେଷ ଆଡକୁ ଭଲ ଖେଳି ପାରିଲୁ ନାହିଁ । ସେଥିପାଇଁ ଆମେ ୧୦ରୁ ୧୫ରନ୍ କମ୍ ସ୍କୋର କଲୁ । ହାରିବାର ଆଉ ଏକ କାରଣ ହେଲା ବୋଲିଂରେ ଆମକୁ ବଲଗୁଡିକ ଷ୍ଟମ୍ପରେ ରଖିବାର ଥିଲା । କିନ୍ତୁ ପାୱାରପ୍ଲେରେ ଆମେ ଶରୀରରୁ ବଲକୁ ଦୂରେଇ ବୋଲିଂ କରିଥିଲୁ । ପଡ଼ିଆରେ ଏହା ଆମର ସର୍ବୋତ୍ତମ ଦିନ ନଥିଲା । ଆମେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିନାହୁଁ । ସମସ୍ତେ ସେମାନଙ୍କର ଭୂମିକା ଜାଣନ୍ତି । ଆମକୁ ଆମର କିଛି ଭୁଲକୁ ସଂଶୋଧନ କରିବାକୁ ପଡିବ ଏବଂ ଆମେ ତାକୁ କରିବୁ ମଧ୍ୟ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ରାଖାଲଙ୍କୁ ରୌପ୍ୟ ପଦକ

ଭଣ୍ଡାରିପୋଖରୀ, ୨୩।୪ (ସବ୍ୟୁ): ଆର୍ନ୍ତଜାତୀୟ ହୁଇଲ ଚେୟାର ଫେନ୍ସିଂ ଓପେନ ଟୁର୍ଣ୍ଣାମେଣ୍ଟରେ ରାଖାଲ ସେଠୀ ରୌପ୍ୟ ପଦକ ଜିଣିଛନ୍ତି । ସମ୍ପ୍ରତି ଫ୍ରାନ୍ସରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର କ୍ୱାଟର ଫାଇନାଲ ମ୍ୟାଚରେ ରାଖାଲ ଫ୍ରାନ୍ସର ପ୍ରତିଦ୍ୱନ୍ଦି କ୍ୟୁନିନ ଯାକୁଏଟଙ୍କୁ ୧୪/୪ ସେଟରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ । ତୀବ୍ର ମୁକାବିଲା ମୂଳକ ସେମିଫାଇନାଲ ମ୍ୟାଚରେ ଆୟୋଜକ ରାଷ୍ଟ୍ରର ପ୍ରତିଦ୍ୱନ୍ଦି ଲେଗ ଏଣ୍ଟଲି ଯେରେମିଙ୍କୁ ୧୫/୬ ସେଟରେ ହରାଇ ଫାଇନାଲକୁ ଉନ୍ନିତ ହୋଇଥିଲେ । ମାତ୍ର ଫାଇନାଲ ମ୍ୟାଚରେ ଚେଉଜେଭିଲେ ନୋହାଙ୍କ ଠାରୁ ୧୫/୮ ସେଟରେ ପରାଜିତ ହୋଇ ରୌପ୍ୟ ପଦକ ଜିଣିଥିଲେ ।

ଫିମ୍ ଏସିଆ ରୋଡ ରେସିଂ ଚାମ୍ପିଅନସିପ ୨୦୨୪

କାଭିନ କ୍ୱିଣ୍ଟାଲଙ୍କ ୧୧ତମ ସ୍ଥାନ ହାସଲ

ବେଜିଂ, ୨୩।୪ (ଏଜେନ୍ସି) : ଏସିଆର ଏକ କଠିନତମ ରେସରେ ମହତ୍ୱପୂର୍ଣ୍ଣ ପରିଚୟ ସୃଷ୍ଟି କରି ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆ ଦଳର ଆରୋହୀ କାଭିନ କ୍ୱିଣ୍ଟାଲ ଚାଇନାରେ ଆୟୋଜିତ ୨୦୨୪ ଫିମ ଏସିଆ ରୋଡ ରେସିଙ୍ଗ ଚାମ୍ପିଅନସିପର (ଏଆରଆରସି) ରାଉଣ୍ଡ ୨ର ରେସ ୧ରେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି । ଏକ ଦ୍ରୁତ ରେସରେ ଉତ୍ତମ ପ୍ରତିଦ୍ୱନ୍ଦ୍ୱିତା କରିବା ସହ କାଭିନ କ୍ୱିଣ୍ଟାଲ ଏହି ସିଜନରେ ଆଉ ଏକ ଟପ ୧୫ରେ ଶେଷ କରିଥିଲେ । ରେସରେ ତାଙ୍କର ସର୍ବୋତ୍ତମ ପ୍ରଦର୍ଶନ କରି ଯୁବ ଆରୋହୀ କାଭିନ କ୍ୱିଣ୍ଟାଲ ଅନ୍ତର୍ଜାତୀୟ ଆରୋହୀଙ୍କୁ ଦୃଢ଼ ପ୍ରତିଯୋଗିତା ଦେଇଥିଲେ । ଗ୍ରୀଡରେ ୧୫ରୁ ଆରମ୍ଭ କରି, କାଭିନ ପ୍ରାରମ୍ଭିକ ଲାପରେ ଅଗ୍ରଗତି ପରେ, ସେ ନିଜର ମନୋସ୍ଥିତି ଏବଂ ଗତି ବଜାୟ ରଖିଥିଲେ । ଅନ୍ତିମ ଲାପ୍ସରେ, ସେ ନିଜ ଶିକ୍ଷଣକୁ ଭଲ ଭାବରେ ପ୍ରୟୋଗ କରି ଦ୍ରୁତଗତିରେ ତ୍ୱରାନ୍ୱିତ ହୋଇ ଟ୍ରାକରେ କୌଣସି ତ୍ରୁଟି ନକରି ୧୧ତମ ସ୍ଥାନରେ ଚେକେଡ୍ ଲାଇନ୍ ଅତିକ୍ରମ କଲେ । ସେ ଦଳ ପାଇଁ ୫ଟି ମୂଲ୍ୟବାନ ପଏଣ୍ଟ ହାସଲ କରି ମୋଟ ୧୯: ୦୩.୦୯୪ ସମୟ ସହିତ ରେସକୁ ସମାପ୍ତ କରିଥିଲେ । କାଭିନଙ୍କ ସାଥୀ ମୋହସିନ୍ ପି. ମଧ୍ୟ ରେସ-ଟ୍ରାକରେ ନିଜର ସମ୍ପୂର୍ଣ୍ଣ ଶକ୍ତି ପ୍ରଦର୍ଶନ କରିଥିଲେ ।

୨୩ତମ ସ୍ଥାନରୁ ରେସକୁ ଆରମ୍ଭ କରି ସେ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ଟ୍ରାକରେ କୌଣସି ତ୍ରୁଟି କିମ୍ବା ଦୁର୍ଘଟଣାକୁ ଏଡାଇବା ପାଇଁ ସେ ନିଜର ଗତି ବଜାୟ ରଖିଥିଲେ । ସେ ମୋଟ ୧୯: ୨୫.୮୬୩ ସମୟ ସହିତ ୨୦ ତମ ସ୍ଥାନରେ ରେସକୁ ସମାପ୍ତ କରିଥିଲେ । ତେବେ ଏହି ସ୍ଥିତିରେ ସେ ଦଳ ପାଇଁ କୌଣସି ପଏଣ୍ଟ ହାସଲ କରିପାରି ନାହାଁନ୍ତି। ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆର ଆରୋହୀ କାଭିନ କ୍ୱିଣ୍ଟାଲଙ୍କ ନିଜ ଉଦ୍ଧୃତିରେ କହିଛନ୍ତି, ମୁଁ ଆଜି ମୋର ପ୍ରଦର୍ଶନରେ ସନ୍ତୁଷ୍ଟ । ଟୀମ୍‌ର ଟ୍ରାକ୍ ମୋ ପାଇଁ ନୂଆ, ଏବଂ ମୋର ଧ୍ୟାନ ଥିଲା ସକରାତ୍ମକ ଗତି ବଜାୟ ରଖିବା । ଟ୍ରାକରେ ଏକାଧିକ ଦୁର୍ଘଟଣାର ସାକ୍ଷୀ ହେବା ପରେ, ମୋର ଲକ୍ଷ୍ୟ ଥିଲା ଯେ କୌଣସି ଭୁଲ ନକରି ଦୌଡ଼କୁ ଶେଷ କରିବା ଏବଂ ଦଳ ପାଇଁ ପଏଣ୍ଟ ଅର୍ଜନ କରିବା । ଆଜି ମୋର ପୂର୍ବ ଶିକ୍ଷା ଏବଂ ମୋର ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ମୋତେ ସମସ୍ତ ପ୍ରତିଘାତର ମୁକାବିଲା କରିବାରେ ସାହାଯ୍ୟ କରିଥିଲା । ଆଜିର ସ୍କୋର ସହିତ ଆସନ୍ତା ରେସରେ ଭଲ ଫଳାଫଳ ପାଇଁ ଆମେ ଉତ୍ସାହିତ ଏବଂ ଆଶାବାଦୀ।

ଆଇଡେମିସୁ ହୋଣ୍ଡା ରେସିଂ ଇଣ୍ଡିଆର ଆରୋହୀ ମୋହସିନ୍ ପି. ନିଜ ଉଦ୍ଧୃତିରେ କହିଛନ୍ତି, ମୁଁ ଆଜି ଭଲ ଫଳାଫଳ ଆଶା କରୁଥିଲି । ପ୍ରାରମ୍ଭିକ ଲାପ୍ସରେ, ମୁଁ ଏକ ଆତ୍ମବିଶ୍ୱାସୀ ଏବଂ ଏକ ଭଲ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ଭଲ ଭାବରେ ଥ୍ରୋଡ୍ କରିଥିଲି । ତଥାପି ଆଜି ମୋର ଆଶା ଅନୁଯାୟୀ ଯୋଜନା କାମ କଲା ନାହିଁ । ମୁଁ ଖୁସି ଯେ କାଭିନ ଭଲ ପ୍ରଦର୍ଶନ କରିଥିଲେ ଏବଂ ଦଳ ପାଇଁ ପଏଣ୍ଟ ଅର୍ଜନ କରିଥିଲେ । ଆଜିର ଶିକ୍ଷା ଗ୍ରହଣ କରି ମୁଁ ଆସନ୍ତା ରେସ ପାଇଁ ମୋର ରଣନୀତି ପ୍ରସ୍ତୁତ କରିବି ଏବଂ ଭଲ ଫଳାଫଳ ଆଶା କରିବି ।

AT
KURANGA
PHULNAKHARA
Meera's
COURTYARD
Huge lush green happening space situated
in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to
make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ତେଜ ହୋଣ୍ଡା ଚତୁର୍ଥ ପ୍ରିମିୟର ଲିଗ୍: ରାମେଶ୍ୱର ଫାଇଟର୍ସ ଚାମ୍ପିଅନ

ବ୍ୟାସନଗର,୨୩।୪(ଜିପ୍ର): କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀ ଆନୁକୂଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ସର୍ବଭାରତୀୟ କଳିଙ୍ଗନଗର ପ୍ରିମିୟର ଲିଗ୍ ଦିବାରାତ୍ରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଏମଏମସିସି ସମ୍ବଲପୁରକୁ ହରାଇ ରାମେଶ୍ୱର ଫାଇଟର୍ସ ୨୦୨୪ ବର୍ଷ ପାଇଁ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ଟସ୍‌ରେ ବିଜୟୀ ହୋଇ ଏମଏମସିସି ପ୍ରଥମେ ବ୍ୟାଟିଙ୍ଗ୍ କରିବାର ନିଷ୍ପତ୍ତି ନେଇଥିଲେ । ନିର୍ଦ୍ଧାରିତ ୨୦ ଓଭରରେ ୯ଉଇକେଟ ହରାଇ ମାତ୍ର ୧୧୦ରନ୍ କରିଥିଲେ । ଦଳ ତରଫରୁ ରାମଚନ୍ଦ୍ର ବେହେରା ୧୯ଭାଗମେନ୍ଦର ଲାଠର ୧୯ରନ୍ କରିଥିଲେ । ରାମେଶ୍ୱର ଫାଇଟର୍ସର ଅରୁଣ ଚୌରାସିୟା ୪ଟି ଓ ସ୍ନେବନା ସରକାର ୨ ଉଇକେଟ ନେଇଥିଲେ । ଏହାର ଜବାବରେ ରାମେଶ୍ୱର ଫାଇଟର୍ସ ମାତ୍ର ୧୬ ଓଭରରେ ୫ ଉଇକେଟ ହରାଇ ୧୧୧ ରନ୍ କରି ବିଜୟୀ ହୋଇଥିଲେ । ଦଳ ତରଫରୁ କାର୍ତିକ ବିଶ୍ୱାଳ ୩୬ ଓ ଶ୍ରେଷ୍ଠା ୧୯ରନ୍ କରିଥିଲେ । ଏମଏମସିସିର ମନୋଜ ବାରିକ ୩ଟି ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ନେଇଥିଲେ । ୫ ଉଇକେଟରେ ରାମେଶ୍ୱର ଫାଇଟର୍ସ ବିଜୟୀ ହୋଇଥିଲେ । ଫାଇନାଲ ମ୍ୟାଚ୍‌ର ପୁରସ୍କାର ବିତରଣ ଉତ୍ସବରେ କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀର କାର୍ଯ୍ୟକାରୀ ସଭାପତି ଆଲୋକ ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ଭାବେ ନଟରାଜ ପ୍ରାଇଭେଟ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ରବିନାରାୟଣ ପୁହାଣ ଓ ସମ୍ମାନିତ ଅତିଥି ଭାବେ ଇଏସଆରର ପ୍ରୋଜେକ୍ଟ ଡାଇରେକ୍ଟର ଏମସିରଥ ଯୋଗଦେଇ ଥିବାବେଳେ କେପିଏଲ ସଂଯୋଜକ ନିରଞ୍ଜନ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ । ତେଜ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ରାକେଶ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ପୂର୍ବତନ କ୍ରିକେଟ ଖେଳାଳୀ ଜନାର୍ଦ୍ଦନ ରାଉତ, ବ୍ରଜାନନ୍ଦ ମହାନ୍ତି, ଲକ୍ଷ୍ମୀଧର ରାଉତ, ଏସକେ ଇବ୍ରାର ଓ ମନୋଜ ମହାନ୍ତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ମାନସ ଆଇଚ, ଚାନ୍ଦମା, ସତ୍ୟଜିତ ପରିଡ଼ା, ଦୁର୍ଗା ୱାରିୟର୍ସ, ଆଲୋକ ମହାନ୍ତି, ପ୍ରଶାନ୍ତି ଚ୍ୟାଲେଞ୍ଜର୍ସ, କଳିଙ୍ଗ ପହି, ବ୍ୟାସ ଟାଇଗର୍ସ, ପ୍ରଦୀପ ସାହୁ, ରାମେଶ୍ୱର ଫାଇଟର୍ସ, ଆଶିଷ ପାଣି, ଏବି ୟୁନିକ୍ରନସ, ରିକନ ମହାନ୍ତି, ଏମଏମସିସି, ସମ୍ବଲପୁର, ଜୟନ୍ତ ରାଉତ, ଡୁବୁରୀ ଫାଇଟର୍ସ ଓ ନଶିମ ମହମ୍ମଦଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଚମ୍ପିୟାନ ଦଳକୁ ଟ୍ରଫି ସହ ୨ଲକ୍ଷ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଆଜିର ଖେଳକୁ ଅସିତ୍ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିଲେ । ଅସିମ ଦାସ ଓ କ୍ଷିତିଶ ମାଝୀ ସ୍କୋରର ଭାବେ, ବୁବୁ ସିହ୍ନା ଓ ଏସକେ ରସିଦଉଲ ଭାଷ୍ୟକାର ଭାବେ ଯୋଗ ଦେଇଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ ଲ୍ୟାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

ଭତ୍ତା କେଳେଙ୍କାରୀ: ହଡ଼ପ ହେଉଛି ବର୍ଦ୍ଧିତ ଭତ୍ତା

ଆଠଗଡ଼, (ସବ୍ୟୁ) : ଆଠଗଡ଼ ବ୍ଲକ ପାଲଟିଛି ଦୁର୍ନୀତିର ଗନ୍ତାଘର।ଏଠାରେ ସମସ୍ତ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇପାରିବ। ଆଠଗଡ଼ ବ୍ଲକ ର ମହାକାଳବସ୍ତ ପଞ୍ଚାୟତ ଦହିସରା ଗ୍ରାମର ବରିଷ୍ଠ ନାଗରିକ ଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ଭୁତ ଉଠାଇଛି। ଘଟଣା ଜଣାପଡ଼ିବା ପରେ ଆଠଗଡ଼ ବ୍ଲକ ପ୍ରଶାସନ କିଛି ନ ଜାଣିବାର ଅଭିନୟ କରୁଛି।ଦହିସରା ଗ୍ରାମର ଦୁଇ ଜଣ ବରିଷ୍ଠ ନାଗରିକ ରବିନ୍ଦ୍ର ଦାସ (୭୮) ଏବଂ ତାଙ୍କର ସ୍ତ୍ରୀ ରତ୍ନା ଦାସ (୭୨) ଙ୍କ ର ଗତ ଦୁଇ ମାସର ବର୍ଦ୍ଧିତ ଭତ୍ତା ଟଙ୍କା ଭୁତ ଉଠାଇ ନେଇଥିବା ଜଣାପଡିଛି। ବୃଦ୍ଧ ଦମ୍ପତି ରାଉରକେଲା ରେ ରହୁଥିବା ବେଳେ ଗତ ଦେଢ଼ମାସ ହେଲା ଗାଁ କୁ ଆସି ଭତ୍ତା ଟଙ୍କା ବାବଦରେ ବ୍ଲକ ସହିତ ଏବଂ ବ୍ୟାଙ୍କରେ ବୁଝିବା ବେଳକୁ ତାଙ୍କର ପ୍ରାପ୍ୟ ବର୍ଦ୍ଧିତ ଭତ୍ତା ଟଙ୍କା

ଭୁତ ଖାଇ ଯାଇଥିବ। ଜଣା ପଡ଼ିଥିଲା। ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ଦୁଇ ମାସ ର ବର୍ଦ୍ଧିତ ଭତ୍ତା ଟଙ୍କାକୁ ମହାକାଳବସ୍ତ ପଞ୍ଚାୟତ ସମିତି ସଭ୍ୟ ତଥା ଆଠଗଡ଼ ବ୍ଲକ ଉପାଧ୍ୟକ୍ଷ ହଡ଼ପ କରିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବୃଦ୍ଧ ଦମ୍ପତିଏ ବାବଦରେ ଆଠଗଡ଼ ବିଡ଼ିଓ ପ୍ରଦୀପ କୁମାର ସାହୁ ଙ୍କୁ ଯୋଗାଯୋଗ କରି ପାଇଁ ଚେଷ୍ଟା କରା ଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରି ନ ଥିଲା।ଏପରି କି ପଞ୍ଚାୟତ ଦାଇତ୍ୱ ରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଚୌଧୁରୀ ମଧ୍ୟ ଫୋନ ଉଠାଇ ନ ଥିଲେ। ଆଠଗଡ଼ ବ୍ଲକ ର ଏହି ଗୋଟିଏ କାଣ୍ଡ ଭାତ ହାଣ୍ଡିରୁ ଗୋଟିଏ ବୋଲି ସାଧାରଣରେ ଆଲୋଚନା ହେଉଛି।ପୂର୍ବ ରୁ ଆଠଗଡ଼ ବିଡ଼ିଓ ଙ୍କ ନିର୍ଦ୍ଦେଶ ରେ କନ୍ଦରପୁର ପଞ୍ଚାୟତ ର ଜନୈକ ଅନ୍ତର୍ଯ୍ୟାମୀ ରାଉତ ଙ୍କୁ ମୃତ ଘୋଷଣା କରି ତାଙ୍କର ଭତ୍ତା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟ ପକ୍ଷରେ ବ୍ଲକ ପ୍ରଶାସନ ର ଅପାରଗତା ଯୋଗୁଁ ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଆଜିର ଘଟଣା ପାଇଁ ଏଥିରେ ସଂପୃକ୍ତ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି।

ବଟ ଗୋସାଇଁ ପୀଠରେ ମାଇପି ମେଳା

ନିମାପଡା, (ସବ୍ୟୁ): ନିମାପଡା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ଓ ଛଣିଜଙ୍ଗ ପଂଚାୟତର ମଧ୍ୟମସ୍ଥଳୀ କାନପୁର ଠାରେ ପ୍ରତିବର୍ଷ ଚୈତ୍ରମାସଶୁକ୍ଲପକ୍ଷ ଶିବ ଓ ବିଷ୍ଣୁଙ୍କ ଦମନକ ଚତୁର୍ଦ୍ଦଶୀ ତିଥିରେ ଶ୍ରୀ ବଟ ଗୋସାଇଁଙ୍କ ପୀଠରେ ମାଇପି ମେଳା ଆୟୋଜିତ ହୋଇଥାଏ । ନିମାପଡା, ଗୋପ,ନିଆଳି ଓ କାକଟପୁର ବ୍ଲକ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହିମେଳାକୁ ଆସି ଠାକୁରଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥାନ୍ତି । ଏହିମେଳା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥାଏ । ଏଠାରେ କେଉଁ ଆବାହନକାଳରୁ ଗୋଟିଏ ବଟ ବୃକ୍ଷ ମୂଳରେ ଦୁଇଟି କଠଉ,ବନ ବିହାରୀ ବୃକ୍ଷକୁନିରାକାର ବିଷ୍ଣୁ ଭାବରେ ପୂଜାର୍ଚ୍ଚନା କରାଯାଇଆସୁଅଛି । ବଟଗୋସାଇଁଙ୍କ ପୀଠରେ ଶତାଧିକ ମାନସିକଧାରୀ ମହିଳା ଓ ପୁରୁଷ ମାନସିକରଖି ଗୁହାରିଆ ପଡିଛନ୍ତି । ନିଃସନ୍ତାନ ଓ ଦୁରାରୋଗ୍ୟ ଆରୋଗ୍ୟପାଇଁ ଶତାଧିକ ମାନସିକ ରଖି ମହିଳା ଓ ପୁରୁଷ ମାନେ ଆସି ମେଳାରପୂର୍ବଦିନ ରାତ୍ରରେ

ପୀଠରେ ଗୁହାରିଆ ପଡିଥାନ୍ତି । ପରଦିନ ମଧ୍ୟାହ୍ନ ୧୨ଟା ସମୟରେ କୋଠଭୋଗ ସରିବ। ପରେ ମୁଖ୍ୟ ପୂଜକ ମାନସିକଧାରୀଙ୍କନିକଟରେ ପଂହଚି ଠାକୁରଙ୍କ ପୂଜା ଜଳ ଛିଂଚି ଜଳ ପାଦୁକା ଓ ପଣାପିଇବାକୁ ଦେବା ପରେ ଅଧିଆ ପଡିଥିବା ମାନସିକଧାରୀ ମହିଳାମାନେଉଠିଥାନ୍ତି । ଏହି ପୀଠରେ ଗୁହାରିଆ ପଡିଲେ ନିସନ୍ତାନ ମହିଳାମାନେସନ୍ତାନ ପ୍ରାପ୍ତି ହେବା ସହିତ ବିଭିନ୍ନ ଦୁରାସାଧ୍ୟ ରୋଗ୍ୟ ଦୂର ହୋଇଥାଏ ବୋଲିଲୋକଙ୍କ ମଧ୍ୟରେ ଦୃଢ ବିଶ୍ୱାସ ରହିଛି । ମହିଳା ମାନେ ସନ୍ତାନର ଶୁଭ ମନାସୀଏହି ପୀଠରେ ଯାଁ ବାଳ ପକାଇଥାନ୍ତି । ମୁଖ୍ୟ ପୂଜକ ବାମଦେବ ପଣ୍ଡା,କ୍ଷୀରୋଦଚନ୍ଦ୍ର ଦାଶ, ଅମିନ ପଣ୍ଡା, ଦୀପକ କୁମାର ଦାଶ ପ୍ରମୁଖ ଠାକୁରଙ୍କ ପୂଜା ଜଳ ଛିଂଚି ଜଳ ପାଦୁକା ଓ ପଣାପିଇବାକୁ ଦେବା ପରେ ଅଧିଆ ପଡିଥିବା ହୁଙ୍କା ଭିତରକୁ ନାଗସାପ ଯା'ଆସକରିବାକୁ ଏକ ସୁତଙ୍ଗ ରହିଅଛି ,ପୂଜା ସମୟରେ ସୁତଙ୍ଗ ମଧ୍ୟରେ ନାଗସାପଦୃଶ୍ୟମାନ ହୋଇଥାଏ ବୋଲି ପୂଜକ କୁହନ୍ତି । ଶ୍ରୀ ବଟ ଗୋସାଇଁ ମାଇପିମେଳା ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଏହି ମେଳା ପ୍ରତିବର୍ଷ ଆୟୋଜିତ ହୋଇଥାଏ। ମେଳା ସ୍ଥଳରେ ପୀତବାସ ସାହୁ ମେମୋରିଆଲ ଟ୍ରଷ୍ଟ ତରଫରୁ ଭକ୍ତଙ୍କୁଖେଚୋଡି ଓ ପାନୀୟ ଜଳ ବଂଟନ କରାଯାଇଥିଲା । ଉକ୍ତ ପୀଠକୁ ଯାତାୟତ ପାଇଁ ଭଲ ରାସ୍ତା ଓ ଏଠାରେ ପିଇବା ପାଣି ନଥିବାରୁ ସରକାର ଏଥିପ୍ରତିଦୃଷ୍ଟି ଦେବାକୁ ଟ୍ରଷ୍ଟର କର୍ମକର୍ତ୍ତା ମାନେ ଦାବୀ କରିଛନ୍ତି । ବଟ ଗୋସାଇଁମାଇପିମେଳା ଟ୍ରଷ୍ଟର ଉପଦେଷ୍ଟା ଆଇନଜୀବୀ ସୁଧିର କୁମାର ମହାନ୍ତି,ଉପଦେଷ୍ଟା ସମାଜସେବୀ ଆଇନ୍‌ଜୀବୀ ରଣଜିତ ସାହୁ,ମାଇପି ମେଳାପରିଚାଳନା କମିଟୀ ସଭାପତି ଗୋପବନ୍ଧୁ ଲେଙ୍କା,ସଂପାଦକ ଭାସ୍କରସ୍ୱାଇଁ,ଭରତ ଚନ୍ଦ୍ର ପ୍ରଧାନ,ଛବିନ୍ଦ୍ର ପ୍ରଧାନ,ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସ୍ଥାନୀୟଗ୍ରାମବାସୀ ଉପସ୍ଥିତ ରହି ମେଳା ପରିଚାଳନା କରିଥିଲେ । ଅପରାହ୍ଣରେହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା । ମେଳାରେ ଭୋଗଦୋକାନ ସହିତ ବିଭିନ୍ନ ଘରକଣା ସାମଗ୍ରୀ ଦୋକାନ ଖୋଲାଯାଇଥିଲା

ବିଜେଡ଼ିର ବୁଥ୍ କମିଟି ବୈଠକ

ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡ଼ା ବ୍ଲକ୍ ଅଧିନ କୁୟାରପଡ଼ା ଓ ମର୍ଦ୍ଦରାଜପୁର ପଂଚାୟତରେ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ମଙ୍ଗଳବାର ବୁଥ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ପଂଚାୟତରେ ଅନୁଷ୍ଠିତ ବୁଥ୍ସ୍ତରୀୟ ବୈଠକରେ ସାଧାରଣ ନିର୍ବାଚନ ନେଇ ବିଜେଡ଼ି ପକ୍ଷରୁ ଗଠିତ ହୋଇଥିବା କମିଟିର ସଦସ୍ୟ ଓ ଯୁବ ସଂଗଠକମାନଙ୍କୁ ନେଇ କିଭଳି ନିର୍ବାଚନ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଂସଦ ପ୍ରତିନିଧି ଚନ୍ଦ୍ରକା' ବଳିଆର ସିଂ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରମାକା' ସେଠୀ, କୁୟାରପଡ଼ା ବୁଥ୍ ନଂ ୩ର ଟିମ୍ ଲିଡ଼ର ବସ' କୁମାର ପଣ୍ଡା, ଭିକାରୀ ବିଶ୍ୱାଳ, ବିକ୍ରମ ପ୍ରଧାନ, ଅନିନ୍ଦ୍ର ବେହେରା, ଦିଲ୍ଲୀପ ପ୍ରଧାନ, ପ୍ରତାପ କୁମାର ପ୍ରଧାନ, କୈଳାସ ଚନ୍ଦ୍ର ପଣ୍ଡା, ଅନ' ଚରଣ ବେହେରା, କୃଷ୍ଣଚନ୍ଦ୍ର ନାହାକ, ସୁରେଶ ଚନ୍ଦ୍ର ବେହେରା, ଦିଲ୍ଲୀପ କୁମାର ଖୁଂଟିଆ, ବୁଥ୍ ନଂ୪ର ଟିମ୍ ଲିଡ଼ର ଜଗଦିଶ ଦାଶ, ଅନିଲ୍ କୁମାର ପଣ୍ଡା, ପ୍ରତାପ କୁମାର ପଣ୍ଡା, ରଣଜିତ୍ ନାୟକ, ରାକେଶ ସେଠୀ, ବିଜୟ କୁମାର ନାୟକ, ଶରତ ସାହୁ, ପ୍ରସନ୍ନ କୁମାର ନାୟକ, ବିଶ୍ୱନାଥ ନାୟକ, ବୁଥ୍ ନଂ୧୨ର ଟିମ୍ ଲିଡ଼ର ଦୟାନିଧି ଭୁୟାଁ, ଭାଗିରଥି ଜେନା, ସୁରେଶ ପରିଡ଼ାଙ୍କ ସମେତ କୁୟାରପଡ଼ା ଗ୍ରାମର ଯୁବ ସଂଗଠକ ଓ କର୍ମୀମାନେ ବୈଠକରେ ଯୋଗଦେଇଥିଲେ। ସେହିପରି ମର୍ଦ୍ଦରାଜପୁର ପଂଚାୟତରେ ଜନ୍ମେଜୟ ନାୟକ, ଅଜିତ୍ କୁମାର ସାହୁ, ଜୟକୃଷ୍ଣ ପ୍ରଧାନ, ଦିଲ୍ଲିପ କୁମାର ନାୟକ, ଯୁଗଳ କିଶୋର ନାୟକ, ଦାଶରଥି ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଦଳୀୟକର୍ମୀ ଓ ସଂଗଠକମାନେ ବୁଥ୍ କମିଟି ବୈଠକରେ ଉପସ୍ଥିତ ରହି ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ସହ ଦଳ ପ୍ରତି ଭୋଟରଙ୍କୁ ଆକୃଷ୍ଟ କରାଇବା ସମ୍ପର୍କୀତ ଆଲୋଚନାରେ ଭାଗ ନେଇଥିବା ଜଣାଯାଇଛି।

ମାନବାଧିକାର ପରିକ୍ଷଦର ନୂତନ ପରିବେଶ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ) : ଯୁବ ଇଞ୍ଜିନିୟର ପ୍ରୀତମ କୁମାର ସୁବୁଦ୍ଧି ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ରାଜ୍ୟସ୍ତରୀୟ ପରିବେଶ ଅଧିକାରୀଭାବେ ନିଯୁକ୍ତି ପାଇଛନ୍ତି। ପିଲାଟିବେଳୁ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ବୃକ୍ଷରୋପଣ ଏବଂ ଅନେକ ସଚେତନତା କାର୍ଯ୍ୟକ୍ରମ କରାଇଥିବାରୁ ଶ୍ରୀ ସୁବୁଦ୍ଧିଙ୍କୁ ଏଭଳି ଗୁରୁ ଦାୟିତ୍ୱ ମିଳିଛି। ଖୋର୍ଦ୍ଧା ଜିଲ୍ଲା ଜଟଣୀ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସୁବୁଦ୍ଧି ଆଗାମୀ ଦିନରେ ନିଷ୍ଠାର ସହ ତାଙ୍କ ଦାୟିତ୍ୱ ସଂପାଦନ କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

ଜିଲ୍ଲା ଶାନ୍ତି କମିଟିର ବାର୍ଷିକ ଅଧିବେଶନରେ ଆପୋଷ ସମାଧାନକୁ ଗୁରୁତ୍ୱ

ନୟାଗଡ़, (ସବ୍ୟୁ): ନୟାଗଡ़ ଜିଲ୍ଲା ଶାନ୍ତି କମିଟି ର ବାର୍ଷିକ ଅଧିବେଶନ ଅନୁଷ୍ଠିତହୋଇଯାଇଛି। ସ୍ଥାନୀୟ ସମବାୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ସାମାଜିକ ଶାନ୍ତି ପ୍ରତିଷ୍ଠାଦିଗରେ ଅନୁଷ୍ଠାନ ଗୁରୁତ୍ୱାରୋପ କରିଛି। ସାମାନ୍ୟ କଥାକୁ ନେଇ ଲୋକଙ୍କ ମଧ୍ୟରେ ବାଦ ବିବାଦ ରୁମାଲିମୋକଦ୍ଦମା ଏପରିକି ଅନେକ ସମୟରେ କଙ୍ଗାରୁ କୋର୍ଟରେ ନିର୍ଦ୍ଦୋଶକୁ ଦଣ୍ଡ ବ୍ୟବସ୍ଥା ଦୂରିକରଣଉପରେ ଜିଲ୍ଲା ଶାନ୍ତି କମିଟି ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ କରିବାକୁ ଏଠାରେ ନିଷ୍ପତ୍ତି ନିଆଯାଇଛି।କମିଟିର ସଭାପତି ବୈକୁଣ୍ଠ ନାଥ ପ୍ରଧାନ, କାର୍ଯ୍ୟକାରୀ ସଭାପତି ରାଜକିଶୋର ଦଳବେହେରା, ସଂପାଦକପ୍ରଫୁଲ୍ଲ କୁମାର ନନ୍ଦ ପ୍ରଙ୍କୁଖଙ୍କ ଉପସ୍ଥିତିରେ ଜିଲ୍ଲା ଶାନ୍ତି କମିଟି ବାର୍ଷିକ

ଅଧିବେଶନ ଅନୁଷ୍ଠିତହୋଇଥିଲା। ଏଥିରେ ବାର୍ଷିକ ବିବରଣୀ ପାଠ ପରେ ଜିଲ୍ଲାର ବିଭିନ୍ନ ଗାଁରେ ବର୍ଷ ବର୍ଷ ଧରି ଲାଗିରହିଥିବା ବିବାଦ ଆପୋଷ ସମାଧାନ କରିବା ଦିଗରେ କମିଟି ଅଗଭର ରହିବାକୁ ଆଲୋଚନା କରାଯାଇଛି। ଗାଁଗହଳିରଗରାବଓ ନଁହି ଲୋକଙ୍କୁ ମାଲିମୋକଦ୍ଦମା ଓ ହିସାଂତ୍ମକ କାର୍ଯ୍ୟକଳାପରୁଦୂରେଇ ରହିବାକୁ ଜନସଚେତନତା ସୃଷ୍ଟି ଉପରେ ଅନୁଷ୍ଠାନ ପଦକ୍ଷେପ ଗ୍ରହଣ କରିବା ନ୍ୟାୟିକ କମିଟିରକାର୍ଯ୍ୟ କଳାପକୁ ଜିଲ୍ଲା ପୋଲିସ୍ ଓ ପ୍ରଶାସନିକସ୍ତରରେ ଗ୍ରହଣୀୟତା ସଂଗଠନ ପାଇଁ ପ୍ରେରଣାଦାୟୀହୋଇଥିବା ବୈଠକରେ ମତ ପ୍ରକାଶ ପାଇଛି। ଜିଲ୍ଲା ଶାନ୍ତି କମିଟି ରୂପେ ପରିଚିତ ଶାନ୍ତିଦୂତ ସମାଜମଙ୍ଗଳ ଟ୍ରଷ୍ଟ ୩୪ ଜଣ ନ୍ୟାୟବନ୍ଧୁଙ୍କୁ ନେଇ କାର୍ଯ୍ୟ କରୁଛି। ସଂଗଠନର ସଂପାଦକ ଫକିର ଚରଣ ବୈରିଗଂଜନବାର୍ଷିକ ଅଧିବେଶନ ଆଲୋଚନାରେ ସାମିଲ ରହିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନକରିଥିଲେ।

ଖଲର୍ଦ୍ଦାରେ ସ୍ପିଡ଼ ବ୍ରେକର ସ୍ଥାପନ ଦାବି

ଫୁଲନଖରା, (ସବୁ) : ପ୍ରତାପନଗରୀ–କୋରକରା କେନାଲବନ୍ଧ ରାସ୍ତାର ଖଲର୍ଦ୍ଦାଠାରେ ବେଗ ନିୟନ୍ତ୍ରକ ସ୍ଥାପନପାଇଁ ଦାବି ହୋଇଛି। ବିଶେଷ କରି ନେତାଜୀବଜାର ଓ ତଳଖଲର୍ଦ୍ଦାଠାରେ ବେଗ ନିୟନ୍ତ୍ରକ ସ୍ଥାପନ ପାଇଁଜୟପ୍ରକାଶ ରାଉତରାୟ, ସୁଜିତ ନାୟକ, ଦିଲୀପ ବେହେରା, ଦେବରଞ୍ଜନ ବୈଠାଳୁ, ସୁଧାକର ମୂଳିଆ, ଟିକମପାତ୍ର, କୃଷ୍ଣଚନ୍ଦ୍ର ବେହେରା, ଟୁନ ଘୋଷ, ବାବାଜୀ ପ୍ରଧାନ, ମନୋଜ ଘୋଷ, ସୁବୋଧ ରାଉତରାୟ, ଅନନ୍ତବୈଠାଳୁ, ସଦାନନ୍ଦ ଓଝା ପ୍ରମୁଖ ଦାବି କରିଛନ୍ତି। ଗତ ସପ୍ତାହରେ ଏକ ଦ୍ରୁତଗାମୀ ହାଇୱା ଭାରସାମ ହରାଇଏକ ଜଳଖିଆ ଦୋକାନରେ ପଶିଯାଇଥିଲା। ଏଥିରେ ଦୋକାନୀ ଜଣକ ଅଳ୍ପକେ ବି ଯାଇଥିଲେ। ଭାରୀଯାନଗୁଡ଼ିକର ବେପରୁଆ ଚଳାଚଳ ଯୋଗୁଁ ତଳଖଲର୍ଦ୍ଦା ଓ ହାତୀଗଡ଼ାଠାରେ ଏକାଧିକଦୁର୍ଘଟଣାରେ ପଥଚାରୀ ଆହତ ହୋଇଛନ୍ତି। ଏପରିକି ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ମଧ୍ୟ ହୋଇଛି।ସଂଯୁକ୍ତ ଅଞ୍ଚଳ ଥିବା ବାଲିଘାଟରୁ ଚଳାଚଳ କରୁଥିବା ବାଲି ବୋଝେଇ ଭାରୀଯାନ ଜନବସତି ତଥାବସ୍ତବହୁଳ କାକଟପୁର ଶାଖା କେନାଲବନ୍ଧ ରାସ୍ତାରେ ଅତି ଦ୍ରୁତ ବେଗରେ ଯିବାଆସିବା କରୁଥିବାରୁଲୋକମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏଥିପ୍ରତି ପୁଲିସ ଓ ପ୍ରଶାସନ ଦୃଷ୍ଟି ଦେଇ ଦୁର୍ଘଟଣାପ୍ରବଣ ସ୍ଥାନରେ ବେଗ ନିୟନ୍ତ୍ରକ ସ୍ଥାପନ ପାଇଁ ଦାବି ହୋଇଛି।

ସୂଚନା ଆବେଦନକାରୀଙ୍କୁ ଟଙ୍କା ଫେରାଇଲେ ବ୍ଲକ କର୍ତ୍ତୃପକ୍ଷ

ଟାଙ୍ଗୀ, (ସବ୍ୟୁ) : ସୂଚନା ଅଧିକାର ଆଇନ ଆଧାରରେ ତଥ୍ୟ ମାଗିଥିବା ଆବେଦନକାରୀଙ୍କୁ ନିରୁତ୍ସାହିତ କରିବା ଅଭିପ୍ରାୟରେ ବେପରୁଆ ଭାବେ କୌଣସି ହିସାବ ନିକାଶ ନକରି ୫ ହଜାର ଟଙ୍କା ଦାଖଲ କରିବାକୁ ଆବେଦନକାରୀ ପୁଷ୍ପାଞ୍ଜଳି ପାତ୍ରଙ୍କୁ ଟାଙ୍ଗୀ ବ୍ଲକ ଜନସୂଚନା ଅଧିକାରୀ ଚିଠି ପ୍ରଦାନ କରିଥିଲେ ।ତଦନୁସାରେ ଶ୍ରୀମତି ପାତ୍ର ଗତ ଫେବୃୟାରୀ ୮ ତାରିଖରେ ଏହି ଅର୍ଥ ପଇଠ କରିଥିଲେ । ମାତ୍ର ତାଙ୍କୁ ଯେଉଁ ତଥ୍ୟ ପ୍ରଦାନ କରାଗଲା ତାହା ଆଦୌ ତଥ୍ୟଭିତିକ ନଥିବା ବେଳେ ଦାଖଲ ହୋଇଥିବା ଅର୍ଥଠାରୁ ବହୁଗୁଣରେ କମ ଥିଲା । ପ୍ରଥମ ଆବେଦନ କର୍ତ୍ତୃପକ୍ଷଙ୍କ ନିକଟରେ ସେ ମଧ୍ୟ ଏଥିପାଇଁ ଅଭିଯୋଗ କରିଥିଲେ । ପ୍ରଦତ ତଥ୍ୟର କାଗଜ ପତ୍ର ତନଖି କରାଯାଇ ସୋମବାର ଦିନ ଟାଙ୍ଗୀ ବ୍ଲକର ଦାୟିତ୍ୱରେ ଥିବା ସୂଚନା ଆଇନ କର୍ମଚାରୀ ଶ୍ରୀମତି ପାତ୍ରଙ୍କୁ ନଗଦ ୨୯୨୦ ଟଙ୍କା ଫେରସ୍ତ କରିଥିବା ଜଣାପଡିଛି । ସୂଚନା ଅଧିକାର ଆଇନକୁ ଅତ୍ୟନ୍ତ ଖାମଖିଆଲି ଭାବେ ପରିଚାଳନା କରି ଅର୍ଥ ଫେରାଇବା ଘଟଣା ବୋଧହୁଏ ପ୍ରଥମ ବୋଲି ଜଣାପଡିଛି । ଏତଦବ୍ୟତୀତ ବହୁ ତଥ୍ୟ ପ୍ରଦାନ କରାଯାଇନଥିବାରୁ ଶ୍ରୀମତି ପାତ୍ର ଦ୍ୱିତୀୟ ଅପିଲ କର୍ତ୍ତୃପକ୍ଷ ରାଜ୍ୟ ସୂଚନା ଆୟୋଗଙ୍କ ନିକଟରେ ଆବେଦନ କରିବେ ବୋଲି ପ୍ରକାଶ କରିଛନ୍ତି । ସୂଚନା ଅଧିକାର ଆଇନ ପରି ଏକ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଏପରି ମନମୁଖୀ କାର୍ଯ୍ୟକାରୀ କରିବା ଆଦୌ ସମୀଚୀନ ନୁହେଁ ବୋଲି ସୂଚନା ଅଧିକାର କର୍ମୀମାନଙ୍କ ମଧ୍ୟରେ ଆଲୋଚନା ହେଉଛି ।

ଧର୍ମପ୍ରାଣା ମହିଳାଙ୍କ ପରଲୋକ

ସାକ୍ଷୀଗୋପାଳ, (ସବ୍ୟୁ) : ସ୍ଥାନୀୟ ଜୟ ପୁର ଗ୍ରାମର ଧର୍ମପରାୟଣ ମହିଳା କୁନ୍ତଳା କୁମାରୀ ମିଶ୍ରଙ୍କର ୯୦ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗ ଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର ଅନୁଷ୍ଠିତ ହୋଇଥିଲା । ଜ୍ୟେଷ୍ଠ ପୁତ୍ର ନିରଞ୍ଜନ ମିଶ୍ର ମୁଖାଗ୍ନି ଦେଇଥିଲେ ୪ ସ୍ୱର୍ଗତ ମିଶ୍ର ସତ୍ୟବାଦୀ ବ୍ଲକର ପୂର୍ବତନ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଗତ ଜଗତବନ୍ଧୁ ମିଶ୍ରଙ୍କ ଧର୍ମପତ୍ନୀ ଅଟନ୍ତି । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି, ଗ୍ରାମବାସୀ ଓ ଜନସାଧାରଣ ତାଙ୍କର ଶେଷ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଟାଙ୍କୋଳର ପ୍ରସିଦ୍ଧ ଦୟଣା ଚୋରୀ ଦୋଳ ଯାତ୍ରା

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଟାଙ୍କୋଳର ପ୍ରସିଦ୍ଧ ଦୟଣା ଚୋରୀ ଯାତ୍ରା ଆରମ୍ଭ ହୋଇଛି।ଦୟଣାଚୋରୀ ଯାତ୍ରାକୁ ପାଳନ କରିବା ପାଇଁ ଦୋଳପଡିଆରେ ବିଜେ ମଣ୍ଡପରେ ଦୋଳବିମାନରେ ବିରାଜମାନ କରିଛନ୍ତି ବ୍ରଜବିହାରୀ ଦେବ ଓ ବନବିହାରୀ ଦେବ ଏବଂ ଚୋରୀ ଠାକୁର ଭାବରେ ବିରାଜ ମାନ କରିଛନ୍ତି ସୁଦାମ ସୁବଳ। ପ୍ରତିବର୍ଷ ଏଠାରେ ୫ଦିନ ଧରି ଯାତ୍ରା ହେଉଥିବା ବେଳେ ଚଳିତ ବର୍ଷ ମହାଆଡମ୍ବରରେ ହେଉଛି ଦୟଣା ଚୋରୀ ଯାତ୍ରା।ସଂସ୍କୃତି ସଂମ୍ପନ୍ନ ଗାଁ ଟାଙ୍କୋଳର ଏହି ଯାତ୍ରା ବହୁ ପ୍ରାଚୀନ ପରମ୍ପରା ୧୯୧୮ମସିହାରୁ ପାରମ୍ପରିକ ଭାବରେ ଯାତ୍ରା ହୋଇଆସୁଛି ।ଯାତ୍ରାକୁ ପୁରିଲାଣି୧୦୬ବର୍ଷ। ନୃସିଂହ ପୁରାଣ ଅନୁସାରେ ରାକ୍ଷସ ପିତା ହିରଣ୍ୟକସ୍ୟପ କବଳରୁ ଭକ୍ତ ପ୍ରହ୍ଲାଦ କୁ ରକ୍ଷା କରିବା ପାଇଁ ଭଗବାନ ନୃସିଂହ ନିଜର ନଖରେ ହିରଣ୍ୟକସ୍ୟପକୁ ବଧ କରିଥିଲେ।ବଧ କରି ସାରିବାପରେ ଅସୁର ପେଟର ଅନ୍ତ ନାଡିରୁ ହରହରି ଶୁଭିଥିଲା ଛଭଗବାନ ନୃସିଂହ ସେହି ନାଡିକୁ ଚୁପୁଡି ପ ଇତା କରି ପିନ୍ଧି ଥିଲେ ଏବଂ

ଅନ୍ତନାଡିରୁ ବାହାରିଥିବା ରସକୁ ଫୋପାଡିବା ବେଳେ ତାହା ଦେବରାଜ ଇନ୍ଦ୍ରଙ୍କ ବଗିଚାରେ ପଡିଥିଲାଛ ସେହିଠାରେ ଦୟଣା ଗଛର

୩ ଦୁର୍ବୃତ୍ତଙ୍କ ସହ କ୍ରେତା ଗିରଫ: ଅଳଙ୍କାର ସାମଗ୍ରୀ ଜବତ

କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ ଯାବରା ପଂଚାୟତ ବରକୋଳିପାଟଣା ଗ୍ରାମର ତୋଫାନ ମଳିକଙ୍କ ଘରୁ ଗତ ୧୪ତାରିଖ ରାତ୍ରିରେ ଚୋରୀ ହୋଇଥିବା ଅଳଙ୍କାର ସାମଗ୍ରୀ ଓ ନଗଦ ଟଙ୍କା ସହ ଆସାମୀ ତ୍ରୟ ଓ କ୍ରେତାଙ୍କୁ କୁଆଖିଆ ଥାନା ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି। ପ୍ରକାଶ ଯେ ଗତ ୧୪ତାରିଖ ରାତ୍ରିରେ ବରକୋଳିପାଟଣା ଗ୍ରାମର ତୋଫାନ ମଳିକ ସପରିବାରେ ସ୍ଥାନୀୟ ସିଂହାପୁର ଯାତ୍ରାକୁ ବୁଲି ଯାଇଥିଲେ। ସେହି ସୁଯୋଗରେ ଚୋରମାନେ ତାଙ୍କ ଘରେ ପଶି ତାଙ୍କ ଅଳଙ୍କାର ସାମଗ୍ରୀ ସହ ନଗଦ ୨୫ ହଜାର ଟଙ୍କା ଲୁଟି ନେଇଥିଲେ। ଏ ସମ୍ପର୍କରେ ତୋଫାନ କୁଆଖିଆ ଥାନାରେ ୧୫ ତାରିଖ ସକାଳେ ଏତଲା ଦାୟର କରିଥିଲେ। କୁଆଖିଆ ଥାନା ଏସ୍.ଆଇ. ହେମଲତା ଦାସ ଘଟଣାର ତଦନ୍ତ ଯାରି ରଖି ଘଟଣାରେ ସମ୍ପୃକ୍ତ ୪ଜଣକୁ ଗିରଫ କରିଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ଜେନାପୁର ଥାନା ଅଂଟିଆ ଘାସିବର ହୀରା ବାରିକ(୨୯)ପିତା ସୁଦର୍ଶନ ବାରିକ, କୃଷ୍ଣ ଦଳେଇଙ୍କ ପୁଅ ଶରତ ଦଳେଇ (୨୬)ଘର ଜେନାପୁର ଥାନା କୁସ୍ତିରା ଏବଂ ଅନ୍ୟ ଜଣେ କୃଷ୍ଣ ବେହେରାଙ୍କ ପୁଅ କେଶବ ଚନ୍ଦ୍ର ବେହେରା (ସିପୁ) ଘର ସୁଲେର ବୈରୀ ଥାନା ଏବଂ ଚୋରୀ ସାମଗ୍ରୀ କ୍ରୟ କରିଥିବା ଛତିଆ ଦୋକାନୀ ଅସିତ୍ କୁମାର ସାହୁ ଘର ମାହାଙ୍ଗା ଅଟେ। ଏହି ଚୋର ୩ଜଣ ଚୋରୀ ଅଳଙ୍କାରକୁ ଅସିତ୍‌କୁ ବିକ୍ରୟ କରିଥିଲେ। କୁଆଖିଆ ଥାନା ପୁଲିସ ଅସିତ୍ ପାଖରୁ ସୁନା ହାର, ୨ହଳ କାନଫୁଲ, ୨ ପଦକ, ନଗଦ ୧୪,୫୦୦ଟଙ୍କା ଜବତ କରିଥିବା ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ସୂତ୍ରରୁ ଜଣାପଡିଛି। ଆସାମୀ ୪ଜଣଙ୍କୁ ଥାନା କେସ୍ ନଂ-୧୬୪ରେ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି।

ଆଇଟିସି ନେକ୍ସଟ' ଅଧ୍ୟକ୍ଷ ସଞ୍ଜୀବ ପୁରୀଙ୍କ ସହ ଆଲୋଚନା

ବ୍ୟାସନଗର, (ଜିପ୍ର): ଇଣ୍ଡିଆନ ଚାମ୍ବର ଅଫ କମର୍ସର ଲେଡ଼ିଜ ଷ୍ଟଡି ଗ୍ରୁପ ଦ୍ୱାରା ଆଇଟିସି ଲିମିଟେଡ଼ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ସଞ୍ଜିବ ପୁରୀଙ୍କ ସହିତ ଏକ ଅନନ୍ୟ ଅଧିବେଶନ ପଶ୍ଚିମବଙ୍ଗର ତାରକା ହୋଟେଲ ଆଇଟିସି ରୟାଲ ବେଙ୍ଗଲରେ ଆୟୋଜନ ହୋଇଯାଇଅଛି। କାର୍ଯ୍ୟକ୍ରମଟି କମ୍ପାନୀର କୌଶଳୀକ ଲକ୍ଷ ଓ ଭବିଷ୍ୟତ ପନ୍ଥା ଉପରେ ଉପରେ ବେଷ୍ଟିତ ଥିଲା। ଆଇଟିସି ଅଧକ୍ଷ ସଞ୍ଜୀବ ପୁରୀ ଏହାର ବିଭିନ୍ନ ବ୍ୟବସାୟିକ କ୍ଷେତ୍ର ଯଥା ଏଫଏମସିଜି, ହୋଟେଲ, ପେପର ବୋର୍ଡ, ପ୍ୟାକେଜିଂ ଏବଂ କୃଷି ବ୍ୟବସାୟ କ୍ଷେତ୍ରରେ ନିରନ୍ତରତା, ନବସୃଜନ, ଅଭିବୃଦ୍ଧି ଏବଂ ସମନ୍ୱୟ ପ୍ରତି ଆଇଟିସିର ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀମତୀ ଭାବନା ଅଗ୍ରୱାଲ, ସଭାପତି ଲେଡ଼ିଜ ଷ୍ଟଡି ଗ୍ରୁପ (ଏଲଏସଜି) ଏବଂ ଶ୍ରୀମତୀ ଇନୁ ବାଲା, ଏକ୍ଜିକ୍ୟୁଟିଭି କମିଟିଙ୍କ ସହିତ ଏହି ସ୍ୱତନ୍ତ୍ର ଅଧିବେଶନର ଆଲୋଚନା ସମୟରେ ଶ୍ରୀ ପୁରୀ ଆଇଟିସିର ଡିଜିଟାଲ ରୂପାନ୍ତକରଣ, ଉପଭୋକ୍ତା ଅନୁଭୂତି ବୃଦ୍ଧି ଏବଂ ସାମାଜିକ ବିକାଶ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଗତ କିଛି ଦଶନ୍ଧି ମଧ୍ୟରେ ଗ୍ରାହକ କେନ୍ଦ୍ରୀକତା ଏବଂ ପ୍ରତିଯୋଗିତାମୂଳକ ରହିବା ଆଇଟିସି ଭଳି ଏକ ବୃହତ ସଂସ୍ଥାକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବାରେ ସହାୟକ ହୋଇଛି ବୋଲି ଶ୍ରୀ ପୁରୀ ଏଲଏସଜି ସଭାପତି ଓ ସଦସ୍ୟଙ୍କ ପ୍ରଶ୍ନର ଉତରରେ କହିଥିଲେ। ଆଇଟିସିର ପରବର୍ତୀ ଦୃଷ୍ଟିଭଙ୍ଗୀକୁ ଶାଣିତ କରିବା ପାଇଁ ଶ୍ରୀପୁରୀ

କେତେକ ସମାଧାନ ବିଷୟରେ ଉଲ୍ଲେଖ କରିଥିଲେ। ସେ ଏକ କ୍ଷମତାସମ୍ପନ୍ନ ଦଳ ପାଇଁ ନିଜର ଯୁକ୍ତି ବାଢ଼ିଥିଲେ ଯାହାପାଖରେ ନିଜ ଲକ୍ଷ୍ୟରେ ପହଁଚିବା ପାଇଁ ନିଶ୍ଚିତି ନେବାର ସ୍ୱାଧୀନତା ଥାଏ। ସ୍ଥିରତା ପ୍ରତି ପ୍ରତିବଦ୍ଧତା, ଡିଜିଟାଲ ମାଧ୍ୟମର ବ୍ୟବହାର ଆଦି ଦ୍ୱାରା ସମସ୍ତ ଅଂଶୀଦାରମାନେ ଉତରଦାୟୀ ଅନୁଭବ କରିବା ଉଚିତ। ଶ୍ରୀ ପୁରୀ କମ୍ପାନୀର ଏକ ସ୍ୱତନ୍ତ୍ର ଡିଜିଟାଲ ସେବା ଆଇଟିସି ମାର୍ସ ର ଉଦାହରଣ ଦେଇ କହିଲେ ଯେ ଏହା ମାଧ୍ୟମରେ କୃଷକମାନଙ୍କୁ ଅନଲାଇନରେ ଉତ୍ପାଦ ବିକ୍ରି କରିବା ଏବଂ ସାର କିଣିବା ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଅଛି। କୋଭିଡ-୧୯ ମହାମାରୀ ସମୟରେ କମ୍ପାନୀର ଦ୍ରୁତ ନବସୃଜନ ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କମ୍ପାନୀ ଏହି ମହାମାରୀ ସମୟରେ ସମୟର ଆବଶ୍ୟକତାକୁ ହୃଦୟଙ୍ଗମ କରି ସ୍ୱଚ୍ଛତା ଉତ୍ପାଦ ପ୍ରସ୍ତୁତ କରିଥିଲା। ସେହିପରି ଯୋଗାଣ ଶୃଙ୍ଖଳା ବ୍ୟବସ୍ଥାରେ ସ୍ଥିତିସ୍ଥାପକ ହେବା ଏବଂ ଆଗରୁ ଦେଖାଦେଇଥିବା ସମସ୍ୟାକୁ ଦୂର କରିବା ମଧ୍ୟ କମ୍ପାନୀର ଦ୍ରୁତ ଅଭିବୃଦ୍ଧିରେ ସହାୟକ ହୋଇଅଛି ବୋଲି ଶ୍ରୀ ପୁରୀ ସୂଚନା ଦେଇଥିଲେ। ଏକ ସୁସ୍ଥ ଭବିଷ୍ୟତ ପାଇଁ କମ୍ପାନୀର 'ହେଲ୍ପ ଇଣ୍ଡିଆ ଇଟ ବେଟର' ସଂକଳ୍ପ ମାଧ୍ୟମରେ କମ୍ପାନୀ ବାଜରା ଓ ଶୀଘ୍ର ହଜମ ହେଉଥିବା ଦ୍ରୁତ୍ପାଜାତୀୟ ଉତ୍ପାଦ ପ୍ରସ୍ତୁତ କରୁଅଛି। ଗ୍ରାହକ ମାନଙ୍କ ସଚେତନତା ପ୍ରତି କମ୍ପାନୀର ନିରନ୍ତର ପ୍ରଚେଷ୍ଟା କମ୍ପାନୀ ଅଭିବୃଦ୍ଧିର ମୂଳମନ୍ତ୍ର ରହିଛି ବୋଲି ଶ୍ରୀ ପୁରୀ କହିଥିଲେ। ସମାଜ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଏହାର ପରିବେଶ ଏବଂ ସାମାଜିକ ମଙ୍ଗଳ ପଦକ୍ଷେପରୁ ସ୍ପଷ୍ଟ ଜାଣିହେବ ବୋଲି ଶ୍ରୀ ପୁରୀ ଦୃଢ଼ୋକ୍ତିର ସହ କହିଥିଲେ। କମ୍ପାନୀର ବିଭିନ୍ନ ସ୍ଥାନରେ ଥିବା କାରଖାନା ଏବଂ ହୋଟେଲଗୁଡିକ ପାଶର୍ବବର୍ତୀ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯାଉଅଛି ବୋଲି ସେ କହିଥିଲେ। ବାଙ୍କା.ଲୋ.ରରେ ଥିବା କମ୍ପାନୀର କାରାଖାନାଗୁଡିକର ଜଳାଭାବକୁ ଦୁରକରିବାପାଇଁ ବର୍ଷା ଜଳ ସଂରକ୍ଷଣ ଏବଂ ବୋରବେଲ ସ୍ଥାପନ ଆଦି ପଦକ୍ଷେପ ନିଆଯାଇଛି ବୋଲି ସେ ଜଣାଇଥିଲେ। ଭୂତଳ ଜଳସ୍ତରକୁ ପୁନରୁଦ୍ଧାର କରିବା ପାଇଁ ସେମାନେ ସ୍ଥାନୀୟ ସରକାର ଓ ବିଭିନ୍ନ ସମୁଦାୟଗୁଡିକ ସହିତ ଭାଗିଦାରୀରେ କାର୍ଯ୍ୟ କରୁଛନ୍ତି। ଆଇଟିସିର ପରବର୍ତ୍ତୀ ପରିକଳ୍ପନା ଲକ୍ଷ୍ୟ ହାସଲ କରିବାରେ କମ୍ପାନୀର ଆଭ୍ୟନ୍ତରୀଣ ସଂସ୍କୃତି ମୁଖ୍ୟ ଭୂମିକା ଗ୍ରହଣ କରେ ବୋଲି ସେ ଉପସ୍ଥିତ ଶ୍ରୋତାଙ୍କୁ ଜଣାଇଥିଲେ। ଶ୍ରୀ ପୁରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଭବିଷ୍ୟତକୁ ନେଇ ଆଶାବାଦୀ ହେବାକୁ ହେଲେ ସମସ୍ୟାର ଆଗୁଆ ଆକଳନ କରି ସମସ୍ୟା ଉପୁଜିବା ପୂର୍ବରୁ ପଦକ୍ଷେପ ନେବା ଆବଶ୍ୟକ। ଅଧିବେଶନର ଶେଷ ଭାଗରେ ସଞ୍ଜୀବ ପୁରୀ ତାଙ୍କ ବ୍ୟକ୍ତିଗତ ପସନ୍ଦ ସମ୍ପର୍କରେ ମତ ରଖିଥିଲେ। ତାଙ୍କର ମନ୍ତ୍ର, 'ଏକ ପରିବର୍ତନ କର। ସେ କହିଥିଲେ ବିଶ୍ୱକୁ ଖୁସି କରୁଥିବା ଭାରତୀୟ ବ୍ରାଣ୍ଡ ତିଆରି କରିବା ପାଇଁ ତାଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ଓ ରହିବ। ଏହି ଅଧିବେଶନ ଉପସ୍ଥିତ ଲୋକଙ୍କୁ ସମୃଦ୍ଧ କରିବା ସହିତ ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲା।

କଳସ ବୁଡାରେ ବାଡ଼ିଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ : ୩ ଅଟକ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ମା ହିଙ୍ଗୁଳାଙ୍କ କଳସ ବୁଡ଼ା ସମୟରେ ବାଡ଼ି ଖେଳ ପ୍ରଦର୍ଶନ କରିବାକୁ ଆସିଥିବା କଳାକାର ମାନଙ୍କ ଉପରେ ଅନ୍ୟ ଏକ ବାଡ଼ି ଖେଳ କଳାକାର ଗୋଷ୍ଠୀ ଆକ୍ରମଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ସୁତନନାନୁସାରେ ୨୨ ତାରିଖ ରାତିରେ ଶଙ୍ଖଚିଲା ମା ହିଙ୍ଗୁଳାଙ୍କ କଳସ ବୁଡ଼ା ଯାତ୍ରାରେ ବାଡ଼ି ଖେଳ ପ୍ରଦର୍ଶନ କରିବା ଲାଗି କମିଟି ପକ୍ଷରୁ ନିମନ୍ତ୍ରଣ ପାଇ ଜହ୍ନା ପଂଚାୟତ ଅନ୍ତର୍ଗତ କୁରୁପଦା ଗ୍ରାମର ଯାଦବ ସଂଘର କଳାକାର ମାନେ ବାଡ଼ି ଖେଳିବାକୁ ଆସିଥିଲେ। ବାଡ଼ି ଖେଳ ସରିବା ପରେ କମିଟି ପକ୍ଷରୁ ସଂଘର କଳାକାର ମାନଙ୍କ ନିମନ୍ତେ ସ୍ଥାନୀୟ ଏକ ଦୋକାନରେ ଜଳଖିଆ ଖାଇବା ଲାଗି ବନ୍ଦୋବସ୍ତ କରାଯାଇଥିଲା। ତେବେ ଉକ୍ତ କଳାକାର ମାନେ ସେଠରେ ଜଳଖିଆ ଖାଉଥିବା ବେଳେ ଠାକୁରପାଟଣା ଗ୍ରାମର ବାଡ଼ି ଖେଳିବାକୁ ଆସିଥିବା କିଛି ଯୁବକ କୁରୁପଦାର ଗୋଟିଏ ପିଲାକୁ ଅତର୍କିତ ଆକ୍ରମଣ କରିଥିଲେ। ତେବେ ଅନ୍ୟମାନେ ଏହାକୁ ବିରୋଧ କରିବାରୁ ଠାକୁରପାଟଣା ଗ୍ରାମର ୫୦ ଜଣ ବ୍ୟକ୍ତି କୁରୁପଦା ଗ୍ରାମର ଯୁବକ ମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ କୁରୁପଦା ଗ୍ରାମର ମୁରଲୀଧର ପଲେଇଙ୍କ ପୁଅ ସତ୍ୟସାଇ ପଲେଇ(୧୦) ଓ ନଜେ ମୁରଲୀଧର(୪୦)ଙ୍କ ସମେତ ନାଣ୍ଡୁ ନାୟକ(୫୫)ଙ୍କ ଭଗବାନ ପଲେଇ,ନୃସିଂହ ବେହେରା,ଅବିନାଶ ପଲେଇ,କ୍ଷେତ୍ରବାସୀ ପଲେଇ, ଦୁଶାଃସନ ଦାସ, ଭୀମ ଚରଣ ଦାସ, ରାମଚନ୍ଦ୍ର ପଲେଇ, ସିତୁ ପଲେଇ, ଲକ୍ଷ୍ମୀଧର ଦାସ, ଦୀପକ ନାୟକ ପ୍ରମୁଖ ଆହତ ହୋଇଥିଲେ। ଉକ୍ତ ଆକ୍ରମଣ ପରେ କମିଟି ପକ୍ଷରୁ ଆହତ ବ୍ୟକ୍ତି ମାନଙ୍କୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଭର୍ତ୍ତା କରାଯାଇଥିଲା। ତେବେ ଦୁଇ ଜଣ ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଏ ନେଇ କୁରୁପଦା ଯାଦବ ସଂଘ ପକ୍ଷରୁ ଶଙ୍ଖଚିଲା ଫାଣ୍ଡିରେ ଅଭିଯୋଗ ପରେ ପୁଲିସ ଠାକୁରପାଟଣା ଗ୍ରାମର ତିନି ଜଣକୁ ଅଟକ ତଦନ୍ତ ଚାଲୁ ରଖିଛି।

ଶଶୁର-ଜ୍ୱାଇଁଙ୍କ ନକଲି ମଦ କାରଖାନା ଠାବ

ପାରାଦୀପ ,(ଜିପ୍ର) :ଶ୍ୱଶୁର ଘର କୁଜଙ୍ଗ ଗଣ୍ଡକୀପୁର ଆଉ ଜ୍ୱାଇଁ ଘର କେନ୍ଦ୍ରପଡା ଜିଲ୍ଲା ଯଦୁପୁର ଗଡ଼ା ସମ୍ପର୍କ ଶ୍ୱଶୁର ଜ୍ୱାଇଁ ଆଉ କାମ ନକଲି ମଦ ତିଆରି କରିବା ଏଭଳି ଘଟଣା ଦେଖିବାକୁ ମିଳିଛି ।ପାରାଦୀପ ଉପକଣ୍ଠ କୁଜଙ୍ଗ ଥାନା ଗଣ୍ଡକୀପୁର ଗ୍ରାମରେ ଏହି ଗ୍ରାମରୁ ବିପୁଳ ପରିମାଣ ର ନକଲି ମଦ ତିଆରି ସମାଗ୍ରୀ ଜବତ କରିଛି। ମଙ୍ଗଳବାର ଅବକାରୀ ବିଭାଗ ପାରାଦୀପ ଅବକାରୀ ଉପଖଣ୍ଡ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ ଙ୍କ ସମେତ ପାଞ୍ଚ ଜଣିଆ ଟିମ୍ ଆଜି ଗଣ୍ଡକୀପୁର୍ ଗ୍ରାମର ରମାକାନ୍ତ ସାହୁ ଙ୍କ ଘର ଉପରେ ଅତର୍କିତ ଚଢାଉ କରିବା ପରେ ତାଙ୍କ ଘର ଭିତରୁ ନକଲି ମଦ ବୋତଲ , ନକଲି ଲେବଲ୍ ଷ୍ଟିକର , ନକଲି ଠିପି ଓ ନକଲି ମଦ ତିଆରି କେମିକାଲ ଜବତ ହୋଇଛି । ଏତେ ସଂଖ୍ୟାରେ ନକଲି ମଦ ରମାକାନ୍ତ ନିଜ ଘରେ ତିଆରି କରୁଥିବା ବେଳେ ଦୀର୍ଘ ତିନିବର୍ଷ ଧରି ସେ ଜଗତସିଂପୁର କେନ୍ଦ୍ରାପଡା ଓ ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ଜଣାପଡ଼ିଛି ।ଏହି କାର୍ଯ୍ୟରେ ଏକ ରାକେଟ କାର୍ଯ୍ୟ କରୁଥିବା ବେଳେ କେନ୍ଦ୍ରପଡା ର ଜୈନିକ ମାଫିଆ ତାଙ୍କ ଜ୍ୱାଇଁ ସହାୟତାରେ ରମାକାନ୍ତ ଙ୍କୁ ସବୁ ଯୋଗାଇ ଦେଉଥିବା କୁହାଯାଉଛି ।ଅବକାରୀ ବିଭାଗ ରମାକାନ୍ତ କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଜ୍ୱାଇଁଙ୍କୁ ଖୋଜିବାରେ ବ୍ୟସ୍ତ ଦୀର୍ଘ ବର୍ଷ ଧରି ରମାକାନ୍ତ ଓ ତାଙ୍କ ପରିବାର ନିଜ ଘର ମଧ୍ୟରେ ମଦ ତିଆରି ପାଇଁ ଆବଶ୍ୟକ ସମାଗ୍ରୀ ଯଥା ଷ୍ଟିକର , ଠିପି , ଖାଲି ବୋତଲ , ସରକାରୀ ଲେବୁଲ ଓ କେମିକାଲ ଆଣି ତିଆରି କରୁଥିବା ବେଳେ ସ୍ଥାନୀୟ ପୋଲିସ କିଭଳି ଏହାର ଟେର ପାରୁନଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ଜାହାଜ ଭିତରେ ଶ୍ରମିକଙ୍କ ମୃତ୍ୟୁ

ପାରାଦୀପ, (ଜିପ୍ର) : ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଶ୍ରମିକ ଙ୍କ ସନ୍ଦେହ ଜନକ ମୃତ୍ୟୁ ଗତ ଦୁଇଦିନ ତଳେ ରାତି ଡିଉଟି ରେ ଯାଇଥିବା ବଡ଼ମ୍ବା ନରସିଂହପୁର ଅଞ୍ଚଳର ବିଭୂତି ବାରିକ ଏଷ୍ଟାଭେଟର ବା ଲୋଡ଼ର ରେ ଜାହାଜ ର ହାଚ ଭିତରେ କାର୍ଯ୍ୟ କରୁଥିଲେ କିନ୍ତୁ ଆଜି ସକାଳୁ ୩୦ ଘଣ୍ଟା ପରେ ତାଙ୍କ ମୃତ ଦେହ ଉଦ୍ଧାର କରାଯାଉଛି ଏସ୍ଟ୍ୟୁ ବର୍ଥ ରେ ଲାଗିଥିବା ଜାହାଜ ଏମଭି ଉଲ୍ଲାଶୋଇ ରେ ଲାଗିଥିବା ଏଷ୍ଟାଭେଟର ରେ କାମ କରୁଥିବା ବେଳେ କିଭଳି ତାଙ୍କର ମୃତ୍ୟୁ ହେଲା , ତାଙ୍କ ଜାଗାରେ ତାଙ୍କ ରିଲିଭର ଯାଇ ସେଠାରେ କାର୍ଯ୍ୟ କରୁଥିବା ବେଳେ କିଭଳି ବିଭୂତି ଙ୍କୁ ଦେଖି ପାରିଲେ ନାହିଁ , ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛ

ସର୍ପାଘାତରେ ୫ବର୍ଷ ଶିଶୁପୁତ୍ରର ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ପଞ୍ଚାୟତରେ ଘଟିଯାଇଛି ଏକ ଅଘଟଣ । ବାବୁଜଙ୍ଗ ଭୂୟାଁସାହି ଗ୍ରାମର ଶିବ ପ୍ରସାଦ ମହାପାତ୍ରଙ୍କ ଏକମାତ୍ର ୫ବର୍ଷର ଶିଶୁପୁତ୍ର ଶ୍ରୀଭାଂଶୁ ମହାପାତ୍ର ସକାଳ ସମୟରେ ଘରେ ଶୋଇଥିବା ବେଳେ ଦୁଇଟି ସାପ ଅଚାନକ ଆସି କାମୁଡ଼ି ଦେଇଥିଲେ । କିଛି ସମୟ ପରେ ବାପା ଓ ମାଆ ଘର ଭିତରକୁ ପଶି ଏଭଳି ଦୃଶ୍ୟ ଦେଖି ସାପକୁ ହୁଡ଼ାଇବାକୁ ଏକ ଛାଞ୍ଜୁଣି ଉଠାଇଥିଲା ବେଳେ ଛାଞ୍ଜୁଣି ତଳୁ ଆହୁରି ତିନୋଟି ଛୋଟ ଛୋଟ ସାପ ଛୁଆ ବାହାରିଥିଲେ । ଫଳରେ ଦୁଇ ବିଷଧର ସାପକୁ ହୁଡ଼ାଇବାକୁ ପରିବାର ଲୋକେ ବିଫଳ ହୋଇଥିଲେ ଏବଂ ସାପ କାମୁଡ଼ାରେ ଶ୍ରୀଭାଂଶୁଙ୍କ ମୃତ୍ୟୁ ଘଟିଥିଲା । ଏଭଳି ଦୁଃଖଦ ଏବଂ ଭୟାନକ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିଲା ବେଳେ ଏକମାତ୍ର ଶିଶୁ ପୁତ୍ରକୁ ହରାଇ ଶିବ ପ୍ରସାଦ ମହାପାତ୍ର ଏବଂ ମାତା ନମିତା ମହାପାତ୍ର ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି । ଶ୍ରୀ ମହାପାତ୍ରଙ୍କ ସଂସାର କହିଲେ ଏକ ମାତ୍ର ପୁତ୍ର ଏବଂ ଏକ କନ୍ୟା । ଶ୍ରୀ ମହାପାତ୍ର ଅତ୍ୟନ୍ତ ଗରିବ ଶ୍ରେଣୀର ପରିବାର ହୋଇଥିବାରୁ ଏଭଳି ଦୁଃଖଦ ଘଟଣା ଘଟିବା ପରେ ପରିବାର ବର୍ଗ ମାନସିକ ଏବଂ ଆର୍ଥିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି । ଶ୍ରୀ ମହାପାତ୍ରଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀ , ସରପଞ୍ଚ ମିଲନ କୁମାର ଭୂୟାଁ ଦୃଢ ଦାବି କରିଛନ୍ତି ।

ସଡକ ଦୁର୍ଘଟଣାରେ ଅଜଣା ବ୍ୟକ୍ତି ଗୁରୁତର

ବାଲିଟୁଠ, (ସବ୍ୟୁ) : ଏରସମା ଥାନା ଅଧିନ ବଳେଇପୁର ଚଟୁଆ ରାସ୍ତାରେ ସଡକ ଦୁର୍ଘଟଣାରେ ଜଣେ ଅଜଣା ବ୍ୟକ୍ତି ଗୁରୁତର ହୋଇଛନ୍ତି।ସୂତନା ଅନୁସାରେ ବଳେଇପୁର ରାସ୍ତା କଡରେ ଥିବା ସାହତେଇ ମନ୍ଦିର ନିକଟରେ ଏକ ଅଜଣା ବେକ୍ତି ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଥିଲା ।ପରିବହନ ଆପ ରୁ ଠିକଣା ସମ୍ପର୍କରେ ତଥ୍ୟ ମିଳି ପାରୁନ ଥିବା ବେଳେ ଏହା ଜଗତସିଂହପୁର ଜିଲ୍ଲାର ଗାଡି ଓ ତନୟା ନାୟକ ପିତା ବନମାଳୀ ପ୍ରଧାନ ବୋଲି ଜଣା ପଡୁଛି ।ଖବର ଲେଖା ହେବା ପର୍ଯ୍ୟନ୍ତ ଆହତ ବ୍ୟକ୍ତିଙ୍କ କୌଣସି ଠିକଣା ମିଳି ପାରି ନ ଥିବା ବେଳେ କେଉଁ ମେଡିକାଲ ରେ ଚିକିତ୍ସିତ ହେଉଛନ୍ତି ଜଣାପଡିନାହିଁ ।

ସାଧାରଣ ନିର୍ବାଚନ ପାଇଁ ପୋଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ

ପାଟକୁରା, (ସବ୍ୟୁ): ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ପୋଲିସ୍ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଆସନ୍ତା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏବଂ ଭୟଭୀତ ନହୋଇ ଭୋଟରମାନେ କିପରି ନିଜର ମତ ସାବ୍ୟସ୍ତ କରିବେ ସେ ନେଇ ଏହି ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ପାଟକୁରା ଥାନାଧିକାରୀଙ୍କ ନେତୃତ୍ୱରେ ସି.ଆଇ.ଏଫ୍ ଯବାନ୍‌ମାନେ ପାଖଡ ଗ୍ରାମ ପଂଚାୟତ ଓ ଗରଦପୁର ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମ ବୁଲି ଫ୍ଲାଗ୍ ମାର୍ଚ୍ଚ କରିଛନ୍ତି। ଏହି ଫ୍ଲାଗ୍ ମାର୍ଚ୍ଚ ସମୟରେ ଯବାନ୍‌ମାନେ ନିର୍ଭୟରେ ଶାନ୍ତି ଶୃଙ୍ଖଳାର ସହିତ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ମତଦାନ କରିବାକୁ ଭୋଟରମାନଙ୍କୁ ସଚେତନ କରିଛନ୍ତି।

ମହିଳାଙ୍କୁ ଆକ୍ରମଣ ଅଭିଯୋଗର ତଦନ୍ତ ଆରମ୍ଭ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅର୍ନ୍ତଗତ ଜହ୍ନା ପଂଚାୟତର ଛୋଟରାୟପୁର ଗ୍ରାମରେ ଜୈନିକ ମହିଳାଙ୍କୁ ମରଣାନ୍ତକ ଆକ୍ରମଣର ଅଭିଯୋଗ ହୋଇଛି । ଏନେଇ ଉଭୟ ପକ୍ଷ ଥାନାର ଦ୍ୱାରସ୍ଥ ହେବା ପରେ ପୁଲିସ ଘଟଣାସ୍ଥଳେ ପହଂଚି ତଦନ୍ତ ଜାରି ରଖିଛି । ପ୍ରକାଶଯେ ଛୋଟରାୟପୁର ଗ୍ରାମର ଗଦାଧର ପାଢୀଙ୍କ ପୁଅ ସଦାଶିବ ପାଢୀଙ୍କ ଅଭିଯୋଗ ମୁତାବକ ସେ ଘରୁ ଦୋକନ ଅସୁଥିବା ବେଳେ ତାଙ୍କ ଗ୍ରାମର ଗଜେନ୍ଦ୍ର ପାଢୀ ଠାକୁର ଘର ନିର୍ମାଣକୁ ନେଇ ତାଙ୍କୁ ଗାଳିଗୁଲଜ କରିଥିଲେ । ଏହି ସମୟରେ ବଟକୃଷ୍ଣ ପାଢୀ, ହରେକୃଷ୍ଣ ପାଢ